

ଆଜିଠୁ ମହିଳା ଟି-୨୦ ବିଶ୍ୱକପ
▶କ୍ରୀଡ଼ା ପୃଷ୍ଠାରେ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-344 ◆FRIDAY ◆12 JUNE 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୪୪ ◆ଶୁକ୍ରବାର ◆୧୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

3001/34/2627

୨ ବର୍ଷରେ ଗୁଣା ବିକାଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବିକାଶର ଧାରା ଓଡ଼ିଶା ସାରା

## ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

**ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ**

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

**୧୨ ଜୁନ୍ ୨୦୨୬ | ଅପରାହ୍ନ ୪:୦୦ ଘଟିକା | ଇଡ଼କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର**

OIPR-3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଖଡ଼ଗେ, ପୱନ ଖେରାଙ୍କ ସମେତ ୧୮ ପ୍ରାର୍ଥୀ ନିର୍ବାଚିତ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ରାଜ୍ୟସଭାର ଖାଲି ପଡ଼ିଥିବା ୨୬ଟି ଆସନ ମଧ୍ୟରୁ ୧୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦଳର ଗଣମାଧ୍ୟମ ଓ ପ୍ରଚାର ମୁଖ୍ୟ ପୱନ ଖେରା କର୍ଣ୍ଣାଟକରୁ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୮ଟି ଆସନ ପାଇଁ ଆସନ୍ତା ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ତେବେ ଏହି ନିର୍ବାଚନରେ ବିଜେପିକୁ ବଡ଼ ସଫଳତା ମିଳିଛି। ନିର୍ବାଚିତ ୧୮ ଜଣଙ୍କ ମଧ୍ୟରେ ବିଜେପିର ୧୦ ଜଣ, କଂଗ୍ରେସର ୪ ଜଣ, ଟିଡିପିର ୩ ଜଣ ଏବଂ ଜନସେନା ପାର୍ଟିର ଜଣେ ପ୍ରାର୍ଥୀ ରହିଛନ୍ତି। ବିଜେପି ଗୁଜରାଟର ସମସ୍ତ ୪ଟି ଆସନ ଏବଂ ମଧ୍ୟପ୍ରଦେଶର ସମସ୍ତ ୩ଟି ଆସନରେ ବିଜୟ ଲାଭ କରିଛି। ଏହି ରାଜ୍ୟଗୁଡ଼ିକରେ କଂଗ୍ରେସ ନିଜର ଆସନ ହରାଇଥିବା ବେଳେ ବିଜେପି ୨ଟି ଅତିରିକ୍ତ ଆସନ ହାସଲ କରିବାରେ ସଫଳ ହୋଇଛି। ସେପଟେ କର୍ଣ୍ଣାଟକରେ କଂଗ୍ରେସ ୩ଟି ଆସନ ଜିତିଥିବା ବେଳେ ଏନଡିଏ ଗୋଟିଏ ଆସନରେ ବିଜୟୀ ହୋଇଛି। ରାଜସ୍ଥାନରେ କିନ୍ତୁ ସ୍ଥିତି ଅପରିବର୍ତ୍ତିତ ରହିଛି। ସେଏଠାରେ ବିଜେପି ୨ଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ପ୍ରାପ୍ତ ହୋଇଛି। ଜୁନ୍ ୧୮ରେ ଝାଡ଼ଖଣ୍ଡର ୨ଟି ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ, ମିଜୋରାମ, ମହାରାଷ୍ଟ୍ର ଓ ତାମିଲନାଡୁର ଗୋଟିଏ ଲେଖାଏଁ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ୨୪୫ ସଦସ୍ୟ ବିଶିଷ୍ଟ ଉଚ୍ଚ ସଦନରେ ବର୍ତ୍ତମାନ ଏନଡିଏର ସାଂସଦ ସଂଖ୍ୟା ୧୪୭ରେ ପହଞ୍ଚିଛି। ଅନ୍ୟପଟେ ବିରୋଧୀ ଦଳଙ୍କ ପାଖରେ ୬୭ ଜଣ ଏବଂ କୌଣସି ମେଣ୍ଟରେ ନଥିବା ଆଞ୍ଚଳିକ ଦଳଗୁଡ଼ିକ ପାଖରେ ୨୮ ଜଣ ସାଂସଦ ରହିଛନ୍ତି।

**ବଳକା ୮ ରାଜ୍ୟସଭା ଆସନ ପାଇଁ ୧୮ରେ ମତଦାନ**

## ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ନାକଚ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନ ପାଇଁ ନିଜର ପ୍ରାର୍ଥିପତ୍ର ଖାରଜ ହେବା ପରେ କଂଗ୍ରେସ ନେତ୍ରୀ ମୀନାକ୍ଷୀ ନଟରାଜନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ସତ୍ୟପାଠରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଇଥିବା ଅଭିଯୋଗରେ ତାଙ୍କ ନାମାଙ୍କନପତ୍ରକୁ ନାକଚ କରାଯାଇଥିଲା। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସେ ଦାୟର କରିଥିବା ଆବେଦନର ଶୁଣାଣି ଶୁକ୍ରବାର ଦିନ ସର୍ବୋଚ୍ଚ ଅଦାଲତରେ ଅନୁଷ୍ଠିତ ହେବ। ସର୍ବୋଚ୍ଚ ଅଦାଲତର ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିଚାରପତି ଅତୁଲ ଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ତେବେ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ସମୟରେ ଏହି ଆବେଦନ କେତେଦୂର ଗ୍ରହଣଯୋଗ୍ୟ, ସେ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ମୀନାକ୍ଷୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଯୁକ୍ତି ବାଢ଼ିଛନ୍ତି ଯେ, କେବଳ ଦୁଇ ବର୍ଷ ବା ତା'ଠାରୁ ଅଧିକ ସଜା ହୋଇପାରୁଥିବା ଅପରାଧିକ ମାମଲା ବିଷୟରେ ସୂଚନା ଦେବା ଆବଶ୍ୟକ, ମାତ୍ର ଏହି ମାମଲାରେ କେବଳ ସମନ ଜାରି କରାଯାଇଥିଲା।

## ସିଆଇଡି ଅଫିସରେ ହାଜର ହେଲେ ଅଭିଷେକ ବାନାର୍ଜୀ

କୋଲକାତା/ଗୁଆହାଟୀ, ୧୧।୬(ଏଜେନ୍ସି): ବିଧାୟକଙ୍କ ଦସ୍ତଖତ ଜାଲିଆତି ମାମଲାରେ ଟିଏମ୍ସି ନେତା ଅଭିଷେକ ବାନାର୍ଜୀ ଆଜି ସିଆଇଡି ଅଫିସରେ ହାଜର ହୋଇଛନ୍ତି। ଏହି ମାମଲାରେ ଦୀର୍ଘ ସମୟ ଧରି ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଛନ୍ତି। ଏହି ମାମଲାରେ ତାଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି କଲିକତା ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୨୦୨୧ ମସିହାର ଏକ ପୁରୁଣା ମାମଲାରେ ତ୍ରିପୁରାର ଏକ କୋର୍ଟ ଅଭିଷେକଙ୍କୁ ସମନ ଜାରି କରି ଆସନ୍ତା ଜୁନ୍ ୨୨ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ମସିହାରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଗିରଫ ହୋଇଥିବା ୧୪ ଜଣ ଟିଏମସି କର୍ମୀଙ୍କୁ ମୁକ୍ତ କରିବା ପାଇଁ ଅଭିଷେକ ଏବଂ ଅନ୍ୟ ନେତାମାନେ ତ୍ରିପୁରାର ଖୋୱାଇ ଥାନାକୁ ଯାଇଥିଲେ। ସେଠାରେ ସେମାନେ ପୋଲିସ ଅଧିକାରୀଙ୍କ ସହ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ପେଣ୍ଟାଗନରେ ବିଷାକ୍ତ ଗ୍ୟାସ୍ ଲିକ୍, ତାଲା ପଡ଼ିଲା

ୱାଶିଂଟନ୍, ୧୧।୬(ଏଜେନ୍ସି): ଆମେରିକା ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନରେ ଏକ ସମ୍ଭାବ୍ୟ ବିଷାକ୍ତ ପଦାର୍ଥ କିମ୍ବା ବାୟୁ ଗୁଣବତ୍ତା ସମସ୍ୟାକୁ ନେଇ ଗୁରୁବାର ହଇଚଇ ସୃଷ୍ଟି ହୋଇଛି। ପେଣ୍ଟାଗନ ପ୍ରବକ୍ତା ଶନ୍ ପାର୍ନେଲଙ୍କ ସୂଚନା ଅନୁଯାୟୀ, ବିଲ୍ଡିଂ ମଧ୍ୟରେ ଥିବା ସ୍ୱୟଞ୍ଚାଳିତ ମନିଟରିଂ ସିଷ୍ଟମ୍ ଏକ ଆଲର୍ଟ ଜାରି କରିଥିଲା। ସୁରକ୍ଷା ଦୃଷ୍ଟିରୁ ବିଲ୍ଡିଂର ଅନେକ ମହଲାକୁ ତୁରନ୍ତ ଲକଡାଉନ୍ କରାଯିବା ସହ କିଛି ଅଂଶରୁ କର୍ମଚାରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବାୟୁର ମାନ ପରୀକ୍ଷା ପାଇଁ ଦୁଇ ଘଣ୍ଟା ସମୟ ଲାଗିଥିଲା। ଘଟଣାସ୍ଥଳରେ ବିଭିନ୍ନ ଏଜେନ୍ସିର ଜରୁରୀକାଳୀନ ପ୍ରତିକ୍ରିୟା ଦଳ ମୁତୟନ ହୋଇଥିଲେ। ପ୍ରାଥମିକ ସତର୍କତା ପରେ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଥିଲେ ହେଁ, କିଛି ସମୟ ପରେ ସ୍ଥିତି ସ୍ପଷ୍ଟ ହୋଇଥିଲା। ସିଏନ୍ଏନ୍ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ଘଟଣାଟି ଏକ ମିଥ୍ୟା ସତର୍କତା ଥିଲା। ପରୀକ୍ଷା ପରେ କୌଣସି କ୍ଷତିକାରକ ବିଷାକ୍ତ ପଦାର୍ଥ ମିଳିନଥିବା ଜଣାପଡ଼ିଛି। ତେବେ ପେଣ୍ଟାଗନ ଅଧିକାରୀମାନେ ଏପର୍ଯ୍ୟନ୍ତ ଏହି ଆଲର୍ଟ କେଉଁ କାରଣରୁ ସୃଷ୍ଟି ହୋଇଥିଲା ସେ ନେଇ ସ୍ପଷ୍ଟ ସୂଚନା ପ୍ରଦାନ କରିନାହାଁନ୍ତି। କିନ୍ତୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ସମସ୍ତ ପଦକ୍ଷେପ ନିଆଯାଇଥିବାରୁ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।

## ଆସାମରେ ଭୂମିକମ୍ପ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଆଜି ରାତିରେ ଆସାମରେ ଭୂମିକଂପ ଅନୁଭୂତ ହୋଇଛି। ଆଜି ରତି ୯ଟା ପରେ ହୋଇଥିବା କମ୍ପନର ତୀବ୍ରତା ୪.୭ ଥିବା ମପାଯାଇଛି। ଏହାର ଝଟକା ସମଗ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଅନୁଭୂତ ହୋଇଛି। ତେବେ ଏହା ଯୋଗୁଁ କୌଣସି କ୍ଷୟକ୍ଷତି ହୋଇଛି କି ନାହିଁ, ତାହାର ରିପୋର୍ଟ ମିଳିନାହିଁ। ତେବେ ଏହାକୁ ନେଇ ଲୋକେ ଆତଙ୍କିତ ଅଛନ୍ତି।

# ହରିୟାଣାରେ ବିଷ୍ଣୋଇ ଗ୍ୟାଙ୍ଗର ଆତଙ୍କ

## ଜିମ୍ ମାଲିକଙ୍କୁ ଗୁଳି କରି ହତ୍ୟା



ହାନ୍ସି (ହରିୟାଣା), ୧୧।୬(ଏଜେନ୍ସି): ହରିୟାଣାର ହାନ୍ସି ସହରରେ ଗୁରୁବାର ସକାଳେ ଜଣେ ଜିମ୍ ମାଲିକଙ୍କୁ ଦିନଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଛି। ବାଇକରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ମାତ୍ର ୫ ସେକେଣ୍ଡ ମଧ୍ୟରେ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଜିମ୍ ସଞ୍ଚାଳକ କପିଲଙ୍କୁ ହତ୍ୟା କରିଛନ୍ତି। କୁଖ୍ୟାତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରିଛି। ସକାଳ ପ୍ରାୟ ୫:୩୦ ସମୟରେ କପିଲ ଯୁବକ-ଯୁବତୀମାନଙ୍କୁ ବ୍ୟାୟାମ ଶିଖାଉଥିବା ବେଳେ ହେଲମେଟ ପିନ୍ଧିଥିବା ଦୁଇ ଆକ୍ରମଣକାରୀ ତାଙ୍କ ମୁଣ୍ଡ ଓ ପିଠିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ହିଁ କପିଲଙ୍କ ମୃତ୍ୟୁ ହୋଇଥିଲା। ଏହି ଗୁଳିକାଣ୍ଡରେ ଶିଖା ନାମକ ଜଣେ ମହିଳା ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡ ପରେ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଅଡିଓ ବାର୍ତ୍ତା ଜାରି କରି ଏହି ହତ୍ୟା ପାଇଁ ନିଜ ଗ୍ୟାଙ୍ଗକୁ ଦାୟୀ କରିଛି। ପୂର୍ବ ଶତ୍ରୁତା ଓ ଚେତାବନୀକୁ ଅବଜ୍ଞା କରିବା ଯୋଗୁଁ କପିଲଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛି। ଏହି ଅଡିଓ ବାର୍ତ୍ତାରେ ଦିଲ୍ଲୀରେ ହୋଇଥିବା ଏକ ଗୁଳିକାଣ୍ଡ ପାଇଁ ମଧ୍ୟ ଗ୍ୟାଙ୍ଗ ନିଜକୁ ଦାୟୀ କରିଛି। ଏଥିସହ ବଲିଉଡ ଅଭିନେତା ସଲମାନ ଖାନଙ୍କ ନିକଟତର ହେଉଥିବା ବ୍ୟକ୍ତିମାନଙ୍କୁ ଯେତେ ସୁରକ୍ଷା ମିଳିଲେ ବି ଛଡ଼ାଯିବ ନାହିଁ ବୋଲି ସେଥିରେ ଧମକ ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଚିତ୍ର ସାମ୍ନାକୁ ଆସିବା ପରେ ପୋଲିସ ଓ ଫୋରେନସିକ ଦଳ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ବିଦେଶରେ ରହୁଥିବା ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

# ତ୍ରିପୁରା ମେଡିକାଲ କଲେଜରେ 'ଆର ଜି କର' କାଣ୍ଡ



ଆଗରତାଲା, ୧୧।୬(ଏଜେନ୍ସି): ତ୍ରିପୁରା ଶାନ୍ତିନିକେତନ ମେଡିକାଲ କଲେଜ ପରିସରରୁ ଜଣେ ମହିଳା କର୍ମଚାରୀଙ୍କ ରହସ୍ୟମୟ ମୃତଦେହ ଉଦ୍ଧାର କରାଯାଇଛି, ଯାହା କୋଲକାତାର ଚର୍ଚ୍ଚିତ ଆର ଜି କର ମାମଲା ଭଳି ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ପରୀକ୍ଷା ବିଭାଗରେ କାର୍ଯ୍ୟରତ ୨୪ ବର୍ଷୀୟା ମନୀଷା ଦାସଙ୍କ ମୃତଦେହ ହଷ୍ଟେଲର ତୃତୀୟ ମହଲାରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ମୃତ ମହିଳାଙ୍କ ମା' ଏହାକୁ ସ୍ପଷ୍ଟ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ସହ କଲେଜ କର୍ତ୍ତୃପକ୍ଷ ଏଥିରେ ସାମିଲ ଥିବା ଦାବି କରିଛନ୍ତି। ଦୁଷ୍କର୍ମ ପରେ ହତଶ କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଜଣକୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଏହି ମେଡିକାଲ କଲେଜ ବିଭିନ୍ନ ପ୍ରଶାସନିକ ଅନିୟମିତତା ପାଇଁ ବିବାଦ ଘେରରେ ରହିଆସିଛି।

## ଉପସାଗରରେ ଆମେରିକାର ଆକ୍ରମଣ

# ୩ ଭାରତୀୟ ନାବିକଙ୍କ ମୃତ୍ୟୁ




■ ପ୍ରତିବାଦ ଜଣାଇଲା ଭାରତ
■ ଠିକ୍ କରିଛୁ, କହିଲା ଆମେରିକା

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଓମାନ ଉପକୂଳ ନିକଟରେ ଆମେରିକା ସେନା ଦ୍ୱାରା ଏକ ତେଲ ବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣରେ ନିଖୋଜ ଥିବା ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ର ସେବାୟନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇ ଘଟଣାକୁ ଅତ୍ୟନ୍ତ 'ଦୁଃଖଦାୟକ' ବୋଲି ଆଖ୍ୟା ଦେଇଛନ୍ତି। ମୃତ ନାବିକମାନେ ହେଲେ- ଡେକ୍ କ୍ୟାଡେଟ୍ ଆଦିତ୍ୟ ଶର୍ମା, ଇଞ୍ଜିନ ଫିଟର ଶିବାନନ୍ଦ ଚୌରାସିଆ ଏବଂ ଚିଫ୍ ଇଞ୍ଜିନିୟର ପଟନାଲା ସୁରେଶ। ପାଲାଉର ପତାକା ଧାରୀ ତେଲ ଟ୍ୟାଙ୍କର୍ 'ଏମଟି ସେଟେବେଲୋ' ଉପରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ବାୟୁସେନା ସଠିକ୍ ଗୋଳାବାରୁଦ ସାହାଯ୍ୟରେ ଆକ୍ରମଣ କରିଥିଲା। ଏହି ଜାହାଜରେ ୨୪ ଜଣ ଭାରତୀୟଙ୍କ ସମେତ ମୋଟ ୨୮ ଜଣ କ୍ରୁ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ, ଇରାନୀୟ ତେଲ ଉପରେ ଲାଗିଥିବା କଟକଣାକୁ ଏହି ଜାହାଜ ଉଲ୍ଲଂଘନ କରୁଥିଲା। ଆମେରିକା ସେନାର ନିର୍ଦ୍ଦେଶକୁ ବାରମ୍ବାର ଅମାନ୍ୟ କରି ଜାହାଜଟି ଇରାନରୁ ତେଲ ପରିବହନ କରୁଥିବାରୁ ଓମାନ ଗଲ୍ଫରେ ଏହାକୁ ଆକ୍ରମଣ କରି ଅଚଳ କରାଯାଇଥିଲା। ମନ୍ତ୍ରୀ ସୋନୋୱାଲ କହିଛନ୍ତି ଯେ, ମୋଦୀ ସରକାର ଶୋକସନ୍ତପ୍ତ ପରିବାର ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ଉଦ୍ଧାର ହୋଇଥିବା ନାବିକମାନଙ୍କୁ ତୁରନ୍ତ ଦେଶକୁ ଫେରାଇ ଆଣିବା ଏବଂ ମୃତକଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ସ୍ୱଦେଶ ଆଣିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ଏହି ଆକ୍ରମଣକୁ କଡ଼ା ନିନ୍ଦା କରିଛି। ଏହି ସାମୁଦ୍ରିକ ଅଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ଏପରି ଆକ୍ରମଣ ଚିନ୍ତାଜନକ ବୋଲି ଭାରତ କହିଛି ଏବଂ ସ୍ଥିତି ସୁଧାରିବାକୁ ଆହ୍ୱାନ ଦେଇଛି। ଏହି ଘଟଣାକୁ ନେଇ ନୂଆଦିଲ୍ଲୀରେ ଥିବା ଆମେରିକାର ରାଷ୍ଟ୍ରଦୂତଙ୍କୁ ସମନ କରାଯାଇ ଭାରତ ପକ୍ଷରୁ ଦୃଢ଼ ପ୍ରତିବାଦ ପତ୍ର ଦାଖଲ କରାଯାଇଛି। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ଚଳାଚଳ ପ୍ରଭାବିତ ହୋଇଛି। ଗୋଟିଏ ପଟେ ଇରାନ ଏହି ପଥକୁ ଅବରୋଧ କରିଥିବା ବେଳେ ଏପ୍ରିଲ ମାସରୁ ଆମେରିକା ମଧ୍ୟ ନିଜର କଟକଣା ଜାରି ରଖିଛି। ଏହି ଦୁଇ ଶକ୍ତିଙ୍କ ମଧ୍ୟରେ ଚାଲିଥିବା ଛାୟା ଯୁଦ୍ଧରେ ତିନି ଜଣ ନିରୀହ ଭାରତୀୟ ନାବିକଙ୍କ ଜୀବନ ଯିବା ଅନ୍ତର୍ଜାତୀୟ ସ୍ତରରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି।

ସାମୁଦ୍ରିକ ବାଣିଜ୍ୟ ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଗଲ୍ଫ ବା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଇରାନ ସଂଘର୍ଷ ଯୋଗୁଁ ଅନେକ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି ଏବଂ କେତେକ ନିଖୋଜ ଅଛନ୍ତି ବୋଲି ଭାରତ ଜାତିସଂଘକୁ ଜଣାଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରୀଶ ପର୍ବଥାନେନୀ କହିଛନ୍ତି ଯେ, ଗଲ୍ଫ ଅଞ୍ଚଳରେ ପ୍ରାୟ ୧ କୋଟି ଭାରତୀୟ ବସବାସ କରୁଛନ୍ତି ଏବଂ ସେମାନଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା। ଓମାନ ଉପକୂଳରେ ଭାରତୀୟ କ୍ରୁ-ମେମ୍ବର ଥିବା ବାଣିଜ୍ୟିକ ଜାହାଜ 'ସେଟେବେଲୋ' ଉପରେ ଆମେରିକାର ଆକ୍ରମଣକୁ ନେଇ ଭାରତ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତଙ୍କ ନିକଟରେ ଦୃଢ଼ ପ୍ରତିବାଦ ମଧ୍ୟ ଜଣାଇଛି।

# ଜୋର୍‌ଦାର୍ ପ୍ରବେଶ ପରେ ଅଟକିଗଲା ମୌସୁମୀ

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆରମ୍ଭରୁ ଦ୍ରୁତ ଗତିରେ ଆଗକୁ ବଢ଼ିବା ପରେ ଏବେ ଏହାର ଗତିପଥ ମନ୍ଥର ହୋଇଯାଇଛି। ଜୁନ୍ ୪ ରେ କେରଳ ଛୁଇଁବା ପରେ ଏହା ଦକ୍ଷିଣ ଭାରତ, ଆରବ ସାଗର, ବଙ୍ଗୋପସାଗର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଶୀଘ୍ର ବିସ୍ତାର ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାର ଗତି ସ୍ଥିର ହୋଇଯାଇଥିବାରୁ ମଧ୍ୟ, ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଭାରତର ବଡ଼ ଅଂଶ ଏବେ ବି ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଅନୁଯାୟୀ, ମୌସୁମୀର ଗତି କମିବା ପଛରେ କିଛି ନିର୍ଦ୍ଦିଷ୍ଟ କାରଣ ରହିଛି। ଆରବ ସାଗର ଏବଂ ବଙ୍ଗୋପସାଗରରେ ଦୀର୍ଘ ସମୟ ହେବ କୌଣସି ଲଘୁଚାପ, ଅବପାତ କିମ୍ବା ବାତ୍ୟା ସୃଷ୍ଟି ହୋଇନାହିଁ। ୨୦୨୫ ଶେଷ ଆଡ଼କୁ ଆସିଥିବା 'ଦିତୱା' ବାତ୍ୟା ପରେ କୌଣସି ବଡ଼ ପାଣିପାଗ ପ୍ରକ୍ରିୟା ଦେଖାଯାଇ ନାହିଁ। ସାଧାରଣତଃ ଏହି ଲଘୁଚାପଗୁଡ଼ିକ ସମୁଦ୍ରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ସ୍ଥଳଭାଗ ଆଡ଼କୁ ଟାଣିବାରେ ସାହାଯ୍ୟ କରନ୍ତି, ଯାହା ମୌସୁମୀକୁ ଦ୍ରୁତଗାମୀ କରେ। ଏହି ବ୍ୟବସ୍ଥା ଅଭାବରୁ ମୌସୁମୀ କେବଳ ନିଜର ସ୍ୱାଭାବିକ ପ୍ରବାହ ଉପରେ ନିର୍ଭର କରୁଛି, ଯାହାଫଳରେ ଗତି ଧିମା ହୋଇଛି। ବର୍ତ୍ତମାନ ମୌସୁମୀ ବାୟୁ କେବଳ ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳରେ ଶକ୍ତିଶାଳୀ ରହିଛି, ଯେଉଁଥିପାଇଁ ସେଠାରେ ଭଲ ବର୍ଷା ହେଉଛି। କିନ୍ତୁ ଦେଶର ଭିତର ଏବଂ କେନ୍ଦ୍ରୀୟ ଭାଗରେ ଏବେ ବି ଗରମ ଅନୁଭୂତ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ମୌସୁମୀ ସବୁବେଳେ ସମାନ ଗତିରେ ଆଗକୁ ବଢେ ନାହିଁ। ଏହା ପର୍ଯ୍ୟାୟକ୍ରମେ ଗତି କରିଥାଏ; କିଛି ଦିନ ଦ୍ରୁତ ଗତିରେ ବଢ଼ିବା ପରେ କିଛି ସମୟ ପାଇଁ ଅଟକିଯାଏ ଏବଂ ପୁଣି ସକ୍ରିୟ ହୁଏ। ଏ ବର୍ଷ ମଧ୍ୟ ସେଭଳି ଦେଖିବାକୁ ମିଳୁଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ମୌସୁମୀ ଧିମା ହେଲେ ମଧ୍ୟ ଏହା ଉତ୍ତର-ପୂର୍ବର ସମସ୍ତ ରାଜ୍ୟ, ସିକିମ ଏବଂ ପଶ୍ଚିମବଙ୍ଗର କିଛି ଅଂଶକୁ ସଫଳତାର ସହ ଛୁଇଁ ସାରିଛି। ମୌସୁମୀର ଆଗାମୀ ଯାତ୍ରା ସମ୍ପୂର୍ଣ୍ଣ ଭାବେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ନୂଆ ଲଘୁଚାପ ଉପରେ ନିର୍ଭର କରେ।

# ମଣିପୁର ପୁଣି ଅଶାନ୍ତ

ଇମ୍ଫାଲ, ୧୧।୬(ଏଜେନ୍ସି): ମଣିପୁରରେ ଜାତିଗତ ହିଂସା ଘଟଣାରେ କାମଜୋଙ୍ଗ ଜିଲ୍ଲାର କୁଲ୍ଲା କୁକି ଗ୍ରାମରେ ସନ୍ତ୍ରାସବାଦୀମାନେ କୁକି ସମ୍ପ୍ରଦାୟର ୨ ଜଣଙ୍କୁ ଗୁଳି କରି ହତ୍ୟା କରିବା ସହ ୩୦ରୁ ଅଧିକ ଘର ପୋଡ଼ି ଦେଇଥିବା ସୂଚନା ମିଳିଛି। ଅନ୍ୟପଟେ, କାଙ୍ଗପୋକପି ଜିଲ୍ଲାରେ ନାଗା ସମ୍ପ୍ରଦାୟର ୬ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତ ମେ ୧୩ରେ ଲୈଲନ୍ ଭାଇଫେଇ ଗ୍ରାମରୁ ଅପହୃତ ହୋଇଥିବା ୬ ଜଣ ବ୍ୟକ୍ତିଙ୍କର ଏହି ମୃତଦେହ ବୋଲି ପୁଲିସ ସନ୍ଦେହ କରିଛି। ପ୍ରାୟ ୨୯ ଦିନ ପରେ କରମ ଭାଇଫେଇ ଗ୍ରାମରୁ ଏହି ଶବଗୁଡ଼ିକ ମିଳିଥିଲା। ବୁଧବାର ବିଳମ୍ବିତ ରାତିରେ ଏହି ୬ଟି ମୃତଦେହକୁ ପୋରୋମପାଟ ସ୍ଥିତ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ପୁଲିସକୁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏନଆଇଏ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହି ହତ୍ୟାକାଣ୍ଡକୁ ବିରୋଧ କରି ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି। ସେନାପତି ଜିଲ୍ଲାର କାରୋଙ୍ଗ ଅଞ୍ଚଳରେ ଉତ୍ତ୍ୟକ୍ତ ଲୋକେ ମାଲବାହୀ ଟ୍ରକରେ ନିଆଁ ଲଗାଇବା ସହ ନାଗା ପିପୁଲ୍ସ ଫ୍ରଣ୍ଟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି। ଏଥିସହିତ ତମେଙ୍ଗଲଙ୍ଗ ଜିଲ୍ଲାର ଟାମେଇ ଅଞ୍ଚଳରେ ମଧ୍ୟ ଅଶାନ୍ତି ଦେଖାଦେଇଛି। ପୂର୍ବରୁ ଜୁନ୍ ୮ ରେ କୁକି ବିଦ୍ରୋହୀଙ୍କ ଗୁଳିମାଡ଼ରେ ଜଣେ ନାଗା ଗ୍ରାମର ସୁରକ୍ଷାକର୍ମୀ ପ୍ରାଣ ହରାଇଥିଲେ। ଏକ ଆରଟିଆଇ ତଥ୍ୟରୁ ଗତ ୩ ବର୍ଷ ମଧ୍ୟରେ ମଣିପୁର ହିଂସା ଯୋଗୁଁ ୭୩୯ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

■ କୁକି ସମ୍ପ୍ରଦାୟର ୨ଜଣଙ୍କୁ ହତ୍ୟା
■ ୩୦ ଘରକୁ ଜାଳିଦେଲେ

## ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଇସ୍ତଫା

ଲଣ୍ଡନ, ୧୧।୬(ଏଜେନ୍ସି): ବ୍ରିଟେନର ପ୍ରତିରକ୍ଷା ସଚିବ ଜନ୍ ହିଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସରକାରଙ୍କ ସାମରିକ ଖର୍ଚ୍ଚ ଯୋଜନା ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇବାରେ ବିଫଳ ହୋଇଥିବା ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ କିର ଷ୍ଟାରମର୍‌ଙ୍କ ନେତୃତ୍ୱାଧୀନ ସରକାର ପାଇଁ ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। ଜନ୍ ହିଲି ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ବିପଜ୍ଜନକ ସମୟରେ ଦେଶର ସୁରକ୍ଷା ପାଇଁ ଯେତିକି ପୁଞ୍ଜି ବିନିଯୋଗ ଆବଶ୍ୟକ, ସରକାରଙ୍କ ନୂତନ ଯୋଜନା ତା'ଠାରୁ ବହୁତ କମ୍ ଥିବା ଦର୍ଶାଇଛନ୍ତି।

# ବିମାନ ଦେଖିଲେ ଡରୁଛନ୍ତି ପରିବାର



ଅହମଦାବାଦ, ୧୧।୬(ଏଜେନ୍ସି): ଠିକ୍ ବର୍ଷକ ତଳେ ଗୁଜରାଟର ଅହମଦାବାଦଠାରେ ଘଟିଥିବା ସେହି ସେହି ଭୟଙ୍କର ବିମାନ ଦୁର୍ଘଟଣାକୁ ଆଜି ଏକ ବର୍ଷ ପୂରିଛି। ସମୟ ବଦଳି ଯାଇଛି ସତ, କିନ୍ତୁ ସେହି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖିନାହିଁ। ଆଜି ବି ସେହି ଭୟାବହ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଆନ୍ଦୋଳିତ କରୁଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣାର ବର୍ଷେ ପରେ ମଧ୍ୟ ପରିବାରର ସଦସ୍ୟମାନେ ଏଭଳି ମାନସିକ ଆଘାତରେ ଅଛନ୍ତି ଯେ ସେମାନେ ଏବେ ବିମାନରେ ବସିବାକୁ ଅତ୍ୟନ୍ତ ଭୟ କରୁଛନ୍ତି। ସେହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମୀୟମାନେ ଏବେ ଏକ ଗଭୀର ମାନସିକ ସମସ୍ୟା ଦେଇ ଗତି କରୁଛନ୍ତି। ଅନେକ ପରିବାରର ସଦସ୍ୟ ନିଜର ଦୈନନ୍ଦିନ ଜୀବନକୁ ସ୍ୱାଭାବିକ କରିବା ପାଇଁ ଆଜି ବି ମାନସିକ ରୋଗ ବିଶେଷଜ୍ଞଙ୍କ ସାହାଯ୍ୟ ନେଉଛନ୍ତି ଏବଂ ସେମାନଙ୍କର ନିୟମିତ କାଉନସେଲିଂ ଚାଲିଛି। ଗତ ବର୍ଷ ଆଜିର ଦିନରେ ଅହମଦାବାଦ ବିମାନବନ୍ଦର ନିକଟରେ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଣିପାଗ ଯୋଗୁଁ ଘଟିଥିବା ଏହି ଅଘଟଣରେ ଅନେକ ନିରୀହ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ବର୍ଷେ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକେ ବିମାନ ସେବା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। ସରକାର ଓ ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ଆର୍ଥିକ ସହାୟତା ସେମାନଙ୍କ ପରିବାରର ଶୂନ୍ୟସ୍ଥାନକୁ ପୂରଣ କରିପାରିନାହିଁ। ସେମାନଙ୍କର କହିବା କଥା ଯେ, ବିମାନ ଯାତ୍ରାକୁ ଏଭଳି ସୁରକ୍ଷିତ କରାଯାଉ ଯେମିତି ଭବିଷ୍ୟତରେ ଆଉ କେହି ନିଜର ପ୍ରିୟଜନଙ୍କୁ ଏମିତି ନ ହରାନ୍ତୁ। ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରଥମ ବାର୍ଷିକୀ ଆମକୁ ମନେ ପକାଇଦିଏ ଯେ, ଯେକୌଣସି ବଡ଼ ଦୁର୍ଘଟଣା କେବଳ କିଛି ସେକେଣ୍ଡ ମଧ୍ୟରେ ଶେଷ ହୋଇଯାଏ, କିନ୍ତୁ ଏହା ପଛରେ ଛାଡ଼ିଯାଉଥିବା କ୍ଷତ ଏବଂ ମାନସିକ ଆଘାତ ସମ୍ପୃକ୍ତ ପରିବାରକୁ ସାରା ଜୀବନ ବହନ କରିବାକୁ ପଡ଼ିଥାଏ। ପୀଡ଼ିତ ପରିବାରକୁ ମାନସିକ ସ୍ତରରେ ସୁସ୍ଥ କରିବା ପାଇଁ ସାମାଜିକ ଏବଂ ପାରିବାରିକ ସମର୍ଥନର ଅତ୍ୟନ୍ତ ଆବଶ୍ୟକତା ରହିଛି।

**ଅହମଦାବାଦ ବିମାନ ଦୁର୍ଘଟଣାକୁ ବର୍ଷେ**



# ଗୃହିଣୀମାନେ ହେଉଛନ୍ତି 'ରାଷ୍ଟ୍ର ନିର୍ମାତା': ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ବିଚାର ସମୟରେ ଦେଶର କୋଟି କୋଟି ମହିଳାଙ୍କ ସମ୍ମାନ ଏବଂ ସେମାନଙ୍କ ଦେୟବିହୀନ ପରିଶ୍ରମକୁ ରାଷ୍ଟ୍ର ନିର୍ମାଣ ଦିଗରେ କରୁଥିବା କାର୍ଯ୍ୟ ବୋଲି କହିଛନ୍ତି। ଘର ସମ୍ଭାଳୁଥିବା ମହିଳାମାନଙ୍କ ପାଇଁ 'ଗୃହିଣୀ' ଶବ୍ଦଟି ଅତି ଛୋଟ ଏବଂ ବାସ୍ତବରେ ସେମାନେ ଜଣେ ଜଣେ 'ରାଷ୍ଟ୍ର ନିର୍ମାତା' ବୋଲି ଜଷ୍ଟିସ୍ ସଞ୍ଜୟ କରୋଲଙ୍କ ନେତୃତ୍ୱରେ ଗଠିତ ବେଞ୍ଚ କହିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା ବିନା ଦରମାର ପରିଶ୍ରମ ପରିବାରକୁ ସୁଦୃଢ଼ କରିବା ସହ ଭବିଷ୍ୟତ ପିଢ଼ିକୁ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହି ଅବଦାନର ଅସ୍ୱୀକାର୍ଯ୍ୟ ଆର୍ଥିକ ମୂଲ୍ୟ ରହିଛି। ଦୁର୍ଘଟଣାଜନିତ ମୃତ୍ୟୁ ମାମଲାରେ କ୍ଷତିପୂରଣ ଧାର୍ଯ୍ୟ କରିବା ସମୟରେ କେବଳ ଆର୍ଥିକ କ୍ଷତିକୁ ନୁହେଁ, ବରଂ ସେହି ମହିଳାଙ୍କ ଦ୍ୱାରା ପରିବାରକୁ ଦିଆଯାଉଥିବା ସେବା ଓ ଯତ୍ନର ମୂଲ୍ୟକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ମୋଟର ଦୁର୍ଘଟଣା ମାମଲାରେ କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରିବା ମାମଲା ବିଚାର ବେଳେ ସୁପ୍ରିମକୋର୍ଟ ଏହି ରାୟ ଦେବା ସହ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ 'ଘରୋଇ ସେବା ହରାଇବା' ବାବଦକୁ ମାସିକ ୩୦, ୦୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏହାସହ ଗୃହିଣୀଙ୍କ ଭବିଷ୍ୟତର ଅବଦାନକୁ ମଧ୍ୟ କ୍ଷତିପୂରଣ ଗଣନା ସମୟରେ ଅନ୍ତର୍ଭୁକ୍ତ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ବିବାହର ଅର୍ଥ ଜଣେ ଚାକରାଣୀ ନିଯୁକ୍ତି କରିବା ନୁହେଁ, ବରଂ ଘରୋଇ ଦାୟିତ୍ୱ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ମିଳିତ କର୍ତ୍ତବ୍ୟ। ଜଣେ ବିବାହିତା ଡାକ୍ତର ବା ଅନ୍ୟ କୌଣସି ପେଶାରେ ରହି ନିଜର କ୍ୟାରିୟର ଗଢ଼ିବାକୁ ଇଚ୍ଛା ପ୍ରକାଶକଲେ ତାହାକୁ ସ୍ୱାମୀ ବା ଶ୍ୱଶୁର ଘର ପ୍ରତି କ୍ରୁରତା ବୋଲି କୁହାଯାଇପାରିବ ନାହିଁ। ପୀଡ଼ିତ ପରିବାର ଯେପରି ଦୀର୍ଘ ଦିନ ଧରି ଆଇନଗତ ଲଢେଇ ନକରନ୍ତି, ସେଥିପାଇଁ ସମସ୍ତ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାଗୁଡ଼ିକର ତଦାରଖ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



## ଭାରତୀୟ ଜୁନିଅର ଦଳରେ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ

▶କ୍ରୀଡ଼ା ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-344 ♦FRIDAY ♦12 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୪୪ ♦ଶୁକ୍ରବାର ♦୧୨ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦







10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498 • **Bhawanipatna** KALINGA BAJAJ 8763863692 • **Bolangir** URBASI BAJAJ 7381052046 • **Rayagada** SITA RAMA BAJAJ – 7205631185 • **Gunupur** SITA RAMA BAJAJ 9437771070.

ସକାଳ
THE SAKALA

# ସମ୍ପାଦକୀୟ



ବୁଲେଟ୍(ଗୁଳି)ଠାରୁ ବାଲେଟ୍(ଭୋଟ) ଅଧିକ ଶକ୍ତିଶାଳୀ।
-ଆବ୍ରାହାମ୍ ଲିଙ୍କନ୍

## ସ୍ୱତ୍ୱାଧିକାର ଓ ଭାବାବେଗ

ପୁରୀ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବେ ସଂଶ୍ଳିଷ୍ଟ 'ପତିତପାବନ' ଓ 'ଆନନ୍ଦବଜାର' ଶବ୍ଦ ଏବଂ ନୀଳଚକ୍ର ଚିହ୍ନ(ଲୋଗୋ)କୁ ସ୍ୱତ୍ୱାଧିକାର ମିଳିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା କ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ ଏବଂ ଶ୍ରୀମନ୍ଦିର ସହିତ ସମ୍ପର୍କିତ ପ୍ରାୟ ୨୬ଟି ଅନନ୍ୟ ଶବ୍ଦାବଳୀର ପ୍ୟାଟେଣ୍ଟ(ସ୍ୱତ୍ୱାଧିକାର) କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଉପରୋକ୍ତ ତିନିଟି ଶବ୍ଦ ଓ ଲୋଗୋକୁ ସ୍ୱତ୍ୱାଧିକାର ମିଳିଛି ଏବଂ ଅନ୍ୟଗୁଡ଼ିକ ବିଚାରାଧୀନ ରହିଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରକୁ 'ଧାମ' ଭାବରେ ନାମିତ କରିବା ପରେ ଓଡ଼ିଶାରେ ଯେଉଁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିା ସେହି ପୃଷ୍ଠଭୂମିରେ ଏବଂ ଜନମତର ସ୍ରୋତାନୁକୂଳରେ ଏହି ନବଚିନ୍ତନ ଜନ୍ମ ନେଇଥିବା ମନେହୁଏ। ସମ୍ପ୍ରତି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଯେଭଳି ତଥାକଥିତ ଅସ୍ମିତା ହଡ଼ପ ପ୍ରତିଯୋଗିତା ଆରମ୍ଭ ହୋଇଛି ସେହି ଦୃଷ୍ଟିକୋଣରୁ ବିଚାରକଲେ ଶ୍ରୀମନ୍ଦିର ପ୍ରଶାସନର ଉପରୋକ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏ ବିଷୟରେ ନିଗୂଢ଼ ଭାବେ ଚିନ୍ତା କଲେ କେତେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସ୍ୱତଃ ସୃଷ୍ଟି ହେଉଛି, ଯାହା କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଶ୍ରୀଜଗନ୍ନାଥ ଚେତନାର ସୌରଭ ସାତସମୁଦ୍ର, ପର୍ବତ, ଅରଣ୍ୟ ଭେଦି ବିଶ୍ୱାୟନରେ 'ଜଗତର ନାଥ' ଶବ୍ଦର ସାର୍ଥକତା ଓ ପ୍ରାମାଣିକତା ପ୍ରତିଷ୍ଠା କରିସାରିଛି ଏବଂ ଏବେ ଏହା ଆହୁରି ପରିବ୍ୟାପ୍ତ ହେଉଛି। ଏକପକ୍ଷରେ ଆମେ ନୀଳାଦ୍ରିନାଥଙ୍କୁ ବିଶ୍ୱାୟନରେ ଉପସ୍ଥାପନ କରିବା ବେଳେ ତତ୍‌ସଂଲଗ୍ନ ଶବ୍ଦ ଓ ଉଚ୍ଚାରଣକୁ ସ୍ୱତ୍ୱାଧିକାରରେ ଆବଦ୍ଧ କଲେ ଶ୍ରୀଜଗନ୍ନାଥ ଚେତନା ଓ ମହନୀୟତାକୁ ଏକ ସଂକୀର୍ଣ୍ଣତାବାଦୀ ରକ୍ଷଣଶୀଳ ଦୁନିଆରେ ସୀମାବଦ୍ଧ କରିଦେବା ଭଳି ହେବ ନି ତ? ଅନିଚ୍ଛା ସତ୍ତ୍ୱେ ଏଭଳି ପ୍ରଶ୍ନଟିଏ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ଠାକୁର ଭାବେ ଗ୍ରହଣ କରି ନେଇଥିବା ବିଶ୍ୱହିତୈଷୀ ଓଡ଼ିଆର ହୃଦୟ ଓ ମନ ଭିତରେ ଆନ୍ଦୋଳିତ ହେଉଛି। ଆମେ ଏହି ସ୍ତମ୍ଭରେ ପୂର୍ବରୁ ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଯେପରି ରାମଚନ୍ଦ୍ର ନାମ ଧାରଣ କଲେ କେହି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇପାରିବେ ନାହିଁ, ସେହିଭଳି 'ଶ୍ରୀକ୍ଷେତ୍ର', 'ଧାମ' ଆଦି ନାମ ବହନ ଓ ଧାରଣ କଲେ ସେହି ଅଞ୍ଚଳ ପାବନ ଶଙ୍ଖକ୍ଷେତ୍ର ହୋଇଯିବ ନାହିଁ। ଓଡ଼ିଶା ଓ ଓଡ଼ିଶା ବାହାରେ ଏଭଳି ଅନେକ '...ଶ୍ରୀକ୍ଷେତ୍ର', 'ଆନନ୍ଦବଜାର' ଆଦି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନୀଳାଚଳଧାମ ପ୍ରତି ଜନସମୁଦାୟର ଆବେଗ, ଶ୍ରଦ୍ଧା ଓ ଭକ୍ତିରେ ତିଳେମାତ୍ର ଆଞ୍ଚ ଆସିନାହିଁ, ବରଂ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀଘା 'ଧାମ' ନାମ ଧାରଣ କଲେ ପୁରୀ ତୀର୍ଥାଟନ ଓ ପର୍ଯ୍ୟଟନରେ ମର୍ଯ୍ୟାଦା ଓ ଗୁରୁତ୍ୱ ହରାଇବ ବୋଲି କତିପୟ ବିଭ୍ରାନ୍ତ ମସ୍ତିଷ୍କରୁ ସୃଷ୍ଟି ହୋଇଥିବା ଉଦ୍‌ଭ୍ରାନ୍ତ ଓ ଅବାନ୍ତର ଧାରଣା ହିଁ ବିବାଦକୁ ଜଟିଳ କରୁଛି ଏବଂ ଶ୍ରୀଜଗନ୍ନାଥ ଚେତନାକୁ ସଂକୁଚିତ କରୁଛି। ଏପରିକି ଓଡ଼ିଶାରେ ଏଭଳି ବିତର୍କ ଓ ଆଲୋଚନା ଦ୍ୱାରା ବଙ୍ଗୀୟମାନଙ୍କର ଗୁରୁତ୍ୱ ପରୋକ୍ଷରେ ବଢୁଛି।

ଯଦି ଶ୍ରୀମନ୍ଦିର ପ୍ରଶାସନ ଏକ ମହତ୍ ଭାବନା ନେଇ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ଏଭଳି ଚିନ୍ତା କରିଥିବେ ଏବଂ ବିହିତ ପଦକ୍ଷେପ ନେବେ ତେବେ ତାହାକୁ ଆମେ ସଶ୍ରଦ୍ଧ, ସବିନୟ ଓ ସସମ୍ମାନ ସ୍ୱାଗତ କରୁଛୁ। ତଥାପି କିଛି ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନ ଉତ୍‌ଥାପନ କରିବାର ଧୃଷ୍ଟତା କରୁଛୁ। କୋଟିକୋଟି ଓଡ଼ିଆର ପରମ ଆରାଧ୍ୟ, ଓଡ଼ିଆ ସଂସ୍କୃତିର ନାଭିକେନ୍ଦ୍ର, ଓଡ଼ିଆ ଜାତିର ମୁରବି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭରସାର ପ୍ରତୀକ ରୂପେ ବିଶ୍ୱର ଅନେକ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି ଏବଂ ସେଥିସହିତ ଚାପଖେଳ, ସ୍ନାନପୂର୍ଣ୍ଣିମା, ଛେରାପହଁରା, ମାଉସୀମା', ଆଡ଼ପ ମଣ୍ଡପ, ଅଣସର, ନୀଳାଦ୍ରିବିଜେ, ଅଧରପଣା ଆଦି ନୀତିକାନ୍ତି ପାଳନ ହୋଇଆସୁଛି, ଯାହା ମୂଳତଃ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରୁ ସୃଷ୍ଟ ଓ ପ୍ରଚଳିତ। ଏହା ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଆତ୍ମୀୟତା ଓ ଭାବାବେଗର ପ୍ରତୀକ। ଯଦି ସ୍ୱତ୍ୱାଧିକାରରେ ଏହି ସବୁ ଶବ୍ଦ ସାମିଲ୍ ହୋଇଯାଏ ତେବେ ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତିବନ୍ଧକଟିଏ ସୃଷ୍ଟି ହେବ ନାହିଁ କି? ଯଦି କେବଳ ଦୀଘାକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ଶବ୍ଦକୁ ସ୍ୱତ୍ୱାଧିକାରରେ ସାମିଲ୍ କରିବାକୁ ଯୋଜନା ହୋଇଥାଏ ତାହା କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱାତ୍ମାଙ୍କ ଗରିମା ଓ ମହିମା ଦୃଷ୍ଟିରୁ ବୋଧହୁଏ ଶୋଭନୀୟ ହେବ ନାହିଁ ବୋଲି ଆମର ବିନମ୍ର ପରାମର୍ଶ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଶବ୍ଦର ସ୍ୱତ୍ୱାଧିକାର କହିବାକୁ ଯେତିକି ସରଳ, ତା'ର ରୂପାୟନ ଓ ପ୍ରଭାବ କାହିଁ କେତେ ଅଧିକ ଜଟିଳ। ତେଣୁ ଏ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ଏବଂ ପରାମର୍ଶସବୁକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହିତ ବିଚାର ପାଇଁ ଗ୍ରହଣ କରିବା ମଧ୍ୟ ଜରୁରୀ। ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ମତାମତ ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

ଏହି ପୃଷ୍ଠଭୂମିରେ ଆମେ ରଥଯାତ୍ରାକୁ ୟୁନେସ୍କୋର ଅସ୍ପୃଶ୍ୟମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ବିଷୟ ପୁନଃଉପସ୍ଥାପନ କରିବାକୁ ପ୍ରାସଙ୍ଗିକ ମନେ କରୁଛୁ। ପଶ୍ଚିମବଙ୍ଗ ରସଗୋଲାକୁ ଜିଆଇ ଟ୍ୟାଗ୍ ଦାବି କରି ପ୍ରମାଣପତ୍ର ହାସଲ କରିସାରିବା ପରେ ଆମେ ତତ୍ପର ହେଲୁ; 'ଦୀଘା'କୁ 'ଧାମ' ଘୋଷଣା କରିବା ପରେ ଆମେ ଏବେ ପ୍ରତିକ୍ରିୟାଶୀଳ ହେଉଛୁ। କିନ୍ତୁ ମାତ୍ର ପ୍ରାୟ ଦେଢ଼ଶହବର୍ଷ ପୁରୁଣା ପଶ୍ଚିମବଙ୍ଗର ଦୁର୍ଗାପୂଜା ଏବଂ ବିହାରର ଛଟ ପୂଜା ୟୁନେସ୍କୋର ଏହି ତାଲିକାରେ ସାମିଲ୍ ହୋଇସାରିଥିବା ବେଳେ ହଜାରେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଳିତ ଓ ବିଶ୍ୱଜନମନକୁ ମୋହିତ କରିଥିବା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇପାରିନାହିଁ କି ଆମେ ସେ ଦିଗରେ ନିଷ୍ଠାବାନ ହୋଇପାରିଲୁ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଏହି ଐତିହାସିକ ଅନ୍ୟାୟ ଓ ଅବହେଳା ବିଷୟରେ ଆଲୋଚନା ହେଉଛି କି ନାହିଁ ତାହା ଜଣାନାହିଁ।

ଆମେ ପୁଣି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିଲା ନାହିଁ। ଧାଡ଼ି ଦର୍ଶନ କେବଳ ଘୋଷଣାରେ ରହିଗଲା। ମହାପ୍ରସାଦର ଦର ନିର୍ଦ୍ଧାରଣ ମଧ୍ୟ ଗ୍ରହଣୀୟ ହୋଇପାରିନାହିଁ। ପୁରୀକୁ ଆସୁଥିବା କୋଟିକୋଟି ଶ୍ରୀଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅଶ୍ୱସ୍ତି ସୃଷ୍ଟି କରୁଛି। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଏବଂ ତ୍ରୁଟି ସଜାଡ଼ିବାରେ ଅବହେଳାରୁ ସର୍ବସାଧାରଣଙ୍କ ଦୃଷ୍ଟି ଭ୍ରମିତ କରିବା ପାଇଁ ଶବ୍ଦ ସ୍ୱତ୍ୱାଧିକାର ଭଳି ଉଚ୍ଚାଟ ସୃଷ୍ଟିକାରୀ ଘୋଷଣା ହୋଇଥାଇପାରେ ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ଏହି ପୃଷ୍ଠଭୂମିରେ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

## କର୍କଟ ଚିକିତ୍ସାର ନିଷ୍ଠୁର ସତ୍ୟ

ତୁଷାରକାନ୍ତ

ମୁଁ ୪ର୍ଥ ସ୍ତରର କର୍କଟ ରୋଗୀଟିଏ, ଯିଏ ପ୍ରତି ୨୧ ଦିନରେ ୨୦୦ ମିଲିଗ୍ରାମର କେଟ୍ରୁଡା ଇଞ୍ଜେକସନ ନେଉଛି। ଏହାର କମ୍ପାନୀ ସ୍ଥିରୀକୃତ ୧୦୦ ମିଲିଗ୍ରାମର ମୂଲ୍ୟ ୨,୧୬,୫୦୦ ଟଙ୍କା। ଭୁବନେଶ୍ୱରରେ ଏହାର ପାଇକାରୀ ମୂଲ୍ୟ ୧, ୮୧, ୦୦୦ ଟଙ୍କା। କିନ୍ତୁ କଟ୍ଟରପନ୍ଥୀ ଦେଶଭକ୍ତ ଓ ତଥାକଥିତ ସମାଜସେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରଖାନାଗୁଡ଼ିକରେ ଚିକିତ୍ସିତ ରୋଗୀଙ୍କଠାରୁ ୧୦୦ ମିଲିଗ୍ରାମ ପାଇଁ ୨, ୧୬, ୫୦୦ ଟଙ୍କା ନିଆଯାଉଛି, ଯଦିଓ ସେମାନେ ନିଜେ ଏହାକୁ ୧, ୮୧, ୦୦୦ ଟଙ୍କାରେ କିଣୁଛନ୍ତି ଏବଂ ଏହାକୁ ଦେବା ବାବଦରେ ଅନ୍ୟାନ୍ୟ ଅନେକ ଖର୍ଚ୍ଚ ମଧ୍ୟ ନେଉଛନ୍ତି। ସାଲାଇନ ବୋତଲରୁ ହାତର ଛୁଞ୍ଚିକୁ ସଂଯୋଗ କରୁଥିବା ପ୍ଲାଷ୍ଟିକ ତାର ଖଣ୍ଡିକର ମୂଲ୍ୟ ୧, ୨୫୦ ଟଙ୍କା, ଛୁଞ୍ଚିର ଦାମ ୩୦୦ ଟଙ୍କା। ହାତପୋଛା, ତୁଳା, କ୍ୟାବିନ ଭଡ଼ା, ଫାଇଲ ରଖା ଖର୍ଚ୍ଚ ତଥା ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରତିଥର ପାଖାପାଖି ୧୨, ୦୦୦ ଟଙ୍କା ଦେବାକୁ ପଡ଼େ। ତେଣୁ ୨୦୦ ମିଲିଗ୍ରାମ ଇଞ୍ଜେକ୍ସନ୍ ପାଇଁ ସେମାନେ ୭୦,୦୦୦ ଟଙ୍କା ଅଧିକ ଶୋଷି ନିଅନ୍ତି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ କମ ଆୟ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଦୁଇ ବର୍ଷରେ ୩୫ ଥର ପାଇଁ ସମୁଦାୟ ୭,୦୦୦ ମିଲିଗ୍ରାମରୁ ୬, ୦୦୦ ମିଲିଗ୍ରାମ ମାଗଣାରେ ଯୋଗାଉଥିବାରୁ ମୋତେ ୧, ୦୦୦ ମିଲିଗ୍ରାମ ପାଇଁ ୨୧,୬୫,୦୦୦ ଟଙ୍କା ଦେବାକୁ ପଡୁଛି, ଯାହା ମୁଁ ହୋଲସେଲରଙ୍କଠାରୁ କିଣିଲେ ୩,୫୦,୦୦୦ ଟଙ୍କା କମରେ, ଅର୍ଥାତ ୧୮,୧୫,୦୦୦ ଟଙ୍କାରେ କିଣନ୍ତି। କିନ୍ତୁ ଏହା କୁଆଡ଼େ ସମାଜସେବୀ ହସ୍ପିଟାଲ୍ ପ୍ରୋଟୋକଲ(ନିୟମ) ଉଲ୍ଲଂଘନ କରୁଥିବାରୁ ମୋର ତଥା ଅନ୍ୟମାନଙ୍କରଏତିକି କ୍ଷତି ହେଉଛି। ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ଆୟକାରୀଙ୍କ ବାବଦରେ ଆପଣ ହିସାବ କରନ୍ତୁ ସେମାନଙ୍କର କ୍ଷତି କେତେ ହେଉଥିବ।

ଚାନ୍ଦା ମାର୍ଫତରେ କିନ୍ତୁ ଡାକ୍ତରଖାନା ମାଲିକମାନଙ୍କର ଏଭଳି କଳା କାରନାମା ଲୁଚି ଯାଉଛି। ଏବେ ଆଉ ଏକ ସାଂଘାତିକ ଖବର ବିଷୟରେ ଉଲ୍ଲେଖ କରୁଛି। ନେପାଳରୁ ଭାରତ ଦେଇ ମେକ୍ସିକୋ ପର୍ଯ୍ୟନ୍ତ ଉପରୋକ୍ତ ମୂଲ୍ୟ ରୋଗୀଙ୍କଠାରୁ ଆଦାୟ କରି ନିମ୍ନମାନର ଓ ଅଳ୍ପ ଦାମର ଇଞ୍ଜେକସନ ଦିଆଯାଉଥିବା ଅଭିଯୋଗ ସମ୍ପର୍କରେ ତା ୧୩/୧୪/୧୫/୧୬.୦୪.୨୦୨୬ ରିଖର 'ଇଣ୍ଡିଆନ୍ ଏକ୍ସପ୍ରେସ୍' ଦୈନିକ ସମ୍ବାଦପତ୍ରରେ ଏକ ବିରାଟ ଅନୁସନ୍ଧାନମୂଳକ ଲେଖା ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା। ଏହି ଅନୁସନ୍ଧାନରେ ୩୬ଟି ଦେଶର ୧୨୪ ଜଣ ସାମ୍ବାଦିକ ଦୁଇ ବର୍ଷ ଧରି ନିୟୋଜିତ ଥିଲେ। ଆଇସିଆଜେ ସହଯୋଗରେ 'କ୍ୟାନସର କାଲକୁଲସ' ନାମରେ ହୋଇଥିବା ଏହି ଅନୁସନ୍ଧାନ ରିପୋର୍ଟରେ ଭାରତରେ 'କେଟ୍ରୁଡା ଇଞ୍ଜେକସନ'ର ଏକ ବଡ଼ କଳାବଜାର ବିଷୟରେ ଉଲ୍ଲେଖ ରହିଛି। ଆମେରିକାର ଫାର୍ମା କମ୍ପାନୀ ମେର୍କ ଆଣ୍ଡ କୋ ଦ୍ୱାରା ନିର୍ମିତ ଏହା ଏକ ଇମ୍ୟୁନୋଥେରାପି ଔଷଧ। ୧୦୦ ମିଲିଗ୍ରାମ ଭାଏଲ୍‌ର ସରକାରୀ ମୂଲ୍ୟ ୧.୫ ଲକ୍ଷ ଟଙ୍କା ହୋଇଥିବାରୁ ଅଧିକାଂଶ ପରିବାର ଏହା କିଣିବାକୁ ଅସମର୍ଥ। ଅନୁସନ୍ଧାନର ରିପୋର୍ଟ ଅନୁଯାୟୀ ଏହି ନକଲି ବଜାର ମୁଖ୍ୟତଃ ଔଷଧର ଅଭାବ ଏବଂ ହସ୍ପିଟାଲଗୁଡ଼ିକରେ ବ୍ୟବହୃତ ହେଉଥିବା 'ଷ୍ଟାଣ୍ଡାର୍ଡ ହାଇ ଡୋଜ(ଅତ୍ୟଧିକ ମାତ୍ରା)' ଯୋଗୁଁ ବୃଦ୍ଧି ପାଉଛି, ଯାହା ଖର୍ଚ୍ଚ ବଢ଼ାଇଥାଏ। ପୁଲିସ୍ ମଧ୍ୟ ଏଭଳି ପ୍ରମାଣ ପାଇଛି, ଯେଉଁଥିରେ ହସ୍ପିଟାଲ କର୍ମଚାରୀମାନେ ନକଲି ଔଷଧ ଯୋଗାଣ ସହିତ ଜଡ଼ିତ ଅଛନ୍ତି।

ଅନେକ ଘରୋଇ ହସ୍ପିଟାଲ ଫାର୍ମାସିକୁ ଲାଭର ଏକ ମୁଖ୍ୟ କେନ୍ଦ୍ର ଭାବେ ବ୍ୟବହାର କରନ୍ତି। ଔଷଧକୁ ସର୍ବାଧିକ ଖୁଚୁରା ମୂଲ୍ୟ(ଏମ୍‌ଆରପି)ରେ ବିକ୍ରି କରିବା ସହିତ ସେମାନେ ପ୍ରଶାସନିକ ଖର୍ଚ୍ଚ, ନର୍ସିଂ ଓ ଉପକରଣ ଫି', ଭିତ୍ତିଭୂମି ବ୍ୟବହାର ଖର୍ଚ୍ଚ, ଔଷଧର ସଂରକ୍ଷଣ(କୋଲ୍ଡ-ଚେନ୍) ଖର୍ଚ୍ଚ) ସହିତ ୫% ଜିଏସ୍‌ଟି ଯୋଗ କରନ୍ତି, ଯାହା ରୋଗୀର ମେଡିକାଲ୍ ବିଲ୍‌କୁ ଆକାଶଛୁଆଁ କରିଦିଏ। 'କିରଣ ପେସେଣ୍ଟ ଆକ୍ସେସ ପ୍ରୋଗ୍ରାମ' ନାମରେ ଏକ ସହାୟତା ସେବା ମର୍କ କମ୍ପାନୀ ଚଳାଉଛି। ଏଥିରେ ରୋଗୀଙ୍କୁ କିଛି ବୋତଲ ଅଧିକ ମୂଲ୍ୟରେ କିଣିବାକୁ ପଡ଼େ ଏବଂ ପରେ କିଛି ବୋତଲ ମାଗଣାରେ ମିଳେ। ରିପୋର୍ଟରେ ଥିବା ୧.୫ ଲକ୍ଷ ଟଙ୍କାର ହାରାହାରି ମୂଲ୍ୟ ଏହି ମାଗଣା ବୋତଲଗୁଡ଼ିକୁ ମିଶାଇ ଗଣନା କରାଯାଇଛି। କିନ୍ତୁ ଜଣେ ରୋଗୀ ଯଦି ଏହି ପ୍ରୋଗ୍ରାମରେ ପଞ୍ଜୀକୃତ ହୋଇନାହାନ୍ତି, ତେବେ ତାଙ୍କୁ ପ୍ରତି ବୋତଲ ପାଇଁ ପୂରା ୨.୧୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ମୁଁ 'କିରଣ ଯୋଜନା' ଉପଭୋଗ କରୁଛି; କିନ୍ତୁ ଯେଉଁ ୧୦୦୦ ମିଲିଗ୍ରାମ କିଣୁଛି ସେଥିପାଇଁ ୧୦୦ ମିଲିଗ୍ରାମର ଦାମ ୨, ୧୬, ୫୦୦ ଟଙ୍କା ଦେଉଛି। ଏହାଛଡ଼ା ହସ୍ପିଟାଲଗୁଡ଼ିକ ଓଜନ ଅନୁସାରେ ଡୋଜ୍ ନଦେଇ ଏକ ନିର୍ଦ୍ଧାରିତ ଅଧିକ ଡୋଜ୍ (ଯଥା ୨୦୦ ମିଲିଗ୍ରାମ) ଦେଇଥା'ନ୍ତି, ଯାହାଫଳରେ ରୋଗୀଙ୍କୁ ଦୁଇଟି ଭାଏଲ୍ କିଣିବାକୁ ପଡ଼େ ଏବଂ ଖର୍ଚ୍ଚ ୪.୩ ଲକ୍ଷ ଟଙ୍କାରୁ ଅଧିକ ହୋଇଯାଏ।

୧୩.୦୪.୨୦୨୬ତାରିଖର 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ପ୍ରକାଶିତ ରିପୋର୍ଟର ସାରାଂଶ ହେଉଛି - ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ଏକ ବଡ଼ ରାକେଟ୍ ଚାଲୁଛି। ସାମ୍ବାଦିକମାନେ ୧୨,୫୦୦ ପୃଷ୍ଠାର ତଥ୍ୟ, ହ୍ୱାଟସଆପ୍ ଚାଟ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରି ଏହା ଜାଣିବାକୁ ପାଇଛନ୍ତି। ନକଲି ବ୍ୟବସାୟୀମାନେ ନୂଆ ବୋତଲ ତିଆରି କରିବା ବଦଳରେ ହସ୍ପିଟାଲ ଭିତରର କର୍ମଚାରୀଙ୍କ ସହଯୋଗରେ ପୁରୁଣା ବା ଖାଲି ବୋତଲ ସଂଗ୍ରହ କରୁଥିଲେ ଏବଂ ପ୍ରତିବଦଳରେ ଫାର୍ମାସିଷ୍ଟ ଓ ନର୍ସମାନଙ୍କୁ ଟଙ୍କା ଦେଉଥିଲେ। ଗୋଟିଏ ଖାଲି ବୋତଲ ପାଇଁ ୩,୦୦୦ ଟଙ୍କା ଏବଂ ଭର୍ତ୍ତି ଇଞ୍ଜେକସନ (ଯାହା ରୋଗୀଙ୍କୁ ଦିଆନଯାଇ ଚୋରି କରାଯାଇଥିଲା) ପାଇଁ ୪୦,୦୦୦ ରୁ ୬୫,୦୦୦ ଟଙ୍କା ଦିଆଯାଉଥିଲା। ଖାଲି ବୋତଲରେ ସାଧାରଣ ଲୁଣ ପାଣି ବା ସାଲାଇନ୍ ୱାଟର ଭର୍ତ୍ତି କରାଯାଇ ପୁଣି ସିଲ୍ କରାଯାଉଥିଲା। ଏହି ନକଲି ଇଞ୍ଜେକସନକୁ ପ୍ରାୟ ୯୦,୦୦୦ ଟଙ୍କାରେ ଅସହାୟ ପରିବାରଙ୍କୁ ବିକ୍ରି କରାଯାଉଥିଲା। ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ହ୍ୱାଟସଆପ୍ ଚାଟ ଏବଂ ଜବତ ହୋଇଥିବା ନକଲି ବୋତଲର ବ୍ୟାଚ ନମ୍ବର ହସ୍ପିଟାଲକୁ ଦିଆଯାଇଥିବା ଅସଲି ବ୍ୟାଚ ନମ୍ବର ସହିତ ମିଶିଯାଇଥିଲା। ସିସିଟିଭି ଥିବା ସତ୍ତ୍ୱେ କର୍ମଚାରୀମାନେ ବ୍ୟକ୍ତିଗତ ବ୍ୟାଗରେ ବୋତଲ ଚୋରି କରି ବାହାରକୁ ନେଉଥିଲେ। ନକଲି ଇଞ୍ଜେକ୍ସନ୍ ଯୋଗୁଁ ରୋଗ ଉପଶମ ହେବା ବଦଳରେ ରୋଗ ଶୀଘ୍ର ବଢ଼ିଯାଉଥିଲା। ଏହି କାରଣରୁ ଅନେକ ରୋଗୀଙ୍କର ଅକାଳମୃତ୍ୟୁ ମଧ୍ୟ ହୋଇଛି। ବିଶେଷଜ୍ଞ ଡାକ୍ତରମାନେ ନକଲି ବୋତଲକୁ ଚିହ୍ନି ପାରୁନଥିଲେ। ଯଦିଓ କେଟ୍ରୁଡା କମ୍ପାନୀ ଆମେରିକା ଭିତ୍ତିକ, କିନ୍ତୁ ଭାରତରେ ବ୍ୟବହୃତ ଉତ୍ପାଦଗୁଡ଼ିକ ନେଦରଲ୍ୟାଣ୍ଡ (ହଲାଣ୍ଡ) ଫ୍ୟାକ୍ଟ୍ରିରୁ ଆସୁଥିବାରୁ ପ୍ୟାକେଟ୍ ଉପରେ 'ମେଡ୍ ଇନ୍ ହଲାଣ୍ଡ' ଲେଖାଥାଏ।

ଏହି ପୃଷ୍ଠଭୂମିରେ ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ତଥା ବିଶିଷ୍ଟ ଲେଖକ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ତା ୩୧.୦୫.୧୯୮୮ରିଖରେ ଲିଖିତ 'ଯିଏ ଯେଉଁପାଇଁ ଲାଗିଲେ' ଶୀର୍ଷକ ପ୍ରବନ୍ଧଟିର କିୟଦଂଶ ଉଦ୍ଧୃତି କରିବା ପ୍ରାସଙ୍ଗିକ ହେବ। - 'ଶିକ୍ଷକମାନେ ଶିକ୍ଷା ପାଇଁ ନ ଲାଗି ନିଜ ପାଇଁ ଲାଗିଲେ; ଚାକିରିଆମାନେ ଯେଉଁଥିପାଇଁ ଦରମା ପାଉଛନ୍ତି ସେଥିପାଇଁ ନଲାଗି ଗୋଟାସୁଦ୍ଧା ନିଜ ପାଇଁ ଲାଗିଲେ। ଆପଣାର ଆୟଗୁଡ଼ାକ ସେମାନଙ୍କୁ ପ୍ରାୟ କିଛି ବୋଲି ଦିଶିଲା ନାହିଁ ବୋଲି ପାରୁପର୍ଯ୍ୟନ୍ତ ଅଣଆୟଗୁଡ଼ାକୁ ବଢ଼ାଇଲେ; ମନ୍ତ୍ରୀ ବିଚରା ବା ଅଧିକ କ'ଣ କରି ପାରିଥା'ନ୍ତେ? ସେମାନେ ବି ତ ଠିକ ଆମରି ଭଳି ମଣିଷ। ତେଣୁ ସେମାନେ ବି ନିଜ ପାଇଁ ଲାଗିଗଲେ। ହାଉଆ ଯେଉଁଭଳି ବୋହୁଥିଲା, ସେମାନେ ତାହାରି ପ୍ରତିନିଧିତ୍ୱ କଲେ। ଯିଏ ପୁଲିସ ହୋଇଥିଲା, ସିଏ ଶାନ୍ତିରକ୍ଷା ପାଇଁ ନଲାଗି ନିଜ ପାଇଁ ଲାଗିବାକୁ ବାଧ ହେଲା; ଆମ ଓକିଲ ଓ ନ୍ୟାୟର ଅଧୀଶ୍ୱରମାନେ ଅନ୍ୟ ପ୍ରକାରେ ଆଚରଣ କରିଥିଲେ ଯୁଗର ଆଖିରେ ବୋକା ବନି ରହିଥା'ନ୍ତେ, ତେଣୁ ସେମାନେ ମଧ୍ୟ ଯୁଗକୁ କଦର ଦେଖାଇ ଯଥାସମ୍ଭବ ନିଜ ପାଇଁ ଲାଗିଲେ। ଧର୍ମଗୁଡ଼ାକ ମଧ୍ୟ ଆଉ ପୃଥିବୀ ପାଇଁ ହୋଇ ରହିପାରିଲା ନାହିଁ। ସେଗୁଡ଼ିକ ମଠରେ ପରିଣତ ହୋଇଗଲା ଏବଂ ନିଜ ପାଇଁ ଲାଗିଲା। ମଣିଷମାନେ ଦେଉଳ ଭିତରକୁ ଯାଇ ଭଗବାନଙ୍କୁ ପ୍ରଧାନତଃ ନିଜ ପାଇଁ ମାଗିଲେ। ଭଗବାନ ନିଲଠା ହୋଇ ଅନେଇ ରହିଲେ। ଯେଉଁମାନେ ତାଙ୍କ ପାଇଁ କୋଠାଘର କରିଦେଲେ, ତାଙ୍କ ମୁଣ୍ଡ ଉପରେ ଚାନ୍ଦୁଆ ଟଙ୍ଗାଇ ଦେଲେ ଓ ଶଂଖମର୍ମର ପଥରରେ ପାହାଚ ବସେଇଦେଲେ, ସିଏ ସେମାନଙ୍କୁ ମୁହଁ ଖୋଲି ଆଦୌ କିଛି କହି ପାରିଥା'ନ୍ତେ କିପରି? ତା' ପରେ ସଂଗ୍ରାମୀମାନେ ଆସି ପହଞ୍ଚିଲେ। ସଂଗ୍ରାମ ସରି ନ ଥିଲା। ମାତ୍ର ସେମାନେ ବୁଢ଼ା ହୋଇ ଯାଇଥିଲେ। ତେଣୁ ଭତ୍ତା ମାଗିଲେ, ନିଜ ପାଇଁ ଲାଗିଲେ। କଳାକାରମାନେ ନିଜକୁ ଦୁଃସ୍ଥ କହି ସେ ଖାତାରେ ନିଜର ନାଆଁ ଲେଖାଇବାକୁ ସଂଘ ଗଢ଼ିଲେ। ସାହିତ୍ୟିକମାନେ ବି ସହରରେ ସଭା ମଣ୍ଡାଇ ଦୁଃସ୍ଥ ହେଲେ, ହାତ ପତେଇଲେ। ସାହିତ୍ୟକୁ ନେଇ ସାହୁକାରଙ୍କ ଘରେ ବାନ୍ଧିଦେଇ ଆସିଲେ। ଯିଏ ଯେଝା ପାଇଁ ଲାଗି ଗୌରବ ଅନୁଭବ କଲେ। ଯେଝା ନିଶକୁ ଦର୍ପଣ ଭିତରେ ଦେଖି ଫୁଲେଇ ହେଲେ। ତେବେ ଦେଶ ପାଇଁ, ମଣିଷ ପାଇଁ କିମ୍ବା ନ୍ୟାୟ ପାଇଁ କଥା କହିବାକୁ ଆଉ କେଉଁମାନେ ବାକି ରହିଲେ? ମାତ୍ର ଅଧିକରୁ ଅଧିକ ମଣିଷ ତଥାପି ଦେଶ ବିଷୟରେ ଭାଷଣ ଦେଲେ। ଆଦର୍ଶ ବିଷୟରେ ପିଲାମାନଙ୍କୁ ତ୍ୟାଗର ଉଦବୋଧନ ଦେଲେ। ଏଣିକି ଚରିତ୍ର ବିଷୟରେ ଅଧିକ କଥା କୁହାଗଲା, ଧର୍ମସଭାରେ ଅଧିକ ଉତ୍ସାହ ଓ ଉଛନ୍ନପଣିଆ ଦେଖାଇ ଧର୍ମକଥାର ଉଦଗାର ହେଲା। ଶ୍ରଦ୍ଧାଳୁ ଶ୍ରୋତାମାନେ ରାତି ଅନିଦ୍ରା ହୋଇ ସେହି ଉଦଗାର ଶୁଣିଲେ, କୃତ୍ୟକୃତ୍ୟ ହେଲେ, ମର ଜୀବନକୁ ଧନ୍ୟ କଲେ। ପରଜୀବନ ପାଇଁ ପୁଣ୍ୟ କିଣି ରଖିଲେ।

ଯିଏ ତ ଯେଝା ପାଇଁ ଲାଗିଲେ। ତେବେ ମୋ ଭଳି କର୍କଟରୋଗୀ ତଥା ସମସ୍ତ ପ୍ରକାର ଶୋଷିତଙ୍କ ରକ୍ଷା ପାଇଁ ଆଉ କିଏ ରହିଲେ? ମଝିରେ ମଝିରେ ତ ପିତ୍ତଗ୍ରନ୍ଥି ଭିତରେ ରହିଥିବା କଥାଟିକୁ ଖୋଲି କହିଦେବାକୁ ପଞ୍ଚାଏ ପଞ୍ଚାଏ ବାହାରନ୍ତି; କିନ୍ତୁ ମହାମହିମଗଣଙ୍କର ପିତ୍ତଗ୍ରନ୍ଥି ଏତେ ଖାରିଆ ଯେ, ଏମାନେ ସେଠାରେ ମିଳେଇଯାଇ ସେମାନଙ୍କ ପଟିଆ ହୋଇଯାଆନ୍ତି। ଏବେ ବିଲେଇ ଅଛି, ଘଣ୍ଟି ଅଛି, କିନ୍ତୁ ବିଲେଇ ବେକରେ ବାନ୍ଧିବାକୁ ମୂଷାଟିଏ କାହିଁ? ଏ ହେଉଛି ଯୁଗ ଯୁଗର ଅସମାହିତ ପ୍ରଶ୍ନଟିଏ।

ଭୁବନେଶ୍ୱର, ମୋ: ୮୮୯୫୮୫୬୭୩୮

## ସାର୍ ଖୋଜୁଛନ୍ତି ପିଲାଙ୍କୁ

ସତ୍ୟନାରାୟଣ ଦେହୁରୀ

ସ୍କୁଲଗୁଡ଼ିକରେ ପିଲାଙ୍କ ଡ୍ରପ୍‌ଆଉଟ କମାଇବା ଏବଂ ପିଲାଙ୍କ ସଂଖ୍ୟା ବଢ଼ାଇବା ପାଇଁ ଏବେ ସାର୍‌ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଘରକୁ ଘର ବୁଲି ସ୍କୁଲକୁ ଆସୁନଥିବା ପିଲାଙ୍କୁ ଖୋଜିବେ। ନୂତନ ଭାବେ ନାମ ଲେଖାଇବାକୁ ଥିବା ପିଲା ମଧ୍ୟ ସଂଗ୍ରହ କରିବେ। ପିଲାସଂଖ୍ୟା କମିଗଲେ ସ୍କୁଲ ବନ୍ଦ ହୋଇଯିବାର ଭୟ ସହିତ ବିଭିନ୍ନ ପ୍ରକାର ସରକାରୀ ଅନୁଦାନ କଟିଯିବାର ଆଶଙ୍କା ଥାଏ କିମ୍ବା ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡ଼ିଥାଏ।

ସରକାରଙ୍କର 'ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ' ଯୋଜନାର ସଫଳ ରୂପାୟନ କରିବା ପାଇଁ ବା ସ୍କୁଲ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ବହୁତ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ପିଲାଙ୍କୁ ଅଙ୍ଗନବାଡ଼ିରେ ୨ ବର୍ଷ ହସାଇ ଖେଳାଇ ଗପ ଗୀତ ମାଧ୍ୟମରେ କିଛି କିଛି ଶିକ୍ଷା ଦିଆଯାଉଛି। ଏଠାରେ ପିଲାଙ୍କୁ ଖାଦ୍ୟ, ପୋଷାକ ଓ ବହିପତ୍ର ଇତ୍ୟାଦି ସରକାର ଯୋଗାଇ ଦିଅନ୍ତି। ପିଲାଙ୍କୁ ୫ ବର୍ଷ ହୋଇଗଲେ 'ବାଲବାଟିକା'ରେ ନାମଲେଖା ଯାଉଛି। ବର୍ଷ ଆରମ୍ଭରେ ନୂଆ ପିଲା ସଂଗ୍ରହ କରି ପ୍ରବେଶ ଉତ୍ସବ ମାଧ୍ୟମରେ ପିଲାଙ୍କୁ ସ୍ୱାଗତ କରାଯାଉଛି। ପ୍ରବେଶ ଉତ୍ସବ ଦିନ ସାରମାନେ ପିଲାଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରୁଛନ୍ତି। ପିଲାମାନେ ସାରମାନଙ୍କୁ ପୂଜା କରିବାର ପରମ୍ପରା ବଦଳି ଗଲାଣି। ଗୁରୁଦିବସ ଦିନ ସାର୍‌ମାନଙ୍କୁ ଯେଉଁ ସମ୍ମାନ ମିଳୁଥିଲା ତାହା ଏବେ ପିଲାଙ୍କ ନିକଟକୁ ଚାଲିଗଲାଣି। ପିଲା ସ୍କୁଲରେ ରହିଲେ ଯାଇ ସାରଙ୍କ ଚୌକି ରହିବ। ପିଲାସଂଖ୍ୟା ୨୦ରୁ କମ ହେଲେ ବିଦ୍ୟାଳୟ ବନ୍ଦ ହୋଇଯିବ। ଏହି ନୀତିରେ ଅନେକ ସ୍କୁଲ୍ ବନ୍ଦ ହୋଇଗଲାଣି। ଯେଉଁ ଅଳ୍ପ କିଛି ପିଲା ଥିବେ ସେମାନଙ୍କ ସହିତ ସାରମାନେ ମଧ୍ୟ ନିକଟସ୍ଥ ବିଦ୍ୟାଳୟକୁ ଯିବାକୁ ପଡ଼ିବ।

ତେବେ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ 'ବାଲବାଟିକା'ରେ ଏକ ଯାଦୁପେଡ଼ିର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାର ଖେଳନା ସହାୟତାରେ ପିଲାମାନଙ୍କୁ ବିଭିନ୍ନ ଅକ୍ଷର, ଶବ୍ଦ ଓ ସଂଖ୍ୟା ସହିତ ପରିଚିତ କରାଯାଏ। ପିଲାଙ୍କୁ ପାଠର ବୋଝ ନଦେଇ ଆନନ୍ଦଦାୟକ ଭାବରେ କିପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିପାରିବେ ସେଥିପାଇଁ ଚେଷ୍ଟା କରାଯାଏ। ଆଗରୁ ପିଲାର ପରୀକ୍ଷା ଫଳ ଭଲ ନହେଲେ ଗୋଟିଏ କ୍ଲାସରେ ଏକାଧିକ ବର୍ଷ ଫେଲ କରାଯାଉଥିଲା। କିନ୍ତୁ ଯେଉଁ ଦିନଠାରୁ ଶିକ୍ଷାଅଧିକାର ଆଇନ କାର୍ଯ୍ୟକାରୀ ହେଲା ସେହିଦିନଠାରୁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯିବା ସହିତ ଫେଲ ବ୍ୟବସ୍ଥାର ଉଚ୍ଛେଦ ହେଲା। ପିଲାଙ୍କ ମନରେ ଥିବା ପାଠଭୟ ଦୂର ହୋଇଗଲା। ପାଠ ଆସୁ ନଆସୁ ସବୁ ପିଲା ପାଠ ପଢ଼ନ୍ତୁ। ସ୍କୁଲରେ ପିଲାଙ୍କ ସଂଖ୍ୟା ବଢ଼ିବା ଦରକାର। ଆମ ରାଜ୍ୟର ସାକ୍ଷରତା ହାର ଅନ୍ୟ ରାଜ୍ୟ ତୁଳନାରେ ବଢ଼ିବା ଆବଶ୍ୟକ। ଦଶମ ଶ୍ରେଣୀରେ ଯାଇ ପିଲାମାନଙ୍କୁ ପାସ/ଫେଲର ସ୍ୱାଦ ଚାଖିବାକୁ ପଡୁଛି। ଦଶମ ଶ୍ରେଣୀରେ ଯେତେ ପିଲା ପଢୁଥାଆନ୍ତି ସବୁ ପିଲାଙ୍କ ଫର୍ମପୂରଣ କରାଯାଏ। ଆଗରୁ ଯେଉଁ ପିଲାମାନେ ପଇସା ଅଭାବରୁ ଫର୍ମପୂରଣ କରୁନଥିଲେ ସେମାନଙ୍କ ସେହି ଅସୁବିଧା ଦୂର ହୋଇଗଲା। ସାରମାନେ ପ୍ରତିପିଲା ସହିତ ଯୋଗାଯୋଗ କରି ଫର୍ମପୂରଣ କରିବାକୁ ବାଧ୍ୟ। ନଚେତ ସାରମାନଙ୍କୁ କୈଫିୟତ ଦେବାକୁ ପଡ଼ିବ। ପରୀକ୍ଷା ଦିନ କୌଣସି ପିଲା ପରୀକ୍ଷା ଦେବାକୁ ନଆସିଲେ ସାର ଯାଇ ତା'କୁ ଘରୁ ଡାକିଆଣିବେ। ସମସ୍ତେ ପରୀକ୍ଷା ଦେବାକୁ ପଡ଼ିବ। ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ ପିଲାଙ୍କୁ ପାସ କରାଇବାରେ ସକାରାତ୍ମକ ମନୋଭାବ ପୋଷଣ କରନ୍ତି। ତେଣୁ ଭଲ ଭାବରେ ଲେଖି ପଢ଼ି ପାରୁନଥିବା ପିଲା ମଧ୍ୟ ବୋର୍ଡ ପରୀକ୍ଷାରେ ସଫଳ ହୁଅନ୍ତି। ସ୍କୁଲର ରେଜଲ୍ଟ ଭଲ ନ ହେଲେ ସାରମାନଙ୍କ ଉପରେ ପ୍ରଭାବ ପଡ଼େ। ଶତପ୍ରତିଶତ ରେଜଲ୍ଟ ହେବା ନିହାତି ଦରକାର। ଯେଉଁ ସ୍କୁଲଗୁଡ଼ିକର ରେଜଲ୍ଟ ଖରାପ ହୋଇଥାଏ ସେମାନଙ୍କୁ କୈଫିୟତ ଦେବାକୁ ହୁଏ।

ସ୍କୁଲରୁ ପାଉଥିବା ବିଭିନ୍ନ ସରକାରୀ ସୁବିଧା ପାଇଁ ସାରମାନେ ପିଲାଙ୍କୁ ଖୋଜନ୍ତି। ପିଲାଙ୍କର ୟୁନିଫର୍ମ ପୋଷାକ ଓ ବହି ବଣ୍ଟା ସମୟରେ ଯେଉଁମାନେ ଆସି ନ ଥା'ନ୍ତି ସେମାନଙ୍କୁ ଖୋଜିବାକୁ ପଡ଼େ। ବୃତ୍ତି ଟଙ୍କା ପାସବୁକରେ ଜମା ହେବା ପାଇଁ ପିଲାର ଆଧାରକାର୍ଡ, ପାସବୁକ ଇତ୍ୟାଦି ଅପଡେଟ ପାଇଁ ପିଲାଙ୍କ ନିକଟକୁ ଯିବାକୁ ପଡ଼େ। ସ୍କୁଲରେ ଉପସ୍ଥାନ ବଢ଼ାଇବା ପାଇଁ ଏବଂ ବିଭିନ୍ନ ସହଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପିଲାଙ୍କୁ ଖୋଜା ପଡ଼େ। ନବମ ଶ୍ରେଣୀ ଝିଅପିଲାଙ୍କ ପାସବୁକରେ ପ୍ରତିବର୍ଷ ସାଇକଲ କିଣିବା ପାଇଁ ସରକାର ଯେଉଁ ପଇସା ଦେଉଛନ୍ତି ତାହା ଜମା ହେଲା କି ନାହିଁ ଜାଣିବା ପାଇଁ ପିଲାଙ୍କୁ ଖୋଜା ପଡ଼େ।

ସମୟ ଥିଲା, ପିଲା ପାଠ ଦିଅକ୍ଷର ପଢ଼ିବ ବୋଲି ବାପା ମାଆମାନେ ସାରଙ୍କ ନିକଟକୁ ଯାଉଥିଲେ। ସାରଙ୍କୁ ଅନୁରୋଧ କରି କହୁଥିଲେ ତାଙ୍କ ପିଲାର ଭବିଷ୍ୟତ ଗଢ଼ିବା ପାଇଁ। ପିଲାଙ୍କୁ ଯେକୌଣସି ଦଣ୍ଡଦେଲେ ମଧ୍ୟ ପିତାମାତା କୌଣସି ଆପତ୍ତି କରୁ ନ ଥିଲେ। କିନ୍ତୁ ବର୍ତ୍ତମାନ ସବୁ ଓଲଟି ଗଲାଣି। ଏବେ ସାର୍‌ମାନଙ୍କ ଉପରେ ଦାୟିତ୍ୱ ବଢ଼ିଛି। ପିଲାଙ୍କ ସବୁ ଆବଶ୍ୟକତା ପୂରଣ ପାଇଁ ସାର ଖୋଜୁଛନ୍ତି ପିଲାଙ୍କୁ।

ରାଧାନଗର(ବୌଦ୍ଧ), ମୋ: ୯୯୩୮୭୫୮୩୫୩

## ଶୁଆ ପୂଜନ

ଓଜସ୍ୱିନୀ

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ବିଶେଷଭାବେ ମାର୍ଚ୍ଚ-ଏପ୍ରିଲ୍ ମାସରେ ଆୟୋଜିତ ପଙ୍ଗୁନି ଉତ୍ସବ ବା ମନ୍ଦିରର ବାର୍ଷିକ 'ବ୍ରହ୍ମୋତ୍ସବ' ପାଳନ ଅବସର ପୂର୍ବରୁ କିମ୍ବା ଉତ୍ସବ ସରିବାର ଦ୍ୱିତୀୟ ଦିନ 'କିଲ୍ଲି ବାହନମ୍' ନାମକ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୁଏ। ତାମିଲ୍ ଭାଷାରେ 'କିଲ୍ଲି' ଶବ୍ଦର ଅର୍ଥ 'ଶୁଆ' ଓ 'ବାହନମ୍' ଅର୍ଥ ବାହନ। ଗୋଟିଏ ବିଶାଳ ଶୁଆର ଆକୃତି ପ୍ରସ୍ତୁତ କରି ମୀନାକ୍ଷୀ ଦେବୀ, ଅଣ୍ଡାଲା ଦେବୀ ଓ କାମାକ୍ଷୀ ଦେବୀଙ୍କ ଚଳନ୍ତି ପ୍ରତିମାଙ୍କୁ ଶୁଆ ଉପରେ ଉପବିଷ୍ଟ କରାଇ ପାରମ୍ପରିକ ବାଦ୍ୟ, ଆତସବାଜି ଓ ନୃତ୍ୟଗୀତ ସହିତ ଶୋଭାଯାତ୍ରା ସହରରେ ପରିକ୍ରମା କରାଯାଏ। ଭକ୍ତମାନେ ଏହି ଶୋଭାଯାତ୍ରାକୁ ଦର୍ଶନ କରିବା ସହିତ ଭୋଗ ସମର୍ପଣ କରିଥା'ନ୍ତି। ଚେନ୍ନାଇର କପାଳେଶ୍ୱର ମନ୍ଦିରରେ ମଧ୍ୟ ଏଭଳି ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ।

ବିଦେଶୀୟ ସଂସ୍କୃତି ଓ ପରମ୍ପରାରେ ମଧ୍ୟ ଶୁଆର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ପ୍ରାଚୀନ ଆମେରିକୀୟ ଜନଜାତି ପୁଏବ୍‌ଲୋ ଓ ବୋରେରୋ ଶୁଆକୁ ଇନ୍ଦ୍ରଧନୁ ଓ ସ୍ୱର୍ଗର ପ୍ରତୀକ ଭାବେ ମାନ୍ୟତା ଦେଇଥା'ନ୍ତି। ଏହି ଦୁଇଟି ଜନଜାତିରେ ଆୟୋଜନ ହେଉଥିବା ଅଧିକାଂଶ ଆଧ୍ୟାତ୍ମିକ ଅନୁଷ୍ଠାନରେ ଶୁଆର ପର ବ୍ୟବହାର ହୋଇଥାଏ। ଏହାବ୍ୟତୀତ ପ୍ରାର୍ଥନାରେ ବ୍ୟବହୃତ ଗୋଟିଏ ପବିତ୍ର ବାଡ଼ି ଏବଂ ପୂଜାନୁଷ୍ଠାନରେ ବ୍ୟବହୃତ ବସ୍ତ୍ରଗୁଡ଼ିକରେ ମଧ୍ୟ ଶୁଆ ପର ଲଗାଯାଇଥାଏ। ବିଶ୍ୱାସ ରହିଛି ଯେ, ଶୁଆମାନେ ପୂର୍ବପୁରୁଷ ଓ ସ୍ୱର୍ଗର ଦେବତାଙ୍କ ମଧ୍ୟରେ ସନ୍ଦେଶବାହକ ଭାବେ କାର୍ଯ୍ୟ କରିଥା'ନ୍ତି ଏବଂ ସୁସ୍ଥ ଜୀବନର ବରଦାନ ଦେଇଥା'ନ୍ତି। 'ମାୟା' ସଭ୍ୟତାରେ ଶୁଆର ପ୍ରାଧାନ୍ୟ ରହିଛି। ଶୁଆକୁ ସୂର୍ଯ୍ୟ ଦେବତାଙ୍କ ସହିତ ଯୋଡ଼ା ଯାଇଛି ଏବଂ ବର୍ଷା ଓ ଅଗ୍ନିର କାରକ ବୋଲି ବିଶ୍ୱାସ କରାଯାଉଛି। ତେଣୁ କେତେକ ସ୍ଥଳରେ ଶୁଆଙ୍କର ପୂଜାର୍ଚ୍ଚନା କରିବା ସହିତ ପବିତ୍ର ପକ୍ଷୀ ଭାବେ ବିଶେଷ ସମ୍ମାନ ପ୍ରଦାନ କରାଯାଉଛି। ନ୍ୟୁଜିଲ୍ୟାଣ୍ଡର ମାଓରି ସଂସ୍କୃତିରେ କାକା ଓ କାକାପୋ(ଶୁଆର ପ୍ରଜାତି)କୁ ଆଧ୍ୟାତ୍ମିକ ଜ୍ଞାନ, ସଦ୍‌ବୁଦ୍ଧିର ପ୍ରତୀକ ଭାବେ ମାନ୍ୟତା ଦିଆଯାଇଛି ଏବଂ ଶୁଆ ଦେବତାଙ୍କଠାରୁ ମନୁଷ୍ୟ ସମାଜକୁ ଏହି ଦିବ୍ୟଜ୍ଞାନ ସମ୍ପର୍କରେ ବାର୍ତ୍ତା ପ୍ରେରଣ କରିଥାଏ ବୋଲି ବିଶ୍ୱାସ ରହିଆସିଛି। ମାଓରିର ଲୋକଥାଗୁଡ଼ିକରେ ମଧ୍ୟ ଶୁଆ ସମ୍ପର୍କିତ ଏଭଳି ଅନେକ ବର୍ଣ୍ଣନା କରାଯାଇଛି। ଚୀନ୍‌ର କେତେକ ପୌରାଣିକ କଥାରେ ଶୁଆକୁ ତା'ର ବାକ୍‌କ୍ଷମତା ପାଇଁ ଦେବତାଙ୍କ ଦ୍ୱାରା ସୃଷ୍ଟ ଯାଦୁକରୀ ପକ୍ଷୀ ବୋଲି ଉଲ୍ଲେଖ କରାଯାଇଛି। ବୌଦ୍ଧଧର୍ମର ପ୍ରସିଦ୍ଧ 'ଜାତକ କାହାଣୀ'ରେ ଶୁଆର ପ୍ରାଧାନ୍ୟ ରହିଛି। ଭଗବାନ ବୁଦ୍ଧ ପୂର୍ବଜନ୍ମରେ ଜ୍ଞାନର ପ୍ରତୀକ ଭାବେ ଶୁଆ ଯୋନି ଜନ୍ମ ନେଇଥିଲେ ବୋଲି ଜଣାଯାଏ।

### ବିଚିତ୍ର ବିଶ୍ୱାସ

ଭାରତର ପ୍ରାୟ ମନ୍ଦିର କାନ୍ଥ କିମ୍ବା ଖମ୍ବରେ ଶୁଆ ମୂର୍ତ୍ତି ଖୋଦିତ ହୋଇଛି। ଏହାର ମୁଖ୍ୟ କାରଣ ଶୁଭ ଓ ସକାରାତ୍ମକ ଶକ୍ତିର ସଞ୍ଚାରକ ବୋଲି ଗବେଷକମାନେ ମତ ଦିଅନ୍ତି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମନରେ ଏହି ଚିତ୍ର ଐଶ୍ୱରୀୟ ସତ୍ତା ପ୍ରତି ସକାରାତ୍ମକ ଭାବନା ସୃଷ୍ଟି କରିଥାଏ। ଏହି ଆଧ୍ୟାତ୍ମ ଶକ୍ତିର ସର୍ବୋତ୍କୃଷ୍ଟ ଉଦାହରଣ ହେଉଛି ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷର ଦଧିନଉତିରେ ସଂଯୁକ୍ତ ହୋଇ ରହିଥିବା ଓଲଟ ଶୁଆ, ଯାହାକୁ 'ଜୀବ' ଓ 'ପରମ' ଭାବେ ଆଖ୍ୟାୟିତ କରାଯାଇଛି। 'ଜୀବ' ମନୁଷ୍ୟର ଏବଂ 'ପରମ' ପରମାତ୍ମାଙ୍କ ପ୍ରତୀକ। 'ଜୀବ' ନାମକ ଶୁଆ ଇନ୍ଦ୍ରୀୟସୁଖ ଭୋଗ କରୁଥିବା ବେଳେ 'ପରମ' ନାମକ ଶୁଆ ପରମାତ୍ମା ଭାବେ କେବଳ ସଂସାରକୁ ଅବଲୋକନ କରିଥା'ନ୍ତି। ତେଣୁ ଦୁହେଁ ଦୁହିଁଙ୍କର ବିପରୀତ ଚିନ୍ତାଧାରା ଅନୁସାରେ ଓଲଟା ଭାବେ ନିର୍ମିତ ଓ ଅବସ୍ଥାପିତ। ତେବେ ଏହି ଦୁଇଟି ଶୁଆ ମାନବ ଜୀବନର ମୁଖ୍ୟ ଉଦ୍ଦେଶ୍ୟ - ମୋହମାୟାଭରା ଇନ୍ଦ୍ରୀୟ ଜଗତରୁ ଅତିନ୍ଦ୍ରୀୟ ଜଗତକୁ ଗତି କରି ମୋକ୍ଷ ଲାଭ କରିବାର ମାର୍ଗକୁ ସୂଚାଇଥାଏ। ଶ୍ରାବଣ ସୋମବାରରେ ମହାଦେବଙ୍କୁ ଜଳଲାଗି କରିବା ପାଇଁ କାଉଡ଼ିଆମାନେ ଯେଉଁ ବାହୁଙ୍ଗି ନେଇ ଯାଇଥା'ନ୍ତି, ସେଥିରେ ମଧ୍ୟ ଶୁଆର ଆକୃତି ରହିଥାଏ, ଯାହାକି ଶୁଭ୍ରତା ଓ ପବିତ୍ରତାର ପ୍ରତୀକ।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-344 ◆FRIDAY ◆12 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୪ ◆ଶୁକ୍ରବାର ◆୧୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ରାଜଧାନୀରେ ଦୁଇ ଟ୍ରେନ୍ ମୁହାଁମୁହିଁ ଧକ୍କା



■ ଭୁବନେଶ୍ୱର ୧୧।୬ (ସମିସ): ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ସନ୍ନିକଟ ଝାରପଡ଼ା ରେଳ ଟ୍ରାକ ନିକଟରେ ଆଜି ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଟ୍ରେନ ଦୁଇଟିର ସମ୍ମୁଖ ଇଞ୍ଜିନ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ ଯାତ୍ରୀଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ।

ସୂଚନା ଅନୁସାରେ, ଆଜି(ଗୁରୁବାର) ସକାଳେ ଭୁବନେଶ୍ୱର ଷ୍ଟେସନରୁ ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନ ମଞ୍ଚେଶ୍ୱର ଦିଗରୁ ଆସୁଥିବା ଏକ ଟ୍ରେନ୍‌କୁ ଦେଲା ଧକ୍କା ଦେଇଥିଲା। କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱରର ୪ ନମ୍ବର ପ୍ଲାଟଫର୍ମରେ ଲାଗିଥିଲା ଓ ଟ୍ରାକ ଚେଞ୍ଜ ବେଳେ, ବ୍ରେକରେ ସମସ୍ୟା ହେବାରୁ କିଛି ରାସ୍ତା ଗଡ଼ି ଯାଇଥିଲା। ଫଳରେ ଅନ୍ୟ ଟ୍ରେନ୍ ସହ ଧକ୍କା ହୋଇଥିଲା। ଯଦିଓ ଏଥିରେ କୌଣସି ମୃତାହତର ସୂଚନା ମିଳିପାରି ନାହିଁ, ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୁଲିସ, ରେଳବାଇ କର୍ମଚାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ଘଟଣା ସମ୍ପର୍କରେ ପୂର୍ବତଟ ରେଳବାଇ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଛି। ଘଟଣା ସମୟରେ ଉଭୟ ରେକ୍ ଖାଲି ଥିବାରୁ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ରେଳ ଅଧିକାରୀ ଏବଂ ବୈଷୟିକ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରୋଲିଂ ଷ୍ଟକ୍ ସୁରକ୍ଷିତ ରଖିବା ଏବଂ ପରିସ୍ଥିତିର ମୂଲ୍ୟାଙ୍କନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ମୁଖ୍ୟ ଲାଇନରେ ଟ୍ରେନ୍ ପରିଚାଳନା ଏବଂ ଯାତ୍ରୀ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି।


# ଓଡ଼ିଶା ଏରୁଣ୍ଡି ଡେଇଁ ଅଟକିବ ମୌସୁମୀ

■ ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟକୁ ମୌସୁମୀ ଆସିବ ଆସିବ ବୋଲି ଆଇଏମ୍‌ଡି କହୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୌସୁମୀ ଓଡ଼ିଶା ଛୁଇଁପାରି ନାହିଁ। ଯଦିଓ ରଜ ପୂର୍ବରୁ ମୌସୁମୀ ଓଡ଼ିଶା ଛୁଇଁବା ନେଇ ଯଥେଷ୍ଟ ସମ୍ଭାବନା ରହିଛି, ମାତ୍ର ମୌସୁମୀ କିଛି ଜିଲ୍ଲାକୁ ଛୁଇଁ ଦେଇ ଏହା ପରେ ଏହି ପ୍ରକ୍ରିୟା ସ୍ଥଗିତ ରହିଯାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ମୁଖ୍ୟତଃ ବଙ୍ଗୋପସାଗରରେ କୌଣସି ଲଘୁଚାପ କିମ୍ବା ଅବପାତ ସୃଷ୍ଟି ନ ହେଉ ଥିବାରୁ ଓଡ଼ିଶା ପାଇଁ ଏବେ ମୌସୁମୀ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଉପକୂଳ ତୁଳନାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଅଞ୍ଚଳରେ ଜଳୀୟବାଷ୍ପର ଜମାଟ ବାନ୍ଧିବା ପ୍ରକ୍ରିୟା ଅଧିକ ଶକ୍ତିଶାଳୀ ହେଉଛି। ଏହି ବଦଳୁଥିବା ପାଗର ପ୍ରଭାବ ଓଡ଼ିଶାରେ ମୌସୁମୀ ଆଗମନର ସମୟ ଏବଂ ବର୍ଷାର ବଣ୍ଟନ ଉପରେ ପଡ଼ିବ। ଏହି କ୍ରମରେ ଉପକୂଳରେ ମୌସୁମୀ ପ୍ରବେଶ ୧୨-୧୩ ଜୁନ୍ ମଧ୍ୟରେ ହୋଇପାରେ। ୧୨-୧୩ ତାରିଖ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆନୁଷ୍ଠାନିକ ଭାବେ ପ୍ରବେଶ କରିବା ପାଇଁ ପରିବେଶ ଅନୁକୂଳ ରହିଛି। ସାଧାରଣତଃ ଦକ୍ଷିଣରୁ ଉତ୍ତରକୁ କ୍ରମାଗତ ଭାବେ ମୌସୁମୀ ଆଗକୁ ବଢ଼େ। କିନ୍ତୁ ଏଥର ସେପରି ନହୋଇ ଓଡ଼ିଶାର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଏକ ସ୍ୱଳ୍ପ ସମୟ ବ୍ୟବଧାନ ମଧ୍ୟରେ ମୌସୁମୀ ଋତୁରେ ପ୍ରବେଶ କରିବ। ମୌସୁମୀର ପ୍ରଥମ ପ୍ରଭାବ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଉପରେ ପଡ଼ିବାର ସମ୍ଭାବନା ଅଛି। ଏହି ସମୟରେ ମଧ୍ୟମରୁ ସ୍ଥାନେ ସ୍ଥାନେ ପ୍ରବଳ ଏବଂ ▶ପୃଷ୍ଠା-୯

ଧମକ ଦେଲେ ରାଷ୍ଟ୍ରପତି ଟ୍ରମ୍ପ

# ଆଜି ରାତିରେ ଭୟଙ୍କର ଆକ୍ରମଣ



**ଇରାନର ଖାର୍ଗ ତୈଳ ଦ୍ୱୀପ ଦଖଲ କରିବ ଆମେରିକା**

**ଭେନେଜୁଏଲା ଭଳି ସମସ୍ତ ତୈଳ ଓ ଗ୍ୟାସ ଭଣ୍ଡାରକୁ ଅକ୍ତିଆର କରାଯିବ**

■ୱାସିଂଟନ, ୧୧।୬ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା କୂଟନୈତିକ ଆଲୋଚନା ମଧ୍ୟରେ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଦୁଇ ଦିନ ଦୁଇ ଦେଶ ମଧ୍ୟରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି ଯେ ଆଜି ରାତିରେ ଇରାନ ଉପରେ ସବୁଠାରୁ ଭୟଙ୍କର ଆକ୍ରମଣ କରାଯିବ। ଇରାନର ତେଲ ଭଣ୍ଡାର ଥିବା ଖାର୍ଗ ଦ୍ୱୀପକୁ ଆମେରିକା ସେନା ଅକ୍ତିଆର କରିବ। କେବଳ ସେତିକି ନୁହେଁ, ଭେନେଜୁଏଲା ଭଳି ଇରାନର ସମସ୍ତ ତୈଳ ଓ ଗ୍ୟାସ ପ୍ରତିଷ୍ଠାନକୁ ଅକ୍ତିଆର କରାଯିବ।

ସାମାଜିକ ଗଣମାଧ୍ୟମ 'ଟ୍ରୁଥ' ସୋସିଆଲରେ ବିବୃତି ଦେଇ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମରିକାର ଆକ୍ରମଣରେ ଇରାନର ନୌସେନା, ବାୟୁସେନା, ରଡାର ସମେତ ସମସ୍ତ ପ୍ରତିରକ୍ଷା ଶକ୍ତି ଓ ଭିତ୍ତିଭୂମି ଧ୍ୱଂସ ହୋଇଯାଇଛି। ଆଉ ଯାହା ବାକି ରହିଛି, ତାହାକୁ ଆଜି ରାତିରେ ଧ୍ୱଂସ କରିଦିଆଯିବ। ଏହାସହିତ ଇରାନର ସମସ୍ତ ତୈଳ ଓ ଗ୍ୟାସ ବଜାର ଆମେରିକା ନିୟନ୍ତ୍ରଣରେ ଆସିବ। ଭେନେଜୁଏଲାରେ ଆମେରିକାର ଏଭଳି ରଣନୀତି ସଫଳ ହୋଇଥିବାରୁ ଏହାକୁ ଇରାନରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ସେ କହିଲେ ଯେ ହର୍ମୁଜରେ ଆମେରିକାର ଆପାଚେ ହେଲିକପଟର ଉପରେ ଆକ୍ରମଣ କରି ଇରାନ ଭୁଲ କରିଛି ଏବଂ ଏହାର ଜବାବରେ ତୀବ୍ର ଆକ୍ରମଣ କରାଯିବ। ପରେ ଏକ ସାକ୍ଷାତକାରରେ ଟ୍ରମ୍ପ କହିଲେ ଯେ ଆମେରିକୀୟ ଜନସାଧାରଣ ଏପରି ପଦକ୍ଷେପକୁ ସମର୍ଥନ କରିବେ କି ନାହିଁ, ସେନେଇ ସେ ନିଶ୍ଚିତ ନୁହନ୍ତି।

ଅନ୍ୟପକ୍ଷରେ, ଇରାନ ଓ ଆମେରିକା ମଧ୍ୟରେ ଏକ ଅସ୍ଥାୟୀ ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି। ଉଭୟ ପକ୍ଷ ମଧ୍ୟରେ ଜବତ ହୋଇଥିବା ଇରାନୀୟ ପାଣ୍ଠିର ମୁକ୍ତିକୁ ନେଇ ମତଭେଦ ରହିଥିବା ଜଣାପଡ଼ିଛି। ଇରାନ ୬ରୁ ୧୨ ବିଲିୟନ ଡଲାର ତୁରନ୍ତ ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆମେରିକା ପର୍ଯ୍ୟାୟକ୍ରମେ ସେହି ପାଣ୍ଠି ମୁକ୍ତ କରିବାକୁ ଚାହୁଁଛି। ସାମରିକ କାର୍ଯ୍ୟାନୁଷ୍ଠାନ ସହିତ ଓ କୂଟନୈତିକ ଆଲୋଚନା ଏକାସାଙ୍ଗରେ ଚାଲିଥିବାରୁ ମଧ୍ୟପ୍ରାଚ୍ୟର ପରିସ୍ଥିତି ଅଧିକ ସମ୍ବେଦନଶୀଳ ହୋଇପଡ଼ିଛି।

ଗତ ରାତିରେ ଆମେରିକା ପକ୍ଷରୁ ଇରାନ ଉପରେ ଜୋରଦାର ବିମାନ ଆକ୍ରମଣ କରାଯାଇଥିବା ବେଳେ, ଏହାର ଜବାବରେ ଇରାନ ମଧ୍ୟ ପାଲଟା ଆକ୍ରମଣ କରିଛି। ଆମେରିକୀୟ ସେନା (ସେଣ୍ଟକମ୍) ଇରାନର ସିରିକ, ମିନାବ, ବନ୍ଦର ଅବ୍ବାସ ଏବଂ ଗୋରଗାନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିକୁ ଟାର୍ଗେଟ କରିଛି। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଭିତରେ ୪୯ଟି 'ଟୋମାହକ୍' କ୍ରୁଜ୍ ମିସାଇଲ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଛି। ଇରାନର ଆକ୍ରମଣାତ୍ମକ ଆଭିମୁଖ୍ୟର ଜବାବ ଏବଂ ଆତ୍ମରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଆମେରିକା କହିଛି।

ଆମେରିକାର ଏହି ଆକ୍ରମଣ ପରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍‌ସ୍' (ଆଇଆରଜିସି) ପକ୍ଷରୁ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇରାନ ଜୋର୍ଡାନରେ ଥିବା ଆମେରିକାର 'ଅଲ୍-ଅଜରାକ' ଏୟାରବେସ୍ ଉପରେ ୧୨ଟି ବାଲିଷ୍ଟିକ ମିସାଇଲ୍ ମାଡ଼ କରିଥିବା ଦାବି କରିଛି। ଏହା ସହିତ କୁଏତ ଏବଂ ବହାରେନରେ ଥିବା ପ୍ରାୟ ୧୮ଟି ଆମେରିକୀୟ ସାମରିକ ଘାଟିକୁ ମଧ୍ୟ ଇରାନ ଟାର୍ଗେଟ କରିଛି। ଏହି ଆକ୍ରମଣ ପରେ ବହାରେନରେ ସାଇରନ ବାଜିବା ସହ କୁଏତ ନିଜର ଆକାଶମାର୍ଗକୁ ସ୍ଥଗିତ ରଖିଛି। ଉତ୍ତେଜନା ବୃଦ୍ଧି ପାଇବା ପରେ ଇରାନ ପକ୍ଷରୁ ସେହି ଅଞ୍ଚଳର ସବୁଠାରୁ ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ 'ହର୍ମୁଜ ପ୍ରଣାଳୀ'କୁ ବନ୍ଦ କରିଦିଆଯାଇଛି। ଏହି ବାଟ ଦେଇ ଯାଉଥିବା ଯେକୌଣସି ବାଣିଜ୍ୟିକ କିମ୍ବା ତେଲ ଟାଙ୍କି ଜାହାଜକୁ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇଛି।

'ନିତି' ଆୟୋଗ ପରିଚାଳନା ପରିଷଦର ୧୧ତମ ବୈଠକ

# ଦେଶର ବିକାଶରେ ଓଡ଼ିଶା ହେବ ସୁଦୃଢ଼ ସ୍ତମ୍ଭ: ମୁଖ୍ୟମନ୍ତ୍ରୀ



■ ଭୁବନେଶ୍ୱର, ୧୧।୬ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ପୂର୍ବ ଭାରତକୁ ଦେଶର ପରବର୍ତ୍ତୀ ବିକାଶର ପେଣ୍ଠସ୍ଥଳୀରେ ପରିଣତ କରୁଛି ଓ ଓଡ଼ିଶା ଏହି ପରିବର୍ତ୍ତନର ଅଗ୍ରଭାଗରେ ରହି ଗର୍ବିତ। ଦେଶର ବିକାଶରେ ଓଡ଼ିଶା ଏକ ସୁଦୃଢ଼ ସ୍ତମ୍ଭ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ନିତି' ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡବଲ୍-ଇଞ୍ଜିନ ସରକାରଙ୍କ ଅଧୀନରେ ଓଡ଼ିଶା ଆର୍ଥିକ ଶୃଙ୍ଖଳା ରକ୍ଷା କରିବା ସହ ଦୃଢ଼ ଅଭିବୃଦ୍ଧି ବଜାୟ ରଖିଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ୭.୯ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିଛି। 'ଫିସ୍କାଲ ହେଲ୍‌ଥ ଇଣ୍ଡେକ୍ସ ୨୦୨୬'ରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଜି ରାଜ୍ୟରେ ୯୦,୦ ୦୦ କୋଟିରୁ ଅଧିକ ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହା ଯୋଗାଯୋଗକୁ ସୁଦୃଢ଼ କରିବା ସହ ନୂତନ ଅର୍ଥନୈତିକ ସୁଯୋଗ ସୃଷ୍ଟି କରୁଛି। ସାଗରମାଳା ଏବଂ ପିଏମ୍ ଗତି ଶକ୍ତି ଅଧୀନରେ ଓଡ଼ିଶା ଦ୍ରୁତ ଗତିରେ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ହବ୍ ଭାବରେ ଉଭା ହେଉଛି। "ବିକଶିତ ଭାରତ ପାଇଁ ସମାବେଶୀ ମାନବ ବିକାଶ", ଯାହା ▶ପୃଷ୍ଠା-୯


# ଦୁର୍ଘଟଣାରେ ବାପ-ଝିଅ ମୃତ



■ସମ୍ବଲପୁର, ୧୧।୬ (ସମିସ) : ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଭତରା ଶଙ୍କରମଠ ଝଙ୍କାର ବନ୍ଧ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପା ଓ ଝିଅର ମୃତ୍ୟୁ ହୋଇଯାଇଛି। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ନଂ. ୧୫ରେ ଏକ କାର୍ ପ୍ରଥମେ ଏକ ବ୍ୟାଟେରୀ ଅଟୋକୁ ଧକ୍କା ଦେବାରୁ ତାହା ଯାଇ ସମ୍ମୁଖରେ ଯାଉଥିବା ସିମେଣ୍ଟ ମିକ୍ସର ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଧନୁପାଲିର ଅଟୋଚାଳକ ସୁରେନ୍ଦ୍ର ବେହେରା ଓରଫ କାଳିଆ (୩୫) ଏବଂ ତାଙ୍କ ନାବାଳିକା ଝିଅ ଶୁଭଶ୍ରୀ (୫) ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଧନୁପାଲି ପୁଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ବାପ ଝିଅଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାର ଚାଳକ ସହ ଆରୋହୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ସୁରେନ୍ଦ୍ର ନିଜ ବ୍ୟାଟେରୀ ଚାଳିତ ଅଟୋରେ ତାଙ୍କ ଝିଅ ଶୁଭଶ୍ରୀଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସି ଏକ କାର୍ ତାଙ୍କ ଅଟୋକୁ ପଛପଟୁ ଧକ୍କାଦେଇ ଭାରସାମ୍ୟ ହରାଇ ନିକଟସ୍ଥ ଏକ ପୋଖରୀ ▶ପୃଷ୍ଠା-୯

# ମମତାଙ୍କ ପାଇଁ ଅଣ୍ଟା ଭିଡ଼ିଲେ ଶତ୍ରୁଘ୍ନ



**ଦୀପକ ଅଧିକାରୀ, ବାବୁଲ ସୁପ୍ରିୟୋ ମଧ୍ୟ ସମର୍ଥନ ଦୋହରାଇଲେ**

**ଲୋକସଭାରେ 'ବିଦ୍ରୋହୀ' ଟିଏମ୍‌ସି ସାଂସଦଙ୍କୁ ନେଇ ସସପେନ୍ସ**

■ ନୂଆଦିଲ୍ଲୀ / କୋଲକାତା, ୧୧।୬ (ଏଜେନ୍ସି): ନିଜ ଦଳ ଭିତରେ ଭୀଷଣ ବିଦ୍ରୋହର ସମ୍ମୁଖୀନ ହୋଇଥିବା ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ି ଚାଲିଥିବା ବେଳେ ତାଙ୍କ ପ୍ରତି ସମର୍ଥନ ଘୋଷଣା କରିଛନ୍ତି ବରିଷ୍ଠ ଅଭିନେତା ତଥା ଦଳୀୟ ସାଂସଦ ଶତ୍ରୁଘ୍ନ ସିହ୍ନା। ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ନେଇ ଚାଲିଥିବା ଚର୍ଚ୍ଚା ଉପରେ ବିରାମ ଲଗାଇ ମମତା ବାନାର୍ଜୀଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଛନ୍ତି ଶତ୍ରୁଘ୍ନ ସିହ୍ନା। ସେ କେବେହେଲେ ଦିଦିଙ୍କ ସାଥ୍ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଦଳର ଅନ୍ୟ ଦୁଇ ଜଣ ସାଂସଦ ବାବୁଲ ସୁପ୍ରିୟୋ ଏବଂ ଦୀପକ ଅଧିକାରୀ (ଦେବ) ମଧ୍ୟ ମମତାଙ୍କ ▶ପୃଷ୍ଠା-୯

## କଲ୍ୟାଣ ବାନାର୍ଜୀଙ୍କ ଧମକ

■ କୋଲ୍‌କାତା, ୧୧।୬ (ଏଜେନ୍ସି): ଟିଏମ୍‌ସିର ବରିଷ୍ଠ ନେତା ତଥା ସାଂସଦ କଲ୍ୟାଣ ବାନାର୍ଜୀ ଦଳର ସର୍ବୋଚ୍ଚ ନେତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଧମକ ଦେଇଛନ୍ତି। ମମତାଙ୍କୁ ସେ କହିଛନ୍ତି ଯେ ଅଭିଷେକ ଟିଏମସିରେ ରହିଲେ, ସେ ରହିପାରିବେ ନାହିଁ। ମମତାଙ୍କୁ ଆମ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ବାଛିବାକୁ ପଡ଼ିବ। ଏକ ଜାଲ୍ ଦସ୍ତଖତ ମାମଲା ଏବଂ ସିଆଇଡି ଚଢ଼ଉ ସହ ଜଡ଼ିତ ଆଇନଗତ ମାମଲାରୁ ▶ପୃଷ୍ଠା-୯

## ରାଜ୍ୟସଭାରୁ ଇସ୍ତଫା ଦେଲେ ଟିଏମ୍‌ସିର ଆଉ ଜଣେ ସାଂସଦ

**ସୁଖେନ୍ଦୁ, ସୁସ୍ମିତାଙ୍କ ପରେ ପ୍ରକାଶ ବଡ଼ାଇକ**

**ଗୋଟିଏ ସପ୍ତାହରେ ତୃତୀୟ ଘଟଣା**



■ ନୂଆଦିଲ୍ଲୀ, ୮।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀଙ୍କ ପାଇଁ ସଙ୍କଟ ଦିନକୁ ଦିନ ଗଭୀର ହେବାରେ ଲାଗିଛି। ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବଙ୍କ ପରେ ▶ପୃଷ୍ଠା-୯

# ଦୁର୍ଦ୍ଦାନ୍ତ ପ୍ରଫୁଲ୍ଲକୁ ଏନ୍‌କାଉଣ୍ଟର୍



■ ଭଦ୍ରକ, ୧୧।୬ (ସମିସ): ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକ ଓରଫ ପପୁକୁ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏନ୍‌କାଉଣ୍ଟର କରି ଧରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରାଜ୍ୟର ବିଭିନ୍ନ ଥାନାରେ ପପୁ ନାମରେ ୨୨ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୩ଟାରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

ଅପରାଧିକ ଘଟଣା ଘଟାଇବା ପାଇଁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଲ' କଲେଜ ନିକଟସ୍ଥ ନୂଆସାହିକୁ ନିଜ ଗ୍ରୁପ୍ ସହ ପପୁ ଆସିଥିଲା। ପପୁ ଓ ତା'ର ଜଣେ ସହଯୋଗୀ ସହ ପଲ୍‌ସର ବାଇକ୍‌ରେ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ନେଇ ଆସିଥିବା ଖବର ପୁଲିସ ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଖବର ପାଇ ଇନ୍ସପେକ୍ଟର୍ ସୁବ୍ରତ ଦାସ ଓ ତାଙ୍କର ୩ ଜଣ ସହଯୋଗୀଙ୍କୁ ନେଇ ତାଙ୍କୁ ପିଛା କରିଥିଲେ। ପୁଲିସକୁ ଦେଖି ପ୍ରଥମେ ପପୁ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳେଇଥିଲା। ପୁଲିସ ପ୍ରତି ଉତ୍ତରରେ ଫାୟାରିଂ କରିଥିଲେ ଓ ଗୁଳି ତା'ର ଡାହାଣ ଗୋଡ଼ରେ ବାଜିଥିଲା। ଅନ୍ୟ ସହଯୋଗୀ ଫେରାର୍ ହୋଇଥିବା ସୂଚନା ମିଳିଛି।

ପପୁ ନାମରେ ବାଲେଶ୍ୱର ଜିଲ୍ଲାର ସୋର, ଖଇରା ଥାନା, ▶ପୃଷ୍ଠା-୯

# ସରକାରକୁ ପୂରିଲା ୨ ବର୍ଷ: ଆଗକୁ ଅନେକ ଆହ୍ୱାନ

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ବିଜେପି ସରକାରଙ୍କୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ବ୍ୟାପକ ବିକାଶ ନେଇ ସରକାରୀ ଦଳ ଦୃଢ଼ୋକ୍ତି ପ୍ରକାଶ କରୁଥିବାବେଳେ ବିରୋଧୀ ସରକାରଙ୍କୁ ପ୍ରତିଶ୍ରୁତି ଅପୂରଣୀୟତାର କାଠଗଡ଼ାକୁ ଟାଣୁଛନ୍ତି। ଆଇନଶୃଙ୍ଖଳା ସ୍ଥିତି ଏବଂ ବିକାଶମୂଳକ କାର୍ଯ୍ୟକୁ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି ବିରୋଧୀ। ତେବେ ଗତ ୨ ବର୍ଷ ତୁଳନାରେ ତୃତୀୟ ବର୍ଷ ସରକାରଙ୍କ ପାଇଁ ସବୁଠାରୁ ଆହ୍ୱାନ ତଥା ପରୀକ୍ଷାର ବର୍ଷ ହେବ ବୋଲି ରାଜନୀତିକ ମହଲରେ ମତ ପ୍ରକାଶ ପାଇଛି। ୨ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏଯାବତ୍ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରି ନାହିଁ। ଯାହାକୁ ନେଇ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ସମୟରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପରି ମନ୍ତ୍ରୀ ପରିଷଦ ଗଠନ ଓ ନିଗମ ନିଯୁକ୍ତି ସରକାରଙ୍କ ପାଇଁ ଆହ୍ୱାନ ହୋଇପାରେ। ଅନ୍ୟପକ୍ଷରେ ଚଳିତ ବର୍ଷ ଶେଷାର୍ଦ୍ଧରେ ଛାତ୍ରସଂସଦ ନିର୍ବାଚନ, ଆସନ୍ତା ବର୍ଷ ପ୍ରଥମ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ଲୋକପ୍ରିୟତା ତଉଲିବ ବୋଲି କୁହାଯାଉଛି।

ରାଜନୀତି ସମୀକ୍ଷକଙ୍କ ମତ ଅନୁସାରେ ବିଗତ ୨ ବର୍ଷରେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କୁ ଅପବାଦ ମୁଣ୍ଡାଇବାକୁ ପଡ଼ିଛି। ଧାନ କ୍ରୟରେ ଅବ୍ୟବସ୍ଥା, ୩୦୦୦ ଟଙ୍କାର ଭତ୍ତା ପ୍ରଦାନ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ମହିଳା ସୁରକ୍ଷାକୁ ନେଇ ସରକାରଙ୍କୁ ବାରମ୍ବାର ସମାଲୋଚିତ ହେବାକୁ ପଡ଼ିଛି। ସେହିପରି ବିକାଶମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଙ୍ଗବଦଳ

**ବର୍ଷପୂର୍ତ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ନିଯୁକ୍ତି**

**ଲୋକପ୍ରିୟତା ତଉଲିବ ପଞ୍ଚାୟତ ଓ ପୌର ନିର୍ବାଚନ**

ନିଷ୍ପତ୍ତିକୁ ନେଇ ମଧ୍ୟ ସାଧାରଣ ଲୋକେ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ଅପରପକ୍ଷେ ସମାନ ସମୟରେ ସରକାର ମଧ୍ୟ ବିଭିନ୍ନ କ୍ଷେତ୍ରରେ ସଫଳତାକୁ ନେଇ ଦମ୍ଭୋକ୍ତି ଭରୁଛନ୍ତି। ତେବେ ଏହି ଦୁଇବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ କରି ନ ପାରିବା ଏବଂ ବୋର୍ଡ, ନିଗମରେ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହେବା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବାରେ ଦକ୍ଷତା ତଥା ସମନ୍ୱୟ ଉପରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ତେଣୁ ତୃତୀୟ ବର୍ଷ ପ୍ରାରମ୍ଭରେ ଏହା ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସାଜିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଆସନ୍ତା ମାର୍ଚ୍ଚରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏବେ ସୁଦ୍ଧା ମୁଖ୍ୟ ବିରୋଧୀ ଦଳ ବିଜେଡି ନିଜର ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ ରଖିପାରିଛି। ସମାନ ସମୟରେ ବିଜେପି ଏଯାବତ୍ ସବୁ ଜିଲ୍ଲାରେ ସବୁ ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବ ବିସ୍ତାର କରିପାରେ ସକ୍ଷମ ହୋଇପାରି ନାହିଁ। ତେବେ ରାଜ୍ୟରେ ସରକାର ଥିବାବେଳେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ସରକାରଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହେବ। ଏହି ନିର୍ବାଚନ ହିଁ ରାଜ୍ୟ ସରକାରଙ୍କ ଲୋକପ୍ରିୟତା ନିର୍ଣ୍ଣୟ କରିବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ନିଜର ନିର୍ବାଚନୀ ପ୍ରତିଶ୍ରୁତି ଯଥା ଓଡ଼ିଶାରେ ଓଡ଼ିଆରେ ମେଡିକାଲ, ଇଞ୍ଜିନିୟରିଂ ଶିକ୍ଷା, ୧୫ ଲକ୍ଷଙ୍କୁ ପିଏମ୍ ଆବାସ, ୭୫ ହଜାର କିଲୋମିଟରକ ରାସ୍ତା, ସମସ୍ତଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ ପୂରଣ ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ପାଲଟିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

15001/63/2627



**ସୁଭଦ୍ରା ଯୋଜନା**
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

**ଲକ୍ଷପତି ଦିଦି**
**୨୩.୪୬ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ



**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଊର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ

# ବିକାଶର ଧାରା, ଓଡ଼ିଶା ସାରା



ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

ଖାଦ୍ୟ ସୁରକ୍ଷା ଯୋଜନା
**୩ କୋଟି**ରୁ ଊର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%,**
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ



ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
**୩.୪୬ କୋଟି** ଲୋକ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା



ସମୃଦ୍ଧ କୃଷକ ଯୋଜନା
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି

**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ



MMSY
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0063

### ବକ୍ସାଇଟ୍ ଡମ୍ପିଂ ବିରୋଧୀ ଆନ୍ଦୋଳନ ଜୋରଦାର

# ଆଜି ଶିବପଦର ପଞ୍ଚାୟତ ବନ୍ଦ




ମୁନିଗୁଡା,୧୧।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଦହିଖାଲ ଅଞ୍ଚଳରେ ବକ୍ସାଇଟ୍ ଡମ୍ପିଂକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ଅଧିକ ତୀବ୍ର ହୋଇଛି। ହାଟ ଦହିଖାଲ ଠାରେ ଆୟୋଜିତ ଗଣଧାରଣା ପଞ୍ଚମ ଦିନରେ ପହଞ୍ଚିଥିବା ବେଳେ ଆନ୍ଦୋଳନକାରୀମାନେ ନିଜ ଦାବିରେ ଅଟଳ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶିବପଦର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୧୨ ଜୁନ୍ (ଶୁକ୍ରବାର) ୧୨ ଘଣ୍ଟିଆ ପଞ୍ଚାୟତ ବନ୍ଦ ଡାକରା ଦିଆଯାଇଛି। ଗଣଧାରଣା ସ୍ଥଳକୁ ମୁନିଗୁଡା ଅତିରିକ୍ତ ତହସିଲଦାର ବ୍ରଜଗୋପାଳ ଦାସ ଏବଂ ଅମ୍ବାଦଳା ଥାନା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କୁ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ବୁଝାସୁଝା କରାଯାଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ସ୍ପଷ୍ଟ କରିଥିଲେ। ଶିବପଦର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ଅମ୍ବାଦଳା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ପତ୍ର ଦେଇ ବନ୍ଦ ସମ୍ପର୍କରେ ଅବଗତ କରାଯାଇଛି। ପତ୍ରରେ ଦହିଖାଲରେ ବକ୍ସାଇଟ୍ ଡମ୍ପିଂକୁ ଦୃଢ଼ ବିରୋଧ କରି ଚାଲିଥିବା ଅନିର୍ଦ୍ଧିଷ୍ଟକାଳୀନ ଗଣଧାରଣାକୁ ସମର୍ଥନ ଜଣାଇ ପଞ୍ଚାୟତବାସୀଙ୍କୁ ବନ୍ଦରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ବନ୍ଦ ଡାକରାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରୟୋଜନୀୟ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି।

# ଅଗ୍ନିକାଣ୍ଡରେ ଘର ଭସ୍ମିଭୂତ



ରାୟଗଡ଼, ୧୧।୬(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ହାଲୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକରପଡା ଗାଁରେ ଆଜି ଭୋର ସକାଳୁ ଘଟିଥିବା ଅଗ୍ନିକାଣ୍ଡରେ ୩ ଲକ୍ଷରୁ ଅଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ସୂଚନା ମିଳିଛି। ଗ୍ରାମର ଡିୟୁ କାଡ୍ରକାଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଛି। ଆଜି ଭୋର ପ୍ରାୟ ୪ଟା ବେଳେ କୌଣସି କାରଣ ବଶତଃ ହଠାତ୍ ନିଆଁ ଲାଗିଯାଇଥିବା ବେଳେ ଦେଖୁ ଦେଖୁ ନିଆଁ ଚାରିଆଡ଼େ ବ୍ୟାପିଯାଇଥିଲା। ଫଳରେ ଘରେ ରଖାଯାଇଥିବା ଆସବାବପତ୍ର, ଧାନ, ଚାଉଳ, ମାଣ୍ଡିଆ, କାନ୍ଧୁଲ, ଲୁଗାପଟା, ଆଧାର କାର୍ଡ, ଘର ପଟ୍ଟା, ବ୍ୟାଙ୍କ ପାସ୍ ବୁକ୍, ସଂଚୟ କରିଥିବା କିଛି ନଗଦ ଟଙ୍କା ବିଡା ସହ ଅନ୍ୟାନ୍ୟ ଦୈନିକ ବ୍ୟବହାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଘଟିବା ପରେ ସ୍ଥାନୀୟ ଲୋକମାନେ ନିଜ ସ୍ତରରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବର ପାଇ ରାୟଗଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ସଠିକ୍ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଡିୟୁ ଓ ତାଙ୍କ ପତ୍ନୀ ଗତକାଲି ଗୋଡିଗୁଡା ଗାଁକୁ ଯାଇଥିବା ବେଳେ ଘରେ ତାଙ୍କ ୧୨ବର୍ଷର ଝିଅ ଓ

### ୩ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

ପୁଅ ଦୁଇ ଭାଇ ଭଉଣୀ ଘରେ ଏକାକୀ ଶୋଇଥିଲେ। ଏହି ଘଟଣାରେ କୌଣସି ଜୀବହାନି ଘଟି ନ ଥିବାରୁ ସ୍ଥାନୀୟ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସ୍ଥାନୀୟ ସରପଞ୍ଚ ତାମାରାଓ ବିଡ଼ିକା ଖବର ପାଇ ଟିକରପଡା ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରକୁ ଭେଟିବା ସହ ସରକାରୀ ନିୟମ ପ୍ରକାରେ ଯାହା ସହାୟତା ମିଳିବ ସେ ନେଇ ଉଦ୍ୟମ କରିବି ବୋଲି କହିବା ସହ ପୀଡିତ ପରିବାରକୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପ୍ରତି ଘରକୁ ୧୦୦ ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରାଯିବା ସହ ଏକ କେଜି ଚାଉଳ ଗ୍ରହଣ କରାଯାଇଛ। ଯାହା କ୍ଷତିଗ୍ରସ୍ତ ଡିୟୁ କାଡ୍ରକାଙ୍କ ପରିବାରକୁ ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିରରେ ବିଧାୟକଙ୍କ ଦୀପଦାନ

ନବରଙ୍ଗପୁର,୧୧।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ୧୨ ବର୍ଷର ସୁଶାସନ ଓ ରାଜ୍ୟ ସରକାରଙ୍କ ସଫଳ ଶାସନର ୨ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀଙ୍କ ନେତୃତ୍ୱରେ ବହୁ ବିଜେପି ନେତା ଓ କର୍ମୀ ବୁଧବାର ରାତିରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମାଁ ଲକ୍ଷ୍ମୀ ମନ୍ଦିରରେ ଦୀପ ଦାନ ଓ ପୂଜାର୍ଚ୍ଚନା କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଦୀପ ଦାନ ଓ ପୂଜାର୍ଚ୍ଚନା ସରିବା ପରେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ମନ୍ଦିର, ମାଁ ବୁଢ଼ୀ ଠାକୁରାଣୀ ମନ୍ଦିର ସମେତ ସହର ଉପକଣ୍ଠରେ ଥିବା ବିଭିନ୍ନ ମନ୍ଦିର ଯାଇ ଦୀପଦାନ ଓ ପୂଜାର୍ଚ୍ଚନା କରିଥିଲେ ବିଧାୟକ ଶ୍ରୀ ମାଝୀ। ଏହି ଅବସରରେ କାଉନସିଲର ଏ ସତିଶ, ମମତା ମହାରଣା, ଶର୍ମିଷ୍ଠା ଦେଓ, ନଗର ସଭାପତି ପିଣ୍ଟୁ ମିଶ୍ର, ଆଇନଜୀବୀ ଶ୍ରୀନିବାସ ପାତ୍ର, ଜ୍ୟୋତି ରଞ୍ଜନ କଂସ, ରାଜେନ୍ଦ୍ର ତ୍ରିପାଠୀ, ଅଶ୍ୱିନୀ ଦାସ, ଅନନ୍ତ କୁମାର ପଣ୍ଡା, ଭୁବନ ବାବୁନା, ବାବୁଲି ମହାରଣା, ଦୈତାରୀ ମାଝୀ ପ୍ରମୁଖଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।



## ମାଲକାନଗିରି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ




ମାଲକାନଗିରି, ୧୧।୬(ସମିସ): ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ବିଭିନ୍ନ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା ପାଇଁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ସିଡିଏମ୍‌ଓ, ପିଏଚଓ ଡା. ନିହାର ରଞ୍ଜନ ପ୍ରହରାଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଚାଲିଥିବା ଜାତୀୟ ଗୁଣବତ୍ତା ନିଶ୍ଚିତକରଣ କାର୍ଯ୍ୟକ୍ରମର ପ୍ରଗତି ସମୀକ୍ଷା କରିବା ସହ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀମାନଙ୍କୁ ଉନ୍ନତମାନର ସେବା ପ୍ରଦାନ, ପରିଷ୍କାର-ପରିଚ୍ଛନ୍ନତା, ରୋଗୀ ସନ୍ତୁଷ୍ଟି ଏବଂ ଗୁଣବତ୍ତା ମାନଦଣ୍ଡର ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଉନ୍ନୟନ କାର୍ଯ୍ୟଯୋଜନା, ନୂତନ ଭିତ୍ତିଭୂମି ନିର୍ମାଣ, ରୋଗୀ ସୁବିଧା ବୃଦ୍ଧି, ଚିକିତ୍ସା ଉପକରଣର ଉପଲବ୍ଧତା ଏବଂ ମାନବ ସମ୍ବଳ ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଉନ୍ନତି ପାଇଁ ଜିଲ୍ଲାପାଳ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏନସିଡି କାର୍ଯ୍ୟକ୍ରମ ଅଧୀନରେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ଅଣ-ସଂକ୍ରାମକ ରୋଗର ସ୍କ୍ରିନିଂ ଓ ଚିକିତ୍ସା ସେବାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଆସନ୍ତା ଡାଏରିଆ ନିୟନ୍ତ୍ରଣ ମାସ ପାଳନ ପାଇଁ ସମସ୍ତ ପ୍ରସ୍ତୁତି, ଓଆରଏସ୍ ଓ ଜିଙ୍କ ବଣ୍ଟନ, ସଚେତନତା କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର-ପ୍ରସାର ଉପରେ ଆଲୋଚନା ହୋଇଥିଲା। ସେହିପରି ପଲ୍ସ ପୋଲିଓ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନର ପ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନଙ୍କ ନିକଟରେ କାର୍ଡ ପହଞ୍ଚାଇବା ଏବଂ ଯୋଜନାର ସର୍ବାଧିକ ସୁବିଧା ଲୋକଙ୍କୁ ଉପଲବ୍ଧ କରାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସିଡିଏମ୍ ଓ ପିଏଚଓ ଡା. ପ୍ରହରାଜ, ଏଡିପିଏଚଓ ଡା. ମିନତୀ ମହାନ୍ତି, ଡିପିଏଚଓ ଡା. ଆବିଦ ହୁସେନ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ସମସ୍ତ ମେଡିକାଲ ଅଫିସର, କାର୍ଯ୍ୟକ୍ରମ ଅଧିକାରୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଡା. ମୌସୁମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଙ୍କାମ୍ବ ପଞ୍ଚାୟତରେ ବିଜେଡିର ସମ୍ବର୍ଦ୍ଧନା ସଭା




ଟିକିରି, ୧୧।୬(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ବାଙ୍କାମ୍ବ ପଞ୍ଚାୟତରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜଗଦୀଶ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳର ସାଂଗଠନିକ ସ୍ଥିତି ସୁଦୃଢ଼ କରିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଅଧିକ ମଜବୁତ କରିବା ଦିଗରେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଏହି ସଭାରେ ରତ୍ନାକର କନ୍ଦପାନ, ସୁରେଶ ମାଝୀ, ସୁନୀଲ କନ୍ଦପାନ, ବାଲବ ଝୋଡ଼ିଆ, ନେତା ସାହୁ, ମଣି ଧୋଡ଼ିଆ, ଚିତ ବାଘ, ବିରାଟ ବାଘ, ରଞ୍ଜିତ ଜାନି, କାର୍ତ୍ତିକ ସାହୁ, ଜୁନେଶ ମାଝୀ, ସୁଶୀ ମାଝୀ, କାନୁ ମାଝୀ, ଖଗୋ ମାଝୀ ଓ ଜଗଦୀଶ ନାଏକଙ୍କ ସମେତ ବହୁ ବିଜେଡି କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ସଭାରେ ଦଳୀୟ ସଂଗଠନକୁ ଗ୍ରାମସ୍ତରରେ ଅଧିକ ସକ୍ରିୟ କରିବା, ଜନସାଧାରଣଙ୍କ ସହ ସମ୍ପର୍କ ବୃଦ୍ଧି କରିବା ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା। ଶେଷରେ ରତ୍ନାକର କନ୍ଦପାନ ସମସ୍ତ ଅତିଥି ଓ ଉପସ୍ଥିତ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇ ସଭା ସମ୍ପନ୍ନ ଘୋଷଣା କରିଥିଲେ।

## ମା'ମାର୍କମା ମହାବିଦ୍ୟାଳୟ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ସଫଳତା



ବିଷମ କଟକ,୧୧।୬(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା'ମାର୍କମା ମହାବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷାରେ ୩ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଟପ୍ପର ତାଲିକାରେ ସ୍ଥାନିତ ହୋଇଛନ୍ତି। ପ୍ରକାଶିତ ଫଳାଫଳ ଅନୁଯାୟୀ ମାଁ ମାର୍କମା ମହାବିଦ୍ୟାଳୟର ଯୁକ୍ତ ତିନି ଆଇଟିରେ ସଦାଶିବ ପାଡିକା, ପଦାର୍ଥ ବିଜ୍ଞାନରେ ସାରଦା ପ୍ରିୟଦର୍ଶନି ଏବଂ ଜୀବ ବିଜ୍ଞାନରେ ଆଶିଷ କୁମାର ସିଂ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ପ୍ରଥମ ଫଳାଫଳ ପ୍ରକାଶିତ ହୋଇଥିବା ବେଳେ ବିଷମ କଟକ ମାଁ ମାର୍କମା ମହାବିଦ୍ୟାଳୟର ୩ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶ୍ୱିନି କୁମାର ପଣ୍ଡା ଏବଂ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଚ୍ଚ ଭବିଷ୍ୟତ କାମନା କରିଛନ୍ତି।

## ଏସ୍‌ଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ



ରାୟଗଡ଼,୧୧।୬(ସମିସ): ରାୟଗଡ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଆଜି ରାମନାଗୁଡ଼ା ବ୍ଲକ ଗସ୍ତ କରି ଏସଆଇଆର-୨୦୨୬ ଅନ୍ତର୍ଗତ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ପରିଦର୍ଶନ କରିବା ସହ ନିର୍ବାଚନ ପ୍ରକ୍ରିୟା ସହ ଜଡିତ ବିଭିନ୍ନ ଦିଗ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଏନ୍ୟୁମେରେସନ ଫର୍ମ ବଣ୍ଟନ, ତଥ୍ୟର ଡିଜିଟାଇଜେସନ ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଗୁଣପୁର ଉପ-ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ ଏବଂ ରାମନାଗୁଡ଼ା ଏଇଆରଓ ତଥା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ଉପସ୍ଥିତ ରହି ଚାଲିଥିବା କାର୍ଯ୍ୟଗୁଡ଼ିକର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ବୈଠକରେ ଏସଆଇଆର-୨୦୨୬ ପ୍ରକ୍ରିୟାର ସମୟାନୁବର୍ତ୍ତୀ, ତ୍ରୁଟିମୁକ୍ତ ଓ ଗୁଣାତ୍ମକ କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳତାର ସହ ସମ୍ପନ୍ନ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଏସ୍‌ବିଆଇ ସାମ୍ନାରେ ଜମି ରହୁଛି ନର୍ଦ୍ଦମା ପାଣି

### ଗ୍ରାହକ ଅସନ୍ତୋଷ



ରାୟଗଡ, ୧୧।୬ (ସମିସ): ରାୟଗଡ ସହର ସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ମୁଖ୍ୟ ରାସ୍ତା ନିକଟରେ ଥିବା ଡ୍ରେନ୍ ବହୁଦିନ ହେଲା ପୋତି ହୋଇଯାଇଛି। ବହୁ ପୁରୁଣା ଡ୍ରେନ୍ ହୋଇଥିବା ଯୋଗୁଁ ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଥିବାରୁ ମଇଳା ଓ ଅପରିଷ୍କାର ଡ୍ରେନ ପାଣି ନିର୍ଗତ ହୋଇ ନ ପାରି ରାଜ ରାସ୍ତା ଉପରେ ବୋହି ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖା ସମ୍ମୁଖରେ ଜମି ରହୁଛି। ପ୍ରତିଦିନ ଏହି ନର୍ଦ୍ଦମା ପାଣିକୁ ପାର କରି ତଥା ଡେଇଁ ବ୍ୟାଙ୍କକୁ ଯିବାକୁ ପଡୁଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ବ୍ୟାଙ୍କ କର୍ମଚାରୀଙ୍କ ସମେତ ସାଧାରଣ ଲୋକେ ବ୍ୟାଙ୍କ ଓ ଏଟିଏମକୁ ଆସୁଥିବା ବେଳେ ଜମି ଥିବା ଅପରିଷ୍କାର ଡ୍ରେନ ପାଣି ଦେଖି ଅସନ୍ତୋଷ ପ୍ରକାଶ କରୁଥିବା ଦେଖାଯାଇଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଯଥାଶୀଘ୍ର ରାୟଗଡ଼ ପୌର ପରିଷଦ ପକ୍ଷରୁ ଡ୍ରେନ୍‌ର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବେଆଇନ ନିର୍ମିତ ଗୃହ ଉଚ୍ଛେଦ



ନନ୍ଦାହାଣ୍ଡି,୧୧।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ପୋଡାଲଗୁଡା ଗ୍ରାମରେ ସରକାରୀ ଜାଗାକୁ ଜବରଦଖଲ କରି ଜଣେ ବ୍ୟକ୍ତି ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ତୁରନ୍ତ ପଦକ୍ଷେପ ନେଇ ରାଜସ୍ୱ ବିଭାଗ ତରଫରୁ ଯାଞ୍ଚ କରି ସରକାରୀ ଜାଗାରେ ଘର ନିର୍ମାଣ କରାଯାଉଥିବା ଜାଣିବାକୁ ପାଇଥିଲେ। ଏକ ନୋଟିସ ଜାରି କରି ଜୁନ ୧ ତାରିଖରେ ଶୁଣାଣି କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜରାମନା କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏକ ସପ୍ତାହ ମଧ୍ୟରେ ସ୍ଥାନ ଖାଲି କରିବାକୁ ନୋଟିସ ଜାରି କରିଥିଲେ। ବୁଧବାର ପୋଡାଲଗୁଡା ସ୍ଥିତ ଅବୈଧ ନିର୍ମାଣ ହେଉଥିବା ସ୍ଥାନରେ ତହସିଲଦାର ନବରଙ୍ଗପୁର ପୁଲିସ ସହ ରାଜସ୍ୱ ନିରୀକ୍ଷକ ବୀରା ରାଜୁ, ଅମିନ ଉମେଶ ସଗରିଆ ଓ ଆକାଶ ଗନ୍ତାୟତଙ୍କ ସହ ପହଞ୍ଚି ନିର୍ମାଣାଧୀନ ଗୃହକୁ ଜେସିବି ଲଗାଇ ଉଚ୍ଛେଦ କରିଛନ୍ତି। ସରକାରୀ ଜମି ଜବରଦଖଲକାରୀଙ୍କ ପାଇଁ ରାଜସ୍ୱ ବିଭାଗର ଏଭଳି କଡ଼ା ଆଭିମୁଖ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି। ସରକାରୀ ସମ୍ପତ୍ତି ଉପରେ ବେଆଇନ ଦଖଲ କିମ୍ବା ନିର୍ମାଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ମଧ୍ୟ ଏଭଳି ଜବରଦଖଲ ବିରୋଧରେ ନିୟମ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଆପ୍




ରାୟଗଡ, ୧୧।୬(ସମିସ): ଦେଶରେ ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ଏବଂ ସିବିଏସଇ ପରୀକ୍ଷା ପତ୍ର ମୂଲ୍ୟାଙ୍କନରେ ତ୍ରୁଟି ହେଉଥିବା ଫଳରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହେଇଯାଉଛି । ଚଳିତ ବର୍ଷ ନିଟ ପରୀକ୍ଷା ବାତିଲ ହେବା ପରେ ପ୍ରାୟ ୧୭ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାରମ୍ବାର ପେପର ଲିକ୍ ଯୋଗୁଁ ଛାତ୍ରଛାତ୍ରୀମାନେ ଅସହ୍ୟ ଯନ୍ତ୍ରଣା ପାଉଥିଲେ ମଧ୍ୟ କେନ୍ଦ୍ର ସରକାର ନିରବଦ୍ରଷ୍ଟା ହୋଇବସିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେପର ଲିକ୍ ଏବଂ ସିବିଏସଇ ଘୋଟାଲା ମାମଲାରେ କୌଣସି ପଦକ୍ଷେପ ନ ନେବା ଏବଂ ତାଙ୍କ ସମୟରେ ବାରମ୍ବାର ପେପର ଲିକ୍ ହେବା ତାଙ୍କର ଅଯୋଗ୍ୟ ପଣିଆ ଏ ସମ୍ପର୍କିତ ଦୁର୍ନୀତିରେ ସଂଶ୍ଳିଷ୍ଟିକୁ ଦର୍ଶାଉଛି। ଗତ ପାଞ୍ଚବର୍ଷ ମଧ୍ୟରେ ଚାରିଥର ନିଟ୍ ପେପର ଲିକ୍ ହେବା ଏବଂ ଆରୋପୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା, ପେପର ଲିକ୍ ଘୋଟାଲାରେ ଖୋଦ ମନ୍ତ୍ରୀ ଏବଂ ଅଧିକାରୀ ମାନଙ୍କର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ନାରା ଦେଇ ଆଜି ରାୟଗଡ ଜିଲ୍ଲା ଆମ ଆଦମୀ ପାର୍ଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଆପ୍ ଦଳର କର୍ମୀ ମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଇସ୍ତଫା ଦାବି ନାରା ଦେଇଥିଲେ। ଭାରତୀୟ ଜନତା ପାର୍ଟିର ସରକାର ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳିବାର କୌଣସି ଅଧିକାର ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସନ୍ତୋଷ ପାଇକ, ସୁନ୍ଦର କାଡ୍ରାକା, ଆଜେଶ ବାଡିଲ୍, ଜୁନେସ କୈଶଲ୍ୟା, ସାଧୁରାମ ନାଏକ, ବି ଜଗଦିଶ, ହେମନ୍ତ ଖୋସଲା, ଦୁରନ୍ତ ଖୋସଲା ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ।

### ଦାବି ପୂରଣ ହେଉନି; ଡ୍ରାଇଭରଙ୍କ ଅସନ୍ତୋଷ

# ଅଟୋ ଓ ଘରୋଇ ଗାଡ଼ି ଡ୍ରାଇଭରଙ୍କୁ କଲ୍ୟାଣ ବୋର୍ଡରେ ସାମିଲ ଦାବି



ରାୟଗଡ , ୧୧।୬(ସମିସ): ଦୁଇ ଦଫା ଦାବି ନେଇ ଆଜି ଓଡିଶା ଡ୍ରାଇଭର ମହାସଂଘ ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ, ଏସପି ଓ ଆରଟିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଅଟୋ ଓ ପ୍ରାଇଭେଟ୍ ଗାଡିର ବୃତ୍ତିଗତ ଡ୍ରାଇଭର ମାନଙ୍କୁ ଓଡିଶା ମଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ୍ କରିବା ଏବଂ ଡ୍ରାଇଭର ମାନଙ୍କୁ ନିର୍ବାଚନରେ ତାଙ୍କର ମତଦାନ ଦେବାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହୁଥିବା ବିଷୟ ସହିତ ଡ୍ରାଇଭର ମାନଙ୍କର ରହିଯାଇଥିବା ଅନ୍ୟାନ୍ୟ ସମସ୍ୟା ନେଇ ସଂଘ ଦାବି କରିଛି । ରାୟଗଡା ଜିଲ୍ଲାର ଡ୍ରାଇଭର ମାନେ ଓଡିଶା ଡ୍ରାଇଭର ଏକତା ମହାମଞ୍ଚ ଜରିଆରେ ବିଗତ ଦିନମାନଙ୍କରେ ଓଡିଶା ମଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡ, ପରିବହନ ମନ୍ତ୍ରୀ, ପରିବହନ କମିଶନର ଏବଂ ଜିଲ୍ଲାପାଳଙ୍କୁ ଅଟୋ ଓ ବୃତ୍ତିଗତ ପ୍ରାଇଭେଟ୍ ଗାଡି ଡ୍ରାଇଭରମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ସହିତ ସମସ୍ତ ଡ୍ରାଇଭରମାନଙ୍କ ସୋସିଆଲ ସିକ୍ୟୁରିଟି ପ୍ରଦାନ କରିବା ଓ ନିର୍ବାଚନରେ ଡ୍ରାଇଭରମାନେ ଯେଉଁ ଭୋଟ ଦେବା ଭଳି ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରହି ଆସୁଛନ୍ତି ତାହାକୁ ଅଧିକାର ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଆଗାମୀ ୯୦ ଦିନ ମଧ୍ୟରେ ଡ୍ରାଇଭର ମାନଙ୍କର ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ ବାଧ୍ୟ ହୋଇ ସମଗ୍ର ଡ୍ରାଇଭର ସମାଜ ଅସନ୍ତୋଷ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶା ସରକାର ଯଥାଶୀଘ୍ର ସମାଧାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି ରାଜ୍ୟ କମିଟି ସଦସ୍ୟ ଘନଶ୍ୟାମ ବେହେରା କହିଛନ୍ତି। ଆଜି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକଙ୍କୁ ଦାବିପତ୍ର ପ୍ରଦାନ ବେଳେ ଓଡିଶା ଡ୍ରାଇଭର ମହାସଂଘ ରାୟଗଡ ଜିଲ୍ଲା ଉପଦେଷ୍ଟା ଏମ. ନାଗାଭୂଷଣ ରାଓ, ଜିଲ୍ଲା ସମ୍ପାଦକ ବୀରେନ୍ଦ୍ର ପ୍ରସାଦ ତୁରୁକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

■ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା

# ଅଗ୍ନିଶମ ଅଧିକାରୀଙ୍କ ବୟାନ ବଢ଼ାଇଲା ସନ୍ଦେହ

■ ଆସିଲା ପୋଷ୍ଟମର୍ଟମ ରିପୋର୍ଟ
■ ବୁଡ଼ିଯିବା କାରଣରୁ ଯାଇଛି ଜୀବନ
■ ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ
■ ଫେରାର ପୁରୁଷ ବନ୍ଧୁଙ୍କ ଆଗୁଆ ଜାମିନକୁ ବିରୋଧ କରିବ ପୁଲିସ

କଟକ, ୧୧।୬ (ସମିସ): କଟକ କାଠଯୋଡ଼ି ନଦୀରୁ ଜୁନ୍ ୪ ତାରିଖରେ ଉଦ୍ଧାର ହୋଇଥିବା ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲାରେ ଏକ ବଡ଼ ଖୁଲାସା ହୋଇଛି। ପୁଲିସ ହସ୍ତଗତ କରିଥିବା ଶବ ବ୍ୟବଚ୍ଛେଦ (ପୋଷ୍ଟମର୍ଟମ) ରିପୋର୍ଟ ଅନୁଯାୟୀ, ପାଣିରେ ବୁଡ଼ି ଅଣନିଶ୍ୱାସୀ ହେବା ଯୋଗୁଁ ଚନ୍ଦ୍ରିକାଙ୍କ ପ୍ରାଣହାନି ଘଟିଛି। ତେବେ ଏହି ରିପୋର୍ଟରେ ହତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ, ଚନ୍ଦ୍ରିକାଙ୍କ ପରିବାର ଲୋକେ ତାଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କ ବିରୋଧରେ ହତ୍ୟା ଏବଂ ଆତ୍ମହତ୍ୟା ପାଇଁ ଉସୁକାଇବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୁଲିସ ତଦନ୍ତକୁ ଜୋରଦାର କରିଛି।

ଏହି ଘଟଣା ପରଠାରୁ ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ତଥା ପୁରୁଷବନ୍ଧୁ ଭୀମସେନ ଟୁଡୁଙ୍କୁ ଗିରଫ କରିବା ପାଇଁ ପୁଲିସର ଏକ ବିଶେଷ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଗିରଫଦାରୀ ଏଡ଼ାଇବା ପାଇଁ ଭୀମସେନ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି କଟକ ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ଡିସିପିଙ୍କ କହିବାନୁଯାୟୀ, ଚନ୍ଦ୍ରିକାଙ୍କ କଲ୍ ଡିଟେଲ୍ସ ସମେତ ସମସ୍ତ ଟେକ୍ନିକାଲ ଡାଟାର ଯାଞ୍ଚ ଚାଲିଛି। ଏହି ଘଟଣାରେ ଯଦି ଅନ୍ୟ କାହାର ସମ୍ପୃକ୍ତି ଥାଏ, ତେବେ ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଶବ ବ୍ୟବଚ୍ଛେଦ ରିପୋର୍ଟ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଦର୍ଶାଉଥିବା ବେଳେ ମୃତଦେହ ଉଦ୍ଧାର କରିଥିବା ଅଗ୍ନିଶମ ବାହିନୀର ବୟାନ ମାମଲାକୁ ଅଧିକ ରହସ୍ୟମୟ କରିଦେଇଛି। ବାରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବା ଅନୁଯାୟୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ତଳେ ମାତ୍ର ଏକରୁ ଦେଢ଼ ଫୁଟ୍‌ର ପାଣି ଥିଲା। ସେହି ଅଳ୍ପ ପାଣିରେ ମୃତଦେହଟି ଏକପାଖିଆ ହୋଇ ଉପରୁଆ ପଡ଼ି ରହିଥିଲା। ପ୍ରାୟ ୪୦ ରୁ ୪୫ ଫୁଟ ଉପର ବ୍ରିଜ୍‌ରୁ ଜଣେ ମଣିଷ ପଡ଼ିବା ସତ୍ତ୍ୱେ ଶରୀରରେ କୌଣସି ବାହ୍ୟ କ୍ଷତଚିହ୍ନ ନଥିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଏତେ କମ୍ ପାଣିରେ ଜଣେ ବ୍ୟକ୍ତି କେମିତି ବୁଡ଼ି ପ୍ରାଣ ହରାଇବ, ସେ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କାଠଯୋଡ଼ି ନଦୀ ଏବେ ମୃତଦେହ ପୋତିବା କିମ୍ବା ଫୋପାଡିବା ପାଇଁ ସେଫ୍ ଜୋନ୍ ପାଲଟିଛି କି ବୋଲି ସନ୍ଦେହ ପ୍ରକାଶ ପାଇଲାଣି। ଚଳିତ ମେ' ୨୧ରେ ବ୍ରାହ୍ମଣୀ ଗାଁ ନିକଟରୁ ଏବଂ ମେ' ୨୬ରେ ସିଟି କଲେଜ ସମ୍ମୁଖ କାଠଯୋଡ଼ିରୁ ଦୁଇଜଣ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମାତ୍ର ଦୁଃଖର ବିଷୟ, ସପ୍ତାହ ସପ୍ତାହ ବିତିଯାଇଥିଲେ ମଧ୍ୟ ପୁଲିସ ସେହି ଦୁଇଟି ମୃତ୍ୟୁ ମାମଲାର ପୋଷ୍ଟମର୍ଟମ ରିପୋର୍ଟକୁ ଏପର୍ଯ୍ୟନ୍ତ ସାର୍ବଜନୀନ କରିନାହିଁ। ପୁରୁଣା ମାମଲାରେ ପୁଲିସର ଏଭଳି ଶିଥିଳତା ଏବଂ ଚନ୍ଦ୍ରିକା ମୃତ୍ୟୁ ମାମଲାର ଜଟିଳତାକୁ ଦେଖିଲେ, ପୁଲିସ ନିରପେକ୍ଷ ଓ ଦ୍ରୁତ ତଦନ୍ତ କରି ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ଜରୁରୀ ହୋଇପଡ଼ିଛି।

ସ୍ଲିପର ବସରେ ବେଆଇନ ଡ୍ରାଇଭର ପାର୍ଟିସନ ଡୋର୍

# ୭ ଦିନରେ ୩,୩୦୪ଟି ବସ୍ ଯାଞ୍ଚ, ୩୮୯ଟି ଇ-ଚାଲାଣ ଜାରି

କଟକ,୧୧।୬(ସମିସ): ସ୍ଲିପର୍ ବସ୍‌ଗୁଡ଼ିକରେ ବେଆଇନ ଭାବେ ଲାଗିଥିବା ଡ୍ରାଇଭର ପାର୍ଟିସନ୍ ଡୋର୍ ବିରୋଧରେ ସାରା ରାଜ୍ୟରେ ସ୍ୱତନ୍ତ୍ର ଯାଞ୍ଚ କରାଯାଇଛି। ୭ଦିନ ଧରି ଚାଲିଥିବା ଏହି ଅଭିଯାନରେ ମୋଟ ୩,୩୦୪ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୩୮୯ଟି ଚାଲାଣ ଜାରି ହୋଇଛି। କଟକ ଆରଟିଓରେ ୨୮୭ଟି ବସ୍ ଯାଞ୍ଚ ହୋଇଥିବା ବେଳେ ଯାଜପୁରରେ ୨୪୧ଟି, ଗଞ୍ଜାମରେ ୧୯୧ଟି, ରାଉରକେଲାରେ ୧୭୦ଟି, ସମ୍ବଲପୁର ଓ ଦେବଗଡ଼ରେ ୧୬୮ଟି ଲେଖାଏଁ ବସ୍ ଯାଞ୍ଚ ହୋଇଛି ଏବଂ ଚଣ୍ଡିଖୋଲ ଆରଟିଓରେ ୧୪୭ଟି ବସ୍ ଯାଞ୍ଚ କରାଯାଇଛି। କଟକରେ ନିୟମ ଉଲ୍ଲଙ୍ଘନ କରୁଥିବା ସର୍ବାଧିକ ୬୦ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ନୟାଗଡ଼ରେ ୩୬ଟି, ଭୁବନେଶ୍ୱର-୨ ଆରଟିଓଙ୍କ ପକ୍ଷରୁ ଏବଂ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ୨୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାଜପୁରରେ ୧୮ଟି ଏବଂ ସମ୍ବଲପୁର ଓ ମୟୂରଭଞ୍ଜରେ ୧୫ଟି ଲେଖାଏଁ ଚାଲାଣ ଜାରି ହୋଇଛି। ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଜାରି ରହିବ। ବସ୍ ମାଲିକମାନଙ୍କୁ ସଡ଼କ ସୁରକ୍ଷା ନିୟମକୁ ପ୍ରାଧାନ୍ୟ ଦେଇ ଗାଡ଼ି ଚଳାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଦେବାଶିଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟସଭା ଉପ-ନିର୍ବାଚନରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପ-ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତ ତାଙ୍କୁ ବିଜୟ ହୋଇଥିବା ନେଇ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ରାଜ୍ୟସଭା ଉପ-ନିର୍ବାଚନ ପାଇଁ ସେ ବିଜେପି ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆଜି ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପ-ନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିନଥିଲା। ଫଳରେ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷଣା କରାଯାଇଛି।

## ଅବଶିଷ୍ଟାଂଶ

### ଓଡ଼ିଶା ଏରୁଣ୍ଡି...

ବ୍ୟାପକ ବର୍ଷା ହୋଇପାରେ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଜଳୀୟବାଷ୍ପ ଅଧିକ ସକ୍ରିୟ ଥିବାରୁ, ବର୍ତ୍ତମାନ ପୁରୀଠାରୁ ଆରମ୍ଭ କରି ଉତ୍ତରକୁ ବାଲେଶ୍ୱର ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠାରୁ ଅଧିକ ଓ ବ୍ୟାପକ ବର୍ଷାର ସମ୍ଭାବନା ଦେଖାଯାଉଛି। ଯଦିଓ ଗଞ୍ଜାମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟ ଏହି ସମୟରେ ମୌସୁମୀ ପ୍ରଭାବକୁ ଆସିବେ, ତଥାପି ସେଠାରେ ବର୍ଷାର ପରିମାଣ କମ୍ ଏବଂ ବିକ୍ଷିପ୍ତ ହୋଇପାରେ। ମାଲକାନଗିରି ଏବଂ ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆରମ୍ଭ ପର୍ଯ୍ୟାୟରେ ମଧ୍ୟ ଓ ଉତ୍ତର ଉପକୂଳ ଭଳି ଅଧିକ ବର୍ଷା ନହୋଇପାରେ।

ଦ୍ୱିତୀୟ ପର୍ଯ୍ୟାୟରେ ମୌସୁମୀ ସାମୟିକ ମନ୍ଥରତା ଦେଇ ଗତି କରିପାରେ। ପ୍ରଥମ ସ୍ପେଲ୍ ପରେ ଜଳୀୟବାଷ୍ପ ଜମାଟ ବାନ୍ଧିବା ପ୍ରକ୍ରିୟା ଧୀରେ ଧୀରେ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ଭାରତ ଆଡ଼କୁ ଘୁଞ୍ଚିଯିବ। ଫଳରେ ଓଡ଼ିଶାରେ ବର୍ଷାର ପରିମାଣ ଓ ବ୍ୟାପକତା କମିଯିବ। ଏହି କାରଣରୁ ଓଡ଼ିଶାରେ ଲଗାତାର ବର୍ଷା ନହୋଇ ପାଗ କିଛି ଦିନ ପାଇଁ ସାମାନ୍ୟ ଶାନ୍ତ ରହିବ ଏବଂ କେବଳ ସ୍ଥାନେ ସ୍ଥାନେ ମଝିରେ ମଝିରେ ଘଡ଼ଘଡ଼ି ସହ ବର୍ଷା ଦେଖାଯିବ। ତୃତୀୟ ପର୍ଯ୍ୟାୟରେ ଉପକୂଳ ଓଡ଼ିଶା ତୁଳନାରେ ପଶ୍ଚିମ ଏବଂ ଉତ୍ତର-କେନ୍ଦ୍ରୀୟ ଓଡ଼ିଶାରେ ମୌସୁମୀର ଆନୁଷ୍ଠାନିକ ପ୍ରବେଶ ସ୍ପଷ୍ଟ ଜଣାପଡ଼ିବ ନାହିଁ; ଏଠାରେ ପାଗରେ ପରିବର୍ତ୍ତନ ଧୀରେ ଧୀରେ ଆସିବ। କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ସମେତ ପଶ୍ଚିମ ଓଡ଼ିଶାରେ ୧୩-୧୬ ଜୁନ୍ ମଧ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଘଡ଼ଘଡ଼ି ବର୍ଷା ବୃଦ୍ଧି ପାଇବ। ଏହି ସବୁ ଜିଲ୍ଲାରେ ୧୪-୧୮ ଜୁନ୍ ମଧ୍ୟରେ ମୌସୁମୀ ପାଗ ବିସ୍ତାରିତ ହେବ ଏବଂ ଏହାପରେ ୧୬-୨୧ ଜୁନ୍ ମଧ୍ୟରେ ଚାଷ କାର୍ଯ୍ୟ ଅନୁକୂଳ ସ୍ଥାୟୀ ବର୍ଷା ପ୍ରତିଷ୍ଠିତ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଭଳି ଉତ୍ତର-କେନ୍ଦ୍ରୀୟ ଜିଲ୍ଲାଗୁଡ଼ିକରେ ଏହି ପରିବର୍ତ୍ତନ ଆହୁରି ଧୀମା ହେବ।

ବର୍ତ୍ତମାନର ସ୍ଥିତି ଅନୁଯାୟୀ ଓଡ଼ିଶାରେ ଏଥର ଆନ୍ଧ୍ର ଉପକୂଳ ଦେଇ ପାରମ୍ପରିକ ଗତିରେ କିମ୍ବା ପଶ୍ଚିମବଙ୍ଗ ଆଡୁ ସିଧାସଳଖ ଉତ୍ତର ଅଭିମୁଖୀ ପ୍ରବେଶ ହେବ ନାହିଁ। ବରଂ ୧୨-୧୩ ଜୁନ୍ ମଧ୍ୟରେ ପ୍ରାୟ ସମଗ୍ର ଓଡ଼ିଶା ଉପକୂଳରେ ବ୍ୟାପକ ଭାବେ ମୌସୁମୀ ଛୁଇଁବ, ଏହାପରେ କିଛି ଦିନ ପାଇଁ ଗତି ଧୀମା ହେବ ଏବଂ ଜୁନ୍ ତୃତୀୟ ସପ୍ତାହ ଆଡ଼କୁ ଏହା କ୍ରମାଗତ ଭାବେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଆଡ଼କୁ ସଂଗଠିତ ହେବ।

### ଦେଶର ବିକାଶରେ...

କେବଳ ଭିତ୍ତିଭୂମି ଦ୍ୱାରା ନୁହେଁ, ବରଂ ସଶକ୍ତ ନାଗରିକ, ଦକ୍ଷ ଯୁବକ, ସୁସ୍ଥ ପରିବାର, ଶିକ୍ଷିତ ଶିଶୁ ଏବଂ ସମାବେଶୀ ସୁଯୋଗ ମାଧ୍ୟମରେ ଗଠନ ହୋଇପାରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ଜାତୀୟ ସଂକଳ୍ପ ଦ୍ୱାରା ଅନୁପ୍ରାଣିତ ହୋଇ, ଆମେ ମାନବ ବିକାଶରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ 'ବିକଶିତ ଓଡ଼ିଶା' ଗଠନ କରିବାକୁ ପ୍ରତିବଦ୍ଧ। ବିକାଶ ସଂକଳ୍ପର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରୁ ସମାବେଶିତା ଏବଂ ସମୃଦ୍ଧି ବ୍ୟତୀତ ସ୍ୱାସ୍ଥ୍ୟ, ପୋଷଣ ଏବଂ ଶିକ୍ଷା ସହିତ ସାମଗ୍ରିକ 'ସୁସ୍ଥତା' ଅନ୍ୟତମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ କୁନି ପିଲା' 'ସୁଖଦ ଲାଳନ ପାଳନ' 'ମୋ ବିକାଶ ପତ୍ର' 'ସକ୍ଷମ ଅଙ୍ଗନୱାଡ଼ି' ଏବଂ 'ବିଦ୍ୟା-ସାରଥୀ' ବିଷୟରେ ବିସ୍ତୃତ ବିବରଣୀ ରଖିଛନ୍ତି। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' 'ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା' 'ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚା ଯୋଜନା' ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚଶିକ୍ଷାରେ ରାଜ୍ୟ ୨୦୨୪ ମସିହାରେ ଆନୁଷ୍ଠାନିକ ଭାବରେ ଏନଇପି-୨୦୨୦ ଆଭିମୁଖ୍ୟକୁ ଗ୍ରହଣ କରିଛି ଏବଂ ଉଚ୍ଚଶିକ୍ଷା କ୍ଷେତ୍ରର ଦ୍ରୁତ ରୂପାନ୍ତରଣ କରୁଛି। କୃଷି, ସ୍ୱାସ୍ଥ୍ୟ ଏବଂ ପ୍ରଶାସନିକ ସଂସ୍କାର ମଧ୍ୟ ଓଡ଼ିସା ଅଗ୍ରଗାମୀ ରାଜ୍ୟରେ ପରିଣତ ହୋଇଛି। 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ସଂସ୍କାର କାର୍ଯ୍ୟକାରୀ କରି ଆମେ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛୁ, ଯାହା ଓଡ଼ିଶାକୁ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଅଧିକ ଆକର୍ଷଣୀୟ କରିପାରିଛି। ପୁରୀ-କୋଣାର୍କ କରିଡରକୁ ଓଡ଼ିଶା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପର୍ଯ୍ୟଟନ ହବ୍ ଭାବରେ ବିକଶିତ କରୁଛି, ଯାହା ବ୍ୟାପକ ସ୍ତରରେ ନିଯୁକ୍ତି ସୃଷ୍ଟି କରିବ, ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବ। ଶିକ୍ଷା ଏବଂ ଦକ୍ଷତା ବିକାଶ ବ୍ୟବସ୍ଥା ଯେପରି ବଜାରର ଆବଶ୍ୟକତାକୁ ପୂରଣ କରିପାରିବ, ସେଥିପାଇଁ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଭାଗିତାକୁ ଅଧିକ ମଜବୁତ କରିବାକୁ ରାଜ୍ୟ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମେ ନିଶ୍ଚିତ ଯେ 'ବିକଶିତ ଭାରତ'ର ସାମୂହିକ ଆକାଂକ୍ଷା ସାକାର ହେବ, ଯେଉଁଥିରେ ଓଡ଼ିଶା ଭାରତର ବିକାଶ, ପ୍ରଗତି ଏବଂ ସମୃଦ୍ଧିର ଏକ ସୁଦୃଢ଼ ସ୍ତମ୍ଭ ଭାବରେ ଗର୍ବର ସହ ଆଗଧାଡ଼ିରେ ଠିଆ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ବାପ-ଝିଅ...

ପଟକୁ ଗଡ଼ି ଯାଇଥିଲା। ଫଳରେ ଅଟୋରେ ଥିବା ସୁରେନ୍ଦ୍ର ଓ ତାଙ୍କ ଝିଅ ଶୁଭଶ୍ରୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ଥିବା ସାକ୍ଷୀଗୋପୀନାଥ ବିଜେପି ମଣ୍ଡଳ ସଭାପତି ବଳରାମ ମହାପାତ୍ର ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବା ସହିତ ଗୁରୁତର ଆହତ ଶୁଭଶ୍ରୀଙ୍କୁ ନିଜ ବାଇକ୍ ଯୋଗେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ, ସୁରେନ୍ଦ୍ରଙ୍କୁ ପ୍ରଥମେ ବୁର୍ଲା ଭିମସାରକୁ ନିଆଯାଇଥିଲା, ମାତ୍ର ସେଠାରେ ଜରୁରୀକାଳୀନ ବିଭାଗରେ କୌଣସି ଡାକ୍ତର ନ ଥିବାରୁ ଚିକିତ୍ସା ପାଇଁ ବୁର୍ଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଛି। ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁଡ଼ଙ୍କ ସୂଚନା ଅନୁଯାୟୀ, ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ଘଟାଇଥିବା କାର୍‌ଟିକୁ ପୁଲିସ ଜବତ କରିଥିବାବେଳେ ଅଭିଯୁକ୍ତ କାର୍ ଚାଳକ ଧନୁପାଲିର ରାହୁଲ କୁମାର ନାୟକ (୨୯) ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ମମତାଙ୍କ ପାଇଁ...

ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ବିପଦ ସମୟରେ ସେମାନେ ମମତାଙ୍କୁ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ।

ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ଭାବେ ୧୨ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବାରୁ ଶତ୍ରୁଘ୍ନ ସିହ୍ନା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ଟିଏମସିର ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହେଉଥିବା ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା। ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଶିବିରରେ ସେ ସାମିଲ ଥିବା ଖବର ବି ମିଳିଥିଲା। ତେବେ ଆଜି ସ୍ପଷ୍ଟୀକରଣ ଦେଇ ସିହ୍ନା ଏହିସବୁ ଖରବକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, 'ମୋର ଖରାପ ସମୟରେ ମମତା ବାନାର୍ଜୀ ମୋ ସହ ଛିଡ଼ା ହୋଇଥିଲେ। ଏବେ କଠିନ ପରିସ୍ଥିତିରେ ମୁଁ ମଧ୍ୟ ତାଙ୍କ ସହ ରହିବି।' ଶତ୍ରୁଘ୍ନ ସିହ୍ନା ନିଜର ରାଜନୈତିକ ଜୀବନ ବିଜେପିରୁ ଆରମ୍ଭ କରି କେନ୍ଦ୍ର ମନ୍ତ୍ରୀ ମଧ୍ୟ ହୋଇଥିଲେ। ପରେ ମତଭେଦ ଯୋଗୁଁ ସେ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ଶେଷରେ ୨୦୨୨ ମସିହାରେ ସେ ଟିଏମସିରେ ସାମିଲ ହୋଇ ଆସାନସୋଲ ଆସନରୁ ଉପ-ନିର୍ବାଚନ ଜିତିଥିଲେ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ମଧ୍ୟ ଏହି ଆସନ ବଜାୟ ରଖିଛନ୍ତି।

ଶତ୍ରୁଘ୍ନ ସିହ୍ନାଙ୍କ ସହିତ ଅନ୍ୟ ଦୁଇ ଜଣ ଦଳୀୟ ସାଂସଦ ଦୀପକ ଅଧିକାରୀ ଏବଂ ବାବୁଲ ସୁପ୍ରିୟୋର ମଧ୍ୟ ମମତାଙ୍କ ପ୍ରତି ସମର୍ଥନ ଘୋଷଣା କରି କହିଛନ୍ତି ଯେ ଏଭଳି ସଙ୍କଟ ସମୟରେ ସେମାନେ ମମତାଙ୍କ ହାତ ଛାଡ଼ିବେ ନାହିଁ। ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବା ଖବରକୁ ଖଣ୍ଡନ କରି ସେମାନେ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ତିନି ନେତାଙ୍କ ଏଭଳି ବୟାନ ପରେ କାକୋଲି ଘୋଷଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଟିମରେ ୧୯ ଜଣ ସାଂସଦଙ୍କ ପ୍ରକୃତ ସଂଖ୍ୟାକୁ ନେଇ ସସପେନ୍ସ ବଢ଼ି ଯାଇଛି। କାରଣ ଏହି ତିନି ସାଂସଦଙ୍କ ନାମ ବିଦ୍ରୋହୀ ଗୋଷ୍ଠୀରେ ଥିଲା ବୋଲି କାକୋଲି ଦାବି କରୁଥିଲେ। ଏସଂପର୍କରେ ଟିଏମ୍‌ସିର ଜଣେ ନେତା କହିଛନ୍ତି ଯେ ବିଦ୍ରୋହୀ ଗୋଷ୍ଠୀରେ ୧୨ରୁ କମ୍ ସଭ୍ୟ ଅଛନ୍ତି। ବିଦ୍ରୋହୀମାନେ ଯେଉଁ ୧୯ ଜଣ ତାଲିକା ଦେଇଛନ୍ତି, ତାହା ମିଛ। ସତ ହୋଇଥିଲେ ବାଚସ୍ପତି କେବେଠାରୁ ସେମାନଙ୍କୁ ମାନ୍ୟତା ଦେଇ ସାରିଥାଆନ୍ତେ।

### କଲ୍ୟାଣ ବାନାର୍ଜୀଙ୍କ...

ତାଙ୍କୁ ଶେଷ ମୁହୂର୍ତ୍ତରେ ଓକିଲ ପଦରୁ ହଟାଇ ଦିଆଯିବା ପରେ ସେ ଏହି ଅସନ୍ତୋଷ ପ୍ରକାଶ କରିଛନ୍ତି। ୬୯ ବର୍ଷୀୟ କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ସେ ମାମଲା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଗତକାଲି ମଧ୍ୟରାତ୍ରିରେ ତାଙ୍କୁ ନ ଜଣାଇ ଅନ୍ୟ ଜଣେ ଓକିଲଙ୍କୁ ନିଯୁକ୍ତ କରାଯାଇଥିଲା, ଯାହା ତାଙ୍କ ପାଇଁ ଅତ୍ୟନ୍ତ ଅପମାନଜନକ। ସେ ଦଳର ମୁଖ୍ୟ ମମତା ବାନାର୍ଜୀଙ୍କ ସାମ୍ନାରେ ସର୍ତ୍ତ ରଖିଛନ୍ତି ଯେ, 'ଆମକୁ ବାଛନ୍ତୁ ନଚେତ୍ ଅଭିଷେକଙ୍କୁ'। ଅଭିଷେକଙ୍କ ଅହଂକାର ଯୋଗୁଁ ଦଳ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେରେ ଦଳର ଅନ୍ୟତମ ସାଂସଦ କିର୍ତ୍ତି ଆଜାଦ କହିଛନ୍ତି ଯେ ମମତାଙ୍କ ସହିତ କଲ୍ୟାଣ ଅଛନ୍ତି। ତାଙ୍କ ଅଭିଯୋଗ ଉପରେ ମମତା ପଦକ୍ଷେପ ନେବେ। ମମତାଙ୍କୁ କଲ୍ୟାଣ ଛାଡ଼ିବେ ନାହିଁ ବୋଲି ସେ କହିଛନ୍ତି।

### ରାଜ୍ୟସଭାରୁ ଇସ୍ତଫା...

ରାଜ୍ୟସଭା ସାଂସଦ ପ୍ରକାଶ ଚିକ ବଡ଼ାଇକ ଆଜି ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ଚଳିତ ସପ୍ତାହ ରାଜ୍ୟସଭାରୁ ଏହାକୁ ମିଶାଇ ଟିଏମ୍‌ସିର ତିନି ଜଣ ସଭ୍ୟ ଇସ୍ତଫା ଦେଲେଣି। ଏହା ସହିତ ରାଜ୍ୟସଭାରେ ଟିଏମସିର ସଦସ୍ୟ ସଂଖ୍ୟା ୧୦କୁ ହ୍ରାସ ପାଇଛି। ଆଗାମୀ ସପ୍ତାହରେ ଆଉ ୩ ଜଣ ସାଂସଦ ଇସ୍ତଫା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ବିଧାନସଭାରେ ଟିଏମ୍‌ସି ଦୁଇ ଫାଳ ହେବା ପରେ ଲୋକସଭାରେ କେତେକ ଦଳୀୟ ସାଂସଦଙ୍କ ବିଦ୍ରୋହ ମମତାଙ୍କ ପାଇଁ ରଜନୈତିକ ଅସ୍ତିତ୍ୱର ପ୍ରଶ୍ନ ସୃଷ୍ଟି କରିଛି।

ପ୍ରକାଶ ଚିକ ବଡ଼ାଇକ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଇସ୍ତଫା ପରେ ବଡ଼ାଇକ କହିଛନ୍ତି ଯେ ସେ କୌଣସି ଚାପରେ ଏହି ନିଷ୍ପତ୍ତି ନେଇନାହାନ୍ତି। ବଙ୍ଗ ବେଙ୍ଗଲ ଜନସାଧାରଣଙ୍କ ଜନମତକୁ ସମ୍ମାନ ଜଣାଇ ଏହା କରିଛନ୍ତି। ଏଣିକି ସେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ।

### ଦୁର୍ଦ୍ଦାନ୍ତ ପ୍ରଫୁଲ୍ଲକୁ...

ଭଦ୍ରକର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଥାନାରେ ୨୫ରୁ ଅଧିକ ମାମଲା ରହିଛି। ଘର ଓ ଏଟିଏମ୍ ଲୁଟ୍ ସହିତ ପୁଲିସ ଉପରକୁ ଫାୟାରିଂ ପରି ଅନେକ ସଙ୍ଗୀନ ମାମଲା ପୂର୍ବରୁ ପପୁ ନାମରେ ରହିଛି। ବୁଧବାର ପପୁ ଏକ କଳା ପଲ୍‌ସରରେ ଆରଡି ଛକ ସାତଭଉଣୀ ଅଞ୍ଚଳରେ ବୁଲୁଥିବା ପୁଲିସ ଖବର ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ ପପୁକୁ ପିଛା କରିଥିଲା। ପରେ ସେ ନୂଆସାହି ଜଙ୍ଗଲ ଦେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୁଲିସ୍ ଆତ୍ମସମର୍ପଣ କରିବାକୁ କହିବା ପରେ ପୁଲିସ ଉପରକୁ ପପୁ ଗୁଳି ଚଳାଇଥିଲା। ତେଣୁ, ବାଧ ହୋଇ ପୁଲିସ୍ ଗୁଳି ଚଳାଇଥିଲା। ଗୁଳି ପପୁର ଡାହାଣ ଗୋଡ଼ରେ ବାଜିଥିଲା। ତାକୁ ପ୍ରଥମେ ଭଦ୍ରକ ଓ ପରେ ଚିକିତ୍ସା ପାଇଁ ଏସ୍‌ସିବିକୁ ପଠାଯାଇଛି। ଅନ୍ୟପଟେ, ପପୁ ବ୍ୟବହାର କରିଥିବା ବନ୍ଧୁକ ଆମେରିକା ନିର୍ମିତ ବୋଲି ଜଣାପଡ଼ିଛି। ଓଡ଼ିଶାର ଅପରାଧୀମାନେ ଏହି ବନ୍ଧୁକକୁ ବାଂଲାଦେଶ ମୁର୍ସିଦାବାଦରୁ ଆଣୁଥିବା ଜଣାପଡ଼ିଛି। ଏହି ବନ୍ଧୁକ କିପରି ଏମାନଙ୍କ ନିକଟରେ ପହଞ୍ଚୁଛି ତାକୁ ନେଇ ଅଧିକ ଖୋଳତାଡ଼ କରାଯିବ ବୋଲି ଭଦ୍ରକ ଏସ୍‌ପି ମନୋଜ ରାଉତ କହିଛନ୍ତି।


**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**
**କନଷ୍ଟ୍ରକ୍ସନ୍ ଗତିଶକ୍ତି (ରତଲାମ)**
**ଇ-ଟେଣ୍ଡର ବିଜ୍ଞପ୍ତି**
ନଂ.: GS-C-RTM/NIT, ତାରିଖ: 09.06.2026। ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ପଶ୍ଚିମ ରେଳବାଇ, କନଷ୍ଟ୍ରକ୍ସନ୍ (ଗତିଶକ୍ତି), ରତଲାମ www.ireps.gov.in ୱେବସାଇଟ୍ ମାଧ୍ୟମରେ ଇ-ଟେଣ୍ଡର ପ୍ରଣାଳୀରେ ଖୋଲା ନିବିଦା (Open Tender) ଆହ୍ୱାନ କରୁଛି। ବିବରଣୀ ନିମ୍ନରୂପ: କ୍ରମିକ ସଂଖ୍ୟା – ୧ଇ-ଟେଣ୍ଡର ନଂ.: RTM-GSU-Engg-ROB-BMI-72R। କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ରତଲାମ ମଣ୍ଡଳ ଅନ୍ତର୍ଗତ ଗୋଧ୍ରା–ରତଲାମ ସେକ୍ସନର ବାମନିଆ ଓ ଭୈରୋନଗଡ଼ ଷ୍ଟେସନ୍ ମଧ୍ୟରେ ଅବସ୍ଥିତ ଲେଭେଲ୍ କ୍ରସିଂ ନଂ. ୭୨ ପରିବର୍ତ୍ତେ କି.ମି. ୬୦୯/୧୦–୧୨ ଠାରେ ଦୁଇ ଲେନ୍ ବିଶିଷ୍ଟ ରୋଡ୍ ଓଭର ବ୍ରିଜ୍ (୧ x ୭୨.୦୦ ମି. ବୋ-ଷ୍ଟ୍ରିଙ୍ଗ/କ୍ୟାମେଲ୍ ବ୍ୟାକ୍ ଷ୍ଟିଲ୍ ଗର୍ଡର + ୧ x ୩୬.୦୦ ମି. ଓ ୧ x ୨୪.୦୦ ମି. ସ୍ପାନ୍ କମ୍ପୋଜିଟ୍ ଷ୍ଟିଲ୍ ଗର୍ଡର) ର ରେଳବାଇ ଅଂଶର ନିର୍ମାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ.24,47,62,803.16, ଜମାନତ ରାଶି (EMD): ଟ. 48,95,300.00, ଟେଣ୍ଡର ଖୋଲିବା ତାରିଖ: 06.07.2026 ବିସ୍ତୃତ ନିବିଦା ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)।
ADM/5/1/97
Follow us on: twitter.com/WesternRly

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-TWIN-PIPE-SBP-06-26
କାର୍ଯ୍ୟର ନାମ : ଏୟାର ବ୍ରେକ୍ ସିଷ୍ଟମ୍ ପାଇଁ ସମସ୍ତ ୱାଗନ୍‌ରେ ଟ୍ୱିନ୍ ପାଇପ୍ (Twin Pipe) ରେଟ୍ରୋ-ଫିଟମେଣ୍ଟର ଯୋଗାଣ ଏବଂ ସ୍ଥାପନ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹58,92,212.00, EMD : ₹1,17,900/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 26.06.2026, 1500 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (ଏଫଆରଟି), ସମ୍ବଲପୁର
PR-229/R/26-27

**OFFICE OF THE PRINCIPAL**
**TRUST FUND H.S SCHOOL, BARGARH**
E-mail – tfcbargarh@yahoo.com
Notice No. 834/TFHS/2026 Dt. 10.06.2026
**WALK-IN-INTERVIEW**
A walk-in-interview will be held in the H.S School campus for appointment of PGT in different subjects on the date and time as mentioned below. Eligible candidates may attend the interview.
**Dt. 23.06.2026, Time - 10 A.M**
Subjects: English, Odia, Physics, Chemistry, Botany, Mathematics
Guest Faculty (Remuneration on Class wise basis)
Minimum Qualification: 55% marks at PG level.
(Preference will be given to candidates having B.Ed. Qualification)
Sd/- Principal-incharge-Cum-Secretary
Trust Fund H.S School, BARGARH

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/854/2627
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ୍ ନଂ- 11-4C/1471 ଟିକୁ ଶ୍ରୀମତୀ ଅଞ୍ଜଳି ମେହେର, ସ୍ୱାମୀ-ଡଃ ଲଳିତ କୁମାର ମେହେର, ସା- ଟିଙ୍ଗେରବନ୍ଧ, ପୋ-ଗଙ୍ଗାସାଗର, ଥା-ପାଟଣାଗଡ଼, ଜିଲ୍ଲା- ବଲାଙ୍ଗୀର - ୭୬୭୦୨୫ ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅଞ୍ଜଳି ମେହେର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଡଃ ପ୍ରଜ୍ଞା ପରମିତା ଗିରି, ସ୍ୱାମୀ- ଡଃ କାଳୀ ପ୍ରସନ୍ନ ସ୍ୱାଇଁ, ସା/ପୋ-ବୋଧଙ୍ଗ, ଥା- ନିଶ୍ଚିନ୍ତକୋଇଲି, ଜିଲ୍ଲା-କଟକ-୭୫୪୨୦୭ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR-13001/13037/1/26-27/0051 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
13001/862/2627
ପତ୍ର ସଂଖ୍ୟା ୧୨୦୭୪/ ଭୁ.ଉ.କ., ଭୁବନେଶ୍ୱର KVH-223/96 **ସୂଚନା** ତା. ୦୪.୦୬.୨୦୨୬ରିଖ
ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର ହାଉସିଂ ସ୍କିମ୍, ସୁବୁପୁର, ଭୁବନେଶ୍ୱର ଅନ୍ତର୍ଗତ HIG ଗୃହ ନଂ. କେ.୫ - ୨୨୯ କୁ ଭୁବନେଶ୍ୱର ଉର୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୫୬୩୫/AL ତା-୨୪.୦୭.୧୯୯୬ ରିଖ ଅନୁଯାୟୀ ଶ୍ରୀ ତୁଷାର ରଞ୍ଜନ ବିଶ୍ୱାଳ, ପିତା - ସ୍ୱର୍ଗତ ନୃସିଂହ ବିଶ୍ୱାଳ ଅତିର ପୋଷ୍ଟ-ବରୀ, ଥାନା-ବିଂଝାରପୁର, ଜିଲ୍ଲା-ଯାଜପୁର ଙ୍କ ନାମରେ ଆବଣ୍ଟନ କରାଯାଇଥିଲା।
ଆବଣ୍ଟନଗ୍ରାହୀ ତୁଷାର ରଞ୍ଜନ ବିଶ୍ୱାଳ ଗତ ତା- ୧୫.୧୦.୨୦୨୦ ରିଖ ରେ ମୃତ୍ୟୁବରଣ କରିଅଛନ୍ତି (Death certificate No-7677/2020 Dated. 17.10.2020.
Legal heir certificate No- E-LHC/2020/76378) ବର୍ତ୍ତମାନ (1) ନମିତା ରାଉତରାୟ (ସ୍ତ୍ରୀ) (2) ସସ୍ମିତା ବିଶ୍ୱାଳ (ଝିଅ) (3) ଶ୍ୱେତାପଦ୍ମ ବିଶ୍ୱାଳ (ଝିଅ) ଉକ୍ତ ଗୃହର ଉତ୍ତରାଧିକାରୀ ଅଛନ୍ତି।
ଏଣୁ ଉକ୍ତ ଗୃହ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ।
ସା/- ଆବଣ୍ଟନ ଅଧିକାରୀ-୧
OIPR-13001/13033/1/26-27/0058 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

38001/20/2627
**ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା**
ପତ୍ର ସଂଖ୍ୟା: ୯୫୦ ତାରିଖ: ୨୯.୦୫.୨୦୨୬ରିଖ
**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞପ୍ତି**
ଏତଦ ଦ୍ୱାରା ନିମ୍ନଲିଖିତ ମୋଟର ଯାନର ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଯାନ ବିରୁଦ୍ଧରେ ବେକେୟା ମୋଟୋର ଯାନ ଟିକସ ବାକି ଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରଯାଇଥିଲା। ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନ କରିବାରୁ କିମ୍ବା କୌଣସି ଉତ୍ତର ନ ରଖିବାରୁ ସେମାନଙ୍କ ଯାନ ଗୁଡ଼ିକୁ ଓଡିଶା ମୋଟୋର ଯାନ କର ଆଇନ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇ ଅଛି।
ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି, ଯଦି ସେମାନେ ଆସନ୍ତା ତା ୧୭.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନ କରନ୍ତି ତେବେ ତା ୧୯.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନ ଗୁଡ଼ିକ ନିଲାମ କରାଯିବ।
ଅତଏବ ସମସ୍ତ ଜନସାଧାରଣ ଏବଂ ନିମ୍ନ ଲିଖିତ ଗାଡି ଗୁଡ଼ିକର ଋଣ ପ୍ରଦାନ କରି ସଂସ୍ଥା (Financier) ମାନଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଛିକି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନ ଲିଖିତ ଯାନ ଗୁଡ଼ିକର ନିଲାମି ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଏହି ବାବଦରେ ସମ୍ପୂର୍ଣ୍ଣ ବିବରଣୀ https://odishatransport.gov.in ୱେବସାଇଟରୁ ପ୍ରାପ୍ତ କରନ୍ତୁ।
**ନିଲାମ ହେବାକୁ ଥିବା ଗାଡି ଗୁଡ଼ିକର ପଞ୍ଜୀକରଣ ସଂଖ୍ୟା ନିମ୍ନ ରେ ପ୍ରଦାନ କରାଗଲା**
OD185937, OR18C0408, OR18C1651, OR181019, OR181438, OD188719, OR182421, OD18G6189, OR18C5698
ଟିକସ ଅସୁଲି ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ରାୟଗଡା
OIPR-38001/38049/1/26-27/0001

**AFFIDAVIT**
By virtue of an Affidavit resident before Notary Public, Malkangiri, **I, Sriti Goldar,** aged about 28 Years, W/o.: Prakash Goldar, D/o.: Dipak Rango, of Village: M.V- 104, PO.: Tarlakota, P.S.: Orkel, Dist.: Malkangiri, Odisha declare by this Affidavit No.: 797/2026, Dated: 11/05/2026, That I have changed my name from Sriti Rango to Sriti Goldar. Henceforth I shall be known as **Sriti Goldar** for all future purposes.

**AFFIDAVIT**
By virtue of an affidavit no- 2018, dated- 2/6/2026 sworn before Executive Magistrate, Banpur, declare that I, Bidulata Pradhan, aged about- 41 years, W/o- Kalia Pradhan of Address At- Kapileswarpur, College road, Po./P.s- Banpur, Dist-Khordha, Odisha, Pin-752031, declare that I have changed the name of my minor son from Sarathi Pradhan to Sai Prasad Pradhan. Henceforth, he shall be known as **Sai Prasad Pradhan** for all purposes.
Sai Prasad Pradhan

**AFFIDAVIT**
By virtue of an affidavit No.09, sworn before the Executive Magistrate, Keonjhar on dtd- 19/05/2026, I **MD EJAJ HUSSAIN,** S/o- Mohammad Jauwad, permanent resident of Vill: Magurgadia, PO: Keonjhargarh, PS: Town, Odisha, Pin-758001, declare that I have changed my name from **IJAJ HUSEN** (old name) to **MD EJAJ HUSSAIN** (new name). Henceforth, I shall be known as **MD EJAJ HUSSAIN** for all future purposes.
MD EJAJ HUSSAIN

**AFFIDAVIT**
I, Moushumi Das, W/o- Sudipta Das, resident of Flat No-308, Maruti Residency Apartment, Raghunathpur, Po- Kalarahanga, Ps- Nandankanan, Dist- Khorda, Pin-751024, Odisha declare By this Affidavit No-458686, dtd- 09/06/2026 that now onwards I shall be known as **MOUSUMI DAS** for all future purposes

**AFFIDAVIT**
I, Neha Agrawal, aged about 40 years, W/o- Anil Kumar Agarwal, resident of At- Flat No-2A,Y-8, Bhagwati Elite, Civil Township, Near Forum Galeria Mall, Ps- Raghunath Palli, Rourkela, Dist-Sundargarh, Odisha, PIN- 769012, do hereby declare by this affidavit No.1206, dtd- 10.06.2026, that now onwards I shall be known as **NEHA AGARWAL** for all future purposes.

**AFFIDAVIT**
I, Rasmi Rekha Mishra, W/o- Debabrata Mishra, resident of Plot No- 882/1319, Friend's Colony, Mahatab Road, Old Town, Bhubaneswar, PIN- 751002, Dist- Khordha, Odisha declare by this affidavit No- 85AA378012, dated- 11/06/2026, that now onwards I shall be known as **RASHMIREKHA MISHRA** for all future purposes.
Rashmirekha Mishra

**AFFIDAVIT**
By virtue of an affidavit sworn before Notary Public, Kesinga, dated 04/05/2026. I, **Thakur Bibhar,** S/o- Dutiya Bibhar, Address: At/Po- Rengali, Ps- Kesinga, Dist- Kalahandi (Odisha) declare that I have changed my name from **Thakur Harijan** to **Thakur Bibhar.** Henceforth, I shall be known as **Thakur Bibhar** for all purposes.
Thakur Bibhar

● ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୧।୬ (ସମିସ): ଜୟପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ପୋକ୍ସ କୋର୍ଟରେ ଜଣେ ନାବାଳିକାଙ୍କୁ ଅପହରଣ ଏବଂ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବସ୍ତ୍ୟ କରାଯାଇ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଟଙ୍କା ଅନାଦେୟ ଦୋଷୀଙ୍କୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏହି ମାମଲାରେ ପୋକ୍ସ ଜଜ୍ ସଂଘମିତ୍ରା ଦାଶ ବିଚାରଣା କରିବା ସହିତ ୯ ଜଣଙ୍କ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ତାଙ୍କ ରାୟରେ ଦୋଷୀ କୋରାପୁଟ ଜିଲ୍ଲା ଦାମନଯୋଡି ଥାନା ମାଥାଲପୁଟ ଗ୍ରାମ ହାଟପଦାର ବାବୁଲା ହନ୍ତାଳକୁ ଦଣ୍ଡାଦେଶ କରିଛନ୍ତି। ମାମଲା ଅନୁଯାୟୀ, ଦୋଷୀ ଅପରାଧି ବାବୁଲା ଉକ୍ତ ଅଞ୍ଚଳର ୧୬ ବର୍ଷିୟା ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇବା ସହିତ ପ୍ରେମ ସମ୍ପର୍କ ରଖିଥିଲେ। ନାବାଳିକାକୁ ଅପରାଧି ବାବୁଲା ଗତ ୨୦୨୪ ମସିହା ଫେବୃୟାରୀ ୨ ତାରିଖ ରାତିରେ ଘର ବାହାରକୁ ଡାକି ଜୋରଜବରଦସ୍ତ ଅପହରଣ କରିନେବା ସହିତ ଦୁଷ୍କର୍ମ କରିଥିଲେ। ପୀଡିତା ନାବାଳିକାଙ୍କ ବିଧବା ମା'ର ଏତଲାକୁ ଭିତ୍ତି କରି ଅଭିଯୁକ୍ତଙ୍କ ପୁଲିସ ଗିରଫ କରିଥିଲେ ଏବଂ ତାଙ୍କ ବିରୋଧରେ ଅପହରଣ ଏବଂ ପୋକ୍ସ ଧାରାରେ ମାମଲା ରୁଜୁ କରିବା ସହିତ କୋର୍ଟ ଚାଲାଣ କରିଥିଲେ। କୋର୍ଟ ପକ୍ଷରୁ ଦୋଷୀଙ୍କ ଠାରୁ ଆଦାୟ ଜରିମାନା ଟଙ୍କା ସମେତ ସରକାରଙ୍କ ନିୟମ ଅନୁଯାୟୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପୀଡିତା ଏବଂ ତାଙ୍କ ପରିବାରୁ ଅନୁକମ୍ପା ମୂଳକ ଭାବେ ସାଢେ ୩ ଲକ୍ଷ ଟଙ୍କା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ପି.ସନ୍ୟାସୀ ରାଓ ମାମଲାକୁ ପରିଚାଳନା କରିଥିଲେ।

● ଜନ୍ମଦିନରେ ନିଆରା ପଦକ୍ଷେପ

# ଭିନ୍ନକ୍ଷମ ଲକ୍ଷ୍ମୀର ଦାୟିତ୍ୱ ନେଲେ ସମାଜସେବୀ

ମାଲକାନଗିରି,୧୧।୬(ସମିସ): ମାନବିକତାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ମାଲକାନଗିରିର ସମାଜସେବୀ ଛବି ଦାସ। ନିଜ ୫୧ତମ ଜନ୍ମଦିନକୁ ଭୋଜିଭାତରେ ପାଳନ ନ କରି ସେ ଜଣେ ଅସହାୟ ଝିଅର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ନେଇଛନ୍ତି। ସଦର ବ୍ଲକର ସିନ୍ଧ୍ରୀମାଳ ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୁଡା ଗ୍ରାମର ନାରାୟଣ ଖେମୁଡୁଙ୍କ ଝିଅ ଲକ୍ଷ୍ମୀ ପାଦରେ ଦଶମ ବୋର୍ଡ ପରୀକ୍ଷା ଲେଖି ଚର୍ଚ୍ଚାକୁ ଆସିଥିଲେ। ହେଲେ ପରିବାରର ଦୁର୍ବଳ ଆର୍ଥିକ



ସ୍ଥିତି ଯୋଗୁଁ ତାଙ୍କ ପରବର୍ତ୍ତୀ ପାଠପଢ଼ା ଅନିଶ୍ଚିତ ହୋଇପଡ଼ିଥିଲା। ଏହି ସମ୍ପର୍କରେ ଜାଣିବା ପରେ ଛବି ଦାସ ଲକ୍ଷ୍ମୀଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରି ତାଙ୍କ ଶିକ୍ଷା, ଲାଳନ-ପାଳନ ଓ ଆବଶ୍ୟକ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏହାସହ ସେ ଲକ୍ଷ୍ମୀଙ୍କୁ ଶିକ୍ଷା ସାମଗ୍ରୀ ମଧ୍ୟ ପ୍ରଦାନ କରିଛନ୍ତି। ଛବି ଦାସଙ୍କ ଏହି ଉଦାର ପଦକ୍ଷେପ କେବଳ ଜଣେ ଅସହାୟ ଝିଅର ଜୀବନରେ ନୂଆ ଆଶା ସଞ୍ଚାର କରିନାହିଁ, ବରଂ ସମାଜକୁ ମାନବିକତା ଓ ସହଯୋଗର ଏକ ସୁନ୍ଦର ବାର୍ତ୍ତା ଦେଇଛି। ତାଙ୍କର ଏହି କାର୍ଯ୍ୟକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତି।

# କଲ୍ୟାଣସିଂହପୁର ବ୍ରାହ୍ମଣ ସମାଜ କମିଟି ଗଠନ

କଲ୍ୟାଣସିଂହପୁର,୧୧।୬(ସମିସ): ରାୟଗଡ଼ ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଠ ବର୍ଷ ପୂର୍ବେ ଗଠନ ହୋଇଥିବା ପରିଚାଳନା କମିଟିକୁ ଭଙ୍ଗ କରି ନୂତନ କମିଟି ଗଠନ କରିବା ପାଇଁ ସଭାପତି ସରତଚନ୍ଦ୍ର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ପୁରୁଣା କମିଟି ଭଙ୍ଗ କରି ନୂତନ କମିଟି ଗଠନ କରିବା ପ୍ରକାଶ କରିଥିଲେ। ସମାଜର ପ୍ରତି ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ସଦସ୍ୟଙ୍କୁ ବଛା ଯାଇଥିଲା।



ସେଥିମଧ୍ୟରୁ ସଭାପତି ଭାବେ ରମାକାନ୍ତ ପରିଛା, ଉପସଭାପତି ବଳରାମ ତ୍ରିପାଠୀ, ସମ୍ପାଦକ ନରସିଂହ ମହାପାତ୍ର, ସହ ସମ୍ପାଦକ କିଶୋର ଚନ୍ଦ୍ର ପାଢୀ, କୋଷାଧକ୍ଷ ଭାବେ ସୁରେଶ ଚନ୍ଦ୍ର ପାଢ଼ୀ ସର୍ବ ସହମତି କ୍ରମେ ଚୟନ ହୋଇଥିଲେ। ଉପଦେଷ୍ଟା ଭାବେ ଶରତ ଚନ୍ଦ୍ର ପାଢ଼ୀ, ମନୋରୋଞ୍ଜନ ତ୍ରିପାଠୀ, ସତ୍ୟନାରାୟଣ ତ୍ରିପାଠୀ ସର୍ବ ସହମତି କ୍ରମେ ରହିଛନ୍ତି। ଆଗାମୀ ଦିନରେ ସମାଜର କାର୍ଯ୍ୟପନ୍ଥା, ନିତି ନିର୍ଧାରଣ, ଆୟ ବ୍ୟୟ, କମିଟିର ଶୃଙ୍ଖଳା, ସମାଜ ସଂସାର, ସାମାଜିକ ସେବା, ଗରିବ ବ୍ରାହ୍ମଣ ପିଲାଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ସାହାଯ୍ୟ, ସମାଜକୁ ସାଙ୍ଗରେ ନେଇ ଚାଲିବା ସହ ବିଭିନ୍ନ କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ ନିତି ନିର୍ଧାରଣ କରାଯିବ ବୋଲି ନୂତନ ସଭାପତି ରମାକାନ୍ତ ପରିଛା ସହ ସମସ୍ତ ନବ ନିର୍ବାଚିତ ପ୍ରତିନିଧି ପ୍ରକାଶ କରିଛନ୍ତି।

## ପାନୀୟ ଜଳ ସମସ୍ୟା ଓ ମଶାଣି ଜାଗା ଚିହ୍ନଟ ଦାବି

# ବିଡିଓ, ତହସିଲଦାରଙ୍କୁ ପୋଡମରା ଗ୍ରାମବାସୀଙ୍କ ଦାବିପତ୍ର

ରାୟଗଡ,୧୧।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ୍ କୁମ୍ଭୀକୋଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଡମରା ଗ୍ରାମବାସୀ ଗାଁରେ ଉପୁଜୁଥିବା ପାନୀୟ ଜଳ ସମସ୍ୟାର ସମାଧାନ ଓ ମଶାଣୀ ଜାଗା ଚିହ୍ନଟ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାବି ଜଣାଇଛନ୍ତି। ଆଜି ଗ୍ରାମର ଭଦ୍ରମଣ୍ଡଳୀ ନେତୃତ୍ୱ ନେଇ ପାନୀୟ ଜଳ ସମସ୍ୟା ସମ୍ବନ୍ଧରେ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରିଛନ୍ତି। ପୋଡମରା ଗ୍ରାମରେ ୫୦୦ରୁ ଅଧିକ ଲୋକେ ବସବାସ କରୁଥିବା ବେଳେ ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗାଁରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନ ଥିବାରୁ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଟାଣ ଖରାରେ ଗ୍ରାମବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହୋଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି। ଗାଁରେ ୪ଟି ନଳକୂପ ରହିଥିବା ବେଳେ ସେଥିରୁ ୩ଟି ଅଚଳ ହୋଇପଡିଛି ଏବଂ ଗୋଟିଏ କେବଳ କାର୍ଯ୍ୟକ୍ଷମ ରହିଛି। ଯାହାକି ସମସ୍ତଙ୍କ ପାଇଁ ଠିକ୍ ସମୟରେ ପାଣି ପାଇବା କଷ୍ଟକର ହୋଇପଡୁଛି। ଫଳରେ ଗ୍ରାମବାସୀ ଗାଁ ନିକଟରେ ପ୍ରବାହିତ ନଦୀ ଓ ଝରଣାର ଅପରିଷ୍କାର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଉଲ୍ଲେଖ କରିବା ସହ ପାନୀୟ ଜଳ ସମସ୍ୟାର ନିରାକରଣ ପାଇଁ ଗାଁରେ ଦୁଇଟି ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ପୋଡମରା ଗ୍ରାମରେ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ତଥା ଶବ ଦାହ ପାଇଁ ମଶାଣୀ ଜାଗାର ଅଭାବ ଥିବା ହେତୁ ଗ୍ରାମବାସୀମାନେ ଏକ ମଶାଣି ଜାଗାର ଚିହ୍ନଟ କରି ଦେବା ପାଇଁ ରାୟଗଡ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପୂର୍ବ ପୁରୁଷ କାଳରୁ ଗ୍ରାମବାସୀମାନେ ନିଜର ମଶାଣୀ ସ୍ଥାନ ଭାବେ ଗାଁ ନିକଟରେ ପ୍ରବାହିତ ଏକ ନାଳ ପାଖ ସ୍ଥାନରେ ସାମାଜିକ ରୀତିନୀତି ଅନୁଯାୟୀ ଶବ ଦାହ କାର୍ଯ୍ୟ ତୁଲାଇ ଆସୁଥିଲେ। ତେବେ ନିକଟରେ ଜଣେ ବ୍ୟକ୍ତି ଉକ୍ତ ସ୍ଥାନଟି ତାଙ୍କର ଏବଂ ଏହା ଏକ ଘରୋଇ ଜାଗା ଦର୍ଶାଇ ଜାଗାର ମାପଚୁପ କାର୍ଯ୍ୟ ସାରିଛନ୍ତି। ଫଳରେ ଗ୍ରାମବାସୀଙ୍କ ପାଇଁ ଏବେ ମଶାଣି ଭୂଇଁ ନୂତନ ଭାବେ ମିଳିବା କଷ୍ଟକର ହୋଇ ପଡିଥିବାରୁ ଗ୍ରାମବାସୀଙ୍କ ପାଇଁ ତହସିଲ ପକ୍ଷରୁ ଏକ ମଶାଣୀ ଜାଗା ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି। ଆଜି ଏହି ଦୁଇଟି ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ରଂଜିତ କୁମାର ବିଭର, ଜିତେନ୍ଦ୍ର ବିଭର, ମହେନ୍ଦ୍ର ବିଭର, ବୃନ୍ଦା ବିଭାର ସୁଧୀର ଖୁରା, ପଦ୍ମନ ଭତ୍ରା, ଅରୁଣ କୁମାର ବିଭର, ଆଶିଷ ବିଭରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।



# ବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

ସୁନାବେଡ଼ା,୧୧।୬ (ସମିସ): ସୁନାବେଡା-୧ ସ୍ଥିତ ଚିକାପାର୍ ଗ୍ରାମର ଜଣେ ୧୭ ବର୍ଷର ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ଯୋଗ୍ୟ ଯେ ସବୁ ଦିନପରି ବୁଧବାର ସକାଳେ ସୁନାବେଡ଼ା-୧ରେ ଥିବା ଲସି ଦୋକାନରେ କାମ କରିବା ପାଇଁ ଆସି ଦୋକାନ ଖୋଲି କୁଆଡେ ଚାଲି ଯାଇଥିଲା। ସେ ଦିନ ସେ ଘରକୁ ଯାଇନଥିଲା। ସେଥିପାଇଁ ପରିବାର ଲୋକେ ତାକୁ ଖୋଜିବାରେ ଲାଗିଲେ। ପରିବାର ଲୋକେ ରାତି ୨ଟା ସମୟରେ ସୁନାବେଡ଼ା -୧ ସ୍ଥିତ ପବ୍ଲିକ ସ୍କୁଲ ନିକଟରେ ଥିବା ଗୋଟିଏ ତେନ୍ତୁଳି ଗଛରେ ଗମୁଛା ଲଗାଇ ସେ ଝୁଲୁଥିବା ଦେଖିଥିଲେ। ଘଟଣାସ୍ଥଳରେ ସୁନାବେଡ଼ା ପୋଲିସ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତାଙ୍କର ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ସ୍ଥାନୀୟ ପୋଲିସ ତଦନ୍ତ କରୁଛି।

# ସେମିଳିଗୁଡ଼ାରେ ଏସ୍ଆଇଆର୍ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୧୧।୬ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ସହରର ବିଭିନ୍ନ ୱାର୍ଡରେ ଏସ୍ଆଇଆର୍ କାର୍ଯ୍ୟକ୍ରମ ଚାଲୁ ରହିଛି। ଏଥିରେ ସାମିଲ ଥିବା ସମସ୍ତ ବିଏଲଓ ବିଭିନ୍ନ ବୁଥ ସ୍ତରରେ ଘରକୁ ଘର ପହଞ୍ଚି ପରିଗଣନା ଫର୍ମ ବିତରଣ କରିଛନ୍ତି। ପ୍ରଶାସନ ପକ୍ଷରୁ ପରିଗଣନା ଫର୍ମ ବିତରଣ, ଫର୍ମ ପୂରଣ, ପରେ ଫର୍ମ ସଂଗ୍ରହ ସହ ପ୍ରତି ଭୋଟରମାନଙ୍କୁ ଠିକ୍ ଓ ନିର୍ଭୁଲ ତଥ୍ୟ ପ୍ରଦାନରେ ସହଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଛି। ଭୋଟର ତାଲିକାରେ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ରହିବା ପାଇଁ ସମସ୍ତ ବିଏଲଓମାନଙ୍କୁ ତାଲିମ ଦିଆଯାଇଛି। ଏହି ଅବସରରେ ସେମିଳିଗୁଡା ସହରରେ ରହୁଥିବା ପୂର୍ବତନ ବିଧାୟକ ରଘୁରାମ ପାଡଲଙ୍କ ଏସ୍ଆଇଆର୍ କରାଯାଇଛି। ବିଏଲଓ ସୁପରଭାଇଜର ଶାନ୍ତି ଲାତା ମଲ୍ଲିକ ନେତୃତ୍ୱରେ, ୨୦୪ ବୁଥ ବିଏଲଓ ସରସ୍ୱତୀ ରାୟ, ୨୦୭ ବିଏଲଓ ସ୍ନେହଲତା, ସୁନାବେଡ଼ା ପୌର ପରିଷଦ ଏମଏସ ବିଶେଷଜ୍ଞ ସଞ୍ଜିତ କୁମାର୍ ତାକ୍ରି ଯୋଗ ଦେଇ ପୂର୍ବତନ ବିଧାୟକ ରଘୁରାମ ପାଡଲଙ୍କ ନିଜ ତଥ୍ୟ ଅନୁଯାୟୀ ଏସ୍ଆଇଆର୍ କରିଛନ୍ତି।

● ଦୋକାନ ଗୃହରେ ଅଗ୍ନିକାଣ୍ଡ ଘଟଣା

# ଯୋଜନାବଦ୍ଧ ଭାବେ ଲଗାଯାଇଛି ନିଆଁ: ଘର ମାଲିକ

ନନ୍ଦପୁର, ୧୧।୬ (ସମିସ): ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ସଦର ମହକୁମା ଗ୍ରାମର ସୀମାଞ୍ଚଳ ନାୟକଙ୍କ ଦୋକାନ ଗୃହରେ ନିଆଁ ଲାଗି ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ କାଳ ବୈଶାଖୀର ତାଣ୍ଡବ ପରେ ଅଞ୍ଚଳରେ ଅନ୍ଧାର ଛାଇ ଥିବାରୁ ସମସ୍ତେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନ ମାଲିକ ସୀମା ବାବୁଙ୍କ ଏତଲା ପରେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି। ରାତି ପ୍ରାୟ ୧୨ଟା ଠାରୁ ୧ଟା ସମୟ ମଧ୍ୟରେ ସୀମା ବାବୁଙ୍କ ଦୋକାନ ଗୃହ ଉପରେ ଚଢ଼ି ଦୁଇ ଜଣ ଯୁବକ ଦୋକାନ ଗୃହର ଛପର ଭାଙ୍ଗୁ ଥିବା ଦେଖି ଜଣେ ଝିଅ ସୀମା ବାବୁଙ୍କୁ ଫୋନ୍ କରିଥିଲେ। ଫୋନ୍ ଆସିବା ପରେ ନିଦରୁ ଉଠି ସୀମା ବାବୁ ଦୋକାନ ଗୃହ ନିକଟ କୁ ଆସି ପାଟି କରିବାରୁ ଘର ଉପରେ ଥିବା ଦୁଇ ଯୁବକ ଡେଇଁ ପଳେଇ ଯାଇଥିବା କହିଛନ୍ତି ଦୋକାନ ମାଲିକ। ଏତିକି ବେଳକୁ ଦୋକାନ ଗୃହ ଭିତରେ ନିଆଁ ସଂପୂର୍ଣ୍ଣ ଲାଗି ଯାଇଛି। ତୁରନ୍ତ ସାହି ପଡୋଶୀ ଉଠି ଘଟଣା ସ୍ଥଳକୁ ଆସି ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ସୁଦ୍ଧା ପାଖ ପାଖି ୧୮ ଲକ୍ଷ ଟଙ୍କାର ସମ୍ପତି ନିଆଁରେ ଜଳି ପାଉଁଶ ହୋଇଯାଇଥିବା ଦୋକାନ ମାଲିକ ଏତଲାରେ ଉଲ୍ଲେଖ କରିଛନ୍ତି। ଯୋଜନା ବଦ୍ଧ ଭାବେ ତାଙ୍କୁ ଓ ତାଙ୍କ ପରିବାରର ସମସ୍ତଙ୍କୁ ଜୀବନରେ ମାରି ଦେବାକୁ ଦୋକାନ ଗୃହରେ ନିଆଁ ଲଗାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି ସୀମାଞ୍ଚଳ ନାୟକ। ଏ ନେଇ ପାଡୁଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ତେବେ ସୀମା ବାବୁଙ୍କ ଅଭିଯୋଗକୁ ଭିତି କରି ପୁଲିସ୍ର ତଦନ୍ତକୁ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ।

# ଲକ୍ଷ୍ମୀପୁର ମେଡିକାଲ୍‌ରେ ଫିଜିଓଥେରାପି, ଶିଶୁ ବିଭାଗ ଖୋଲିବାକୁ ଦାବି

**ଲକ୍ଷ୍ମୀପୁର,୧୧।୬(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମେଡ଼ିକାଲ୍‌ରେ ଫିଜିଓଥେରାପୀ, ଶିଶୁ ଓ ଗାଇନିଜ୍ ବିଭାଗ ଖୋଲିବାକୁ ଦାବି ହେଉଛି। ଲକ୍ଷ୍ମୀପୁର ମେଡିକାଲରେ ଧୀରେ ଧୀରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଲକ୍ଷ୍ମୀପୁର ବଜାର ମଧ୍ୟ ଦ୍ରୁତଗତିରେ ବଢିବାରେ ଲାଗିଛି। ମେଡିକାଲକୁ ପ୍ରତିଦିନ ଫିଜିଓଥେରାପୀ, ଶିଶୁ ଓ ଗାଇନିଜ୍ ଭଳି ଚିକିତ୍ସା ପାଇଁ ରୋଗୀଙ୍କର ଭିଡ଼ ଜମୁଛି। ଉକ୍ତ ବିଭାଗରେ ଅଭିଜ୍ଞ ଡାକ୍ତର ନ ଥିବା ହେତୁ ଚିକିତ୍ସା ନ ପାଇ ରୋଗୀ ନିରାଶ ହେଉଥିବା ଅଭିଯୋଗ ହେଉଛି। କାରଣ ଯେଉଁ ବିଭାଗର ଡାକ୍ତର ସେହି ବିଭାଗ ପାଇଁ ଚିକିତ୍ସା ଠିକ୍ ରୂପେ ପ୍ରଦାନ କରିବ। ଲକ୍ଷ୍ମୀପୁର ମେଡ଼ିକାଲ୍‌ରେ ମେଡିସିନ ବିଭାଗ ବ୍ୟତିତ ଆଉ ଅନ୍ୟ ବିଭାଗର ଡାକ୍ତର ନାହାଁନ୍ତି। ଗାଇନିଜ୍ ବିଭାଗରେ ନବକିଶୋର କୁଣ୍ଡୁ ଡାକ୍ତର ଥିଲେ। ସେ ଅବସର ନେବା ପର ଠାରୁ ଆଉ କେହି ନାହାନ୍ତି। ଆଗାମୀ ଦିନରେ ଏଥିପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଧ୍ୟ ଲୋକେ କହିଛନ୍ତି। ତେଣୁ ସରକାର ଏହା ଉପରେ ଦୃଷ୍ଟି ଆକର୍ଷଣ ହୋଇ ଉପରୋକ୍ତ ବିଭାଗ ଖୋଲିବାକୁ ଅନୁମତି ପ୍ରଦାନ କଲେ ଏ ଅଞ୍ଚଳରେ ଥିବା ଶହ ଶହ ରୋଗୀ ଉପକୃତ ହେବେ ଏବଂ ଉଚ୍ଚ ପ୍ରଶଂସା ମଧ୍ୟ ଆଶା କରାଯାଇ ପାରିବ। ଏଥି ପାଇଁ ବଣିକ ସଂଘର ସଭାପତି ମନୋଜ କୁମାର ସାହୁ ଓ ଉପ ସଭାପତି ଉମାଶଙ୍କର କର୍କରା ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବାକୁ କହିଛନ୍ତି।

# ପୁକାଲିରେ ଭ୍ରାମ୍ୟମାଣ ଚକ୍ଷୁ ଶିବିର;୩୦ ଜଣଙ୍କ ଚକ୍ଷୁ ପରୀକ୍ଷା

ପଟ୍ଟାଙ୍ଗି,୧୧।୬(ସମିସ): କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଗୁରୁବାର ଏକ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ଗ୍ରାମରୁ ଆସିଥିବା ୩୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୯ ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ଦୃଷ୍ଟି ଦୋଷ ଥିବା ୪ଜଣଙ୍କର ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ୨ଜଣ ରୋଗୀଙ୍କୁ ମଧ୍ୟ ରେଫର୍ କରଯାଇଥିଲା। ଚକ୍ଷୁରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା ହୋଇଥିଲା। ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା ଶାନ୍ତନୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଓ ପୁକାଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ମାଝିଆ ଚରଣ ବାସ୍କେଙ୍କ ନେତୃତ୍ୱରେ ହୋଇଥିବା ଶିବିରରେ ମାଥାଲପୁଟ ଚକ୍ଷୁ ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବିପିଏମ ମଧୁଲିକା ପାଢ଼ୀ ଓ ପିଏଚଇଓ ଆରତୀ ଗୁଡ଼ିଆଙ୍କ ସହଯୋଗରେ ଅନୁଷ୍ଠିତ ଶିବିରରେ ଫାର୍ମାସୀ ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡା ଓ ସୁପରଭାଇଜର ଦୁର୍ଯ୍ୟୋଧନ ମହାଳି ଶିବିର ପରିଚାଳନା କରିଥିଲେ। ଆଶାକର୍ମୀ ପାର୍ବତୀ ଖରା, ଶକୁନ୍ତଳା ବୁରୁଡ଼ି, ଭାନୁମତୀ ପାଙ୍ଗି ଓ ପଦ୍ମିନୀ ଖିନବୁଡ଼ି ଶିବିର ସଫଳତା ପାଇଁ ସହଯୋଗ କରିଥିଲେ।

# ବଚସାରୁ ଛୁରାମାଡ଼, ଅଭିଯୁକ୍ତ ଗିରଫ



ମାଲକାନଗିରି/କୋରୁକୋଣ୍ଡା,୧୧।୬ (ସମିସ): ମାଲକାନଗିରି ଜିଲ୍ଲା ଓରକେଲ ପୁଲିସ ଆଜି ଛୁରାମାଡ଼ କରିବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଓରକେଲ ଥାନା ପାଚେରି ପରିସରରେ ନୂଆ ଥାନାର ଏକ କୋଠା ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ କୋଠାରେ ବିଶ୍ୱନାଥ ସର୍ଦ୍ଦାର ଏବଂ ଶ୍ୟାମ ସୁନ୍ଦର ସରକାର ଶ୍ରମିକ ଭାବେ କାମ କରୁଥିଲେ। ଦୁହିଁଙ୍କ ବାଇକ୍ ଏକପ୍ରକାର ହୋଇଥିବା ବେଳେ ଜଣଙ୍କ ବାଇକ୍‌ର କିଛି ପାର୍ଟସ ଅନ୍ୟ ଜଣେ ଚୋରି କରିଥିବା ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଶ୍ୱନାଥ ସର୍ଦ୍ଦାର, ଶ୍ୟାମ ସୁନ୍ଦରଙ୍କୁ ଛୁରାରେ ପଛପଟୁ ଆକ୍ରମଣ କରିଥିଲେ। ବିଶ୍ୱନାଥ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଶ୍ୟାମ ସୁନ୍ଦର ସଙ୍ଗେ ସଙ୍ଗେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସତଧର ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ ବିଶ୍ୱନାଥକୁ କର୍କଟପାଲି ଅଞ୍ଚଳରୁ ଗିରଫ କରିଥିଲେ। ବର୍ତ୍ତମାନ ଶ୍ୟାମ ସୁନ୍ଦର ଚିକିତ୍ସାଧିନ ଅବସ୍ଥାରେ ମାଲକାନଗିରି ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଏବଂ ଅଭିଯୁକ୍ତ ବିଶ୍ୱନାଥକ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କୋଟିଆରେ ଆନ୍ଧ୍ର ମନ୍ତ୍ରୀଙ୍କ ରାସ୍ତା ଉଦ୍‌ଘାଟନକୁ ବିରୋଧ

# ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନ ନେଲେ ଆନ୍ଦୋଳନ: ଉତ୍କଳ ସମ୍ମିଳନୀ

ଜୟପୁର,୧୧।୬ (ସମିସ):

ଓଡିଶା -ଆନ୍ଧ୍ରପ୍ରଦେଶ ସୀମାରେ ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ମନ୍ତ୍ରୀଙ୍କ ରାସ୍ତା ଉଦ୍‌ଘାଟନକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଆଜି ଜୟପୁର ଯାଦବ ଭବନ ଠାରେ ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯିବା ସହିତ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଏଥିପାଇଁ ତାଗିଦ କରାଯାଇଛି। ରାଜ୍ୟ ସରକାର ଏ ନେଇ ଦୃଢ ପଦକ୍ଷେପ ଗ୍ରହଣ ନ କଲେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ ଜିଲ୍ଲାର ଦାଣ୍ଡି ଗାଁଠାରୁ ଓଡିଶାର ନେରଡିବାଲସା ଗ୍ରାମ ପର୍ଯ୍ୟନ୍ତ ୧ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ରାସ୍ତାକୁ ଆନ୍ଧ୍ରପ୍ରଦେଶର ଶିଶୁ କଲ୍ୟାଣ ମନ୍ତ୍ରୀ ଜି. ସନ୍ଧ୍ୟାରାଣୀ ଉଦ୍‌ଘାଟନ କରିଥିଲେ। ଏହି ସାଧାରଣ ସଭାରେ କୋଟିଆ ଗ୍ରାମ ପଞ୍ଚାୟତର ଗଞ୍ଜେଇପଦର, ଫାଟୁସିନେରୀ, ଫଗୁଣସିନେରୀ ଓ ତଳଗଞ୍ଜେଇପଦର ଗ୍ରାମବାସୀ ଯୋଗ ଦେଇଥିଲେ। ମନ୍ତ୍ରୀ ଉଦ୍‌ବୋଧନ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ପ୍ରଲୋଭନମୂଳକ ପ୍ରତିଶ୍ରୁତି ଦେବା ସହ ଆନ୍ଧ୍ର ପ୍ରଦେଶର ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ଆୟୋଜିତ କାର୍ଯ୍ୟକ୍ରମରେ ପାର୍ବତୀପୁରମ୍‌ର ଏବଂ ସାଲୁର ପୋଲିସ୍, ବିଡିଓ , ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଓଡିଶାର ନେରଡିବାଲସା ଗ୍ରାମରେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲେ ସୁଦ୍ଧା ଏହି ସମ୍ପର୍କରେ ଓଡ଼ିଶା ସରକାର, ପ୍ରଶାସନ, ସ୍ଥାନୀୟ ପୁଲିସ, ତହସିଲ କିମ୍ବା ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ତେଣୁ ଏହା ଖବର ପ୍ରକାଶିତ କିମ୍ବା ସୂଚନା ପାଇବା ପରେ ରାଜ୍ୟ ସରକାରଙ୍କ ପ୍ରଶାସନ କୌଣସି ପଦକ୍ଷେପ କାହିଁକି ନିଆଗଲା ନାହିଁ ବୋଲି ସମ୍ମିଳନୀ ପକ୍ଷରୁ ପ୍ରଶ୍ନ କରାଯାଇଛି। ବର୍ତ୍ତମାନ ଓଡ଼ିଶାର ଭୋଟର ତାଲିକା ଓ ଜନଗଣନା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆନ୍ଧ୍ର ମନ୍ତ୍ରୀ କୋଟିଆ ଅଧୀନସ୍ଥ ଅଞ୍ଚଳକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍କଳ ସମ୍ମିଳନୀ, କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କ ତୁରନ୍ତ ଏହାର ପ୍ରତିକାର ସ୍ୱରୂପ କୋଟିଆକୁ ଆନ୍ଧ୍ର ପଟୁ ପ୍ରବେଶ ପଥ ଗୁଡ଼ିକୁ ସିଲ୍ କରାଯାଉ। ସେଠାରେ ଦିନରାତି ପୋଲିସ୍ ମୁତୟନ କରିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ କୋଟିଆ ଅଧିନସ୍ଥ କାଟୁଲିପଦର ଆଦି ଗ୍ରାମବାସୀଙ୍କୁ ଓଡ଼ିଶା ରାଜ୍ୟର ଭୋଟର ତାଲିକା ଓ ଜନଗଣନା ତାଲିକାରେ ଅନ୍ତର୍ଭୁକ୍ତ କରନ୍ତୁ। ଏହି ଅବସରରେ ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ଉପସଭାପତି ବିନୋଦ ମହାପାତ୍ର, ଜିଲ୍ଲା ସଭାପତି ମଦନମୋହନ ନାୟକ, ରାଜ୍ୟ ପରିଷଦ ସଦସ୍ୟ ବାଲା ରାଓ ଓ ଜିଲ୍ଲା ସାଂଗଠନିକ ସମ୍ପାଦକ ପ୍ରରମେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଭିନ୍ନକ୍ଷମ ଗୋରା ଝିଲିମିଲିଆଙ୍କୁ ମିଳିଲା ସରକାରୀ ସହାୟତା

ବୈପାରୀଗୁଡା,୧୧।୬(ସମିସ): ବୈପାରୀଗୁଡା ବ୍ଲକ ପୁଜାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଗାଦୁଆଗୁଡା ଗାଁର ଅସହାୟ ଭିନ୍ନକ୍ଷମ ଗୋରା ଝିଲିମିଲିଆଙ୍କୁ ମିଳିଲା ସରକାରୀ ସହାୟତା। ଏ ନେଇ ମେ' ୭ ତାରିଖ ଦିନ "ସକାଳ'ରେ 'ଛାତ, ଭାତ ଓ ଭତ୍ତାରୁ ବଞ୍ଚିତ ନିରୀହ ଅସହାୟ ଭିନ୍ନକ୍ଷମ ଗୋରା ଝିଲିମିଲିଆ' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପାଇବା ପରେ ତାଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ଆବାସ ଯୋଜନାରେ ସାମିଲ କରାଯାଇଛି ଏବଂ ଆସନ୍ତା ମାସରୁ ଭତ୍ତା ପ୍ରଦାନ କରାଯିବ ବୋଲି ସୂଚନା ରହିଛି। ସୂଚନା ଥାଉକି, ଗୋରା ଝିଲିମିଲିଆ ଜନ୍ମରୁ ଭିନ୍ନକ୍ଷମ। ତାଙ୍କର ବାମହାତ ସମ୍ପୂର୍ଣ୍ଣ ଅଚଳ ଥିବା ବେଳେ ସଠିକ ଚାଲିପାରନ୍ତି ନାହିଁ। ପିଲାଦିନରୁ ସେ ବାପା ମାଆ ଛେଉଣ୍ଡ। ଦୁଇ ଓଳି ପେଟପୂରା ଖାଇବାକୁ ନାହିଁ କି ରହିବାକୁ ସୁରକ୍ଷିତ ଘର ବି ଖଣ୍ଡେ ନାହିଁ। ଏଣେ ତେଣେ ବୁଲି ବୁଲି ରୁହନ୍ତି। କିଏ ଖାଇବାକୁ ଦେଲେ ଖାଇଥାନ୍ତି। ନଚେତ ଉପବାସରେ ରୁହନ୍ତି। ସରକାରୀ ସହାୟତା କହିଲେ ଭତ୍ତା ମିଳୁଥିଲା। ତାହାବି କିଛି ମାସ ହେବ କଟି ଯାଇଥିଲା। ଖବର ପ୍ରସାରଣ ପରେ ଏବେ ଅସହାୟ ଭିନ୍ନକ୍ଷମ ଗୋରା ଝିଲିମିଲିଆଙ୍କୁ ମିଳିଲା ସରକାରୀ ସହାୟତା। ଏବେ ଗୋରା ଝିଲିମିଲିଆଙ୍କୁ ମୁହଁରେ ହସ ଫୁଟିଛି। ସରକାରୀ ସହାୟତା ପାଇ ବ୍ଲକ ପ୍ରଶାସନ ଏବଂ 'ସକାଳ'କୁ ପୂର୍ବତନ ସରପଞ୍ଚ ଭାଗିରଥି ମୁର୍ଜିଆ ଏବଂ ଗଦୁଆଗୁଡା ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।



'ସକାଳ' ପ୍ରଭାବ

# ସରକାରୀ ଓକିଲ, ପୁଲିସ ଅଧିକାରୀଙ୍କୁ ଏସ୍‌ପିଙ୍କ ସମ୍ବର୍ଦ୍ଧନା

ନବରଙ୍ଗପୁର,୧୧।୬ (ସମିସ): ନବରଙ୍ଗପୁର ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ କଶ୍ୟପ ପାର୍ଥ ଜଗଦୀଶ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ନିଜ ବକ୍ତବ୍ୟରେ ପୁଲିସ ଓ ସରକାରୀ ଓକିଲଙ୍କ ମଧ୍ୟରେ କିଭଳି ଭାବରେ ସମନ୍ୱୟ ରହିବ, ନୂତନ ଆଇନରେ ଦୋଷୀକୁ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେସ୍‌ର ସମସ୍ତ ଘଟଣା ସମ୍ବନ୍ଧୀୟ କାଗଜପତ୍ରକୁ କୋର୍ଟରେ ନିର୍ଭୁଲ ଭାବରେ ଉପସ୍ଥାପିତ କରିବା ପାଇଁ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା, ସୁନନ୍ଦା ପ୍ରଧାନ, ମୃତ୍ୟୁଞ୍ଜୟ ମହାରଣା, ଅଶୋକ କୁମାର ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସୀମାଞ୍ଚଳ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ ଓ ଗୋପୀନାଥ ମଲ୍ଲିକ ପ୍ରମୁଖ ସରକାରୀ ଓକିଲଙ୍କୁ ସମ୍ମାନିତ କରିବା ସହ କେସର ତଦନ୍ତ କରିଥିବା ପୁଲିସ କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କୁ ଟୋକନ୍ ପ୍ରଦାନ, ଧାନକ୍ରୟ ନେଇ ଧାରଣା



ଜୟପୁର, ୧୧।୬, (ସମିସ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡାପଦର ଗ୍ରାମ ସ୍ଥିତ ଧାନ ମଣ୍ଡିରେ ଗତ ୨୬ ତାରିଖ ଠାରୁ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ମାତ୍ର ୧୦ ଜଣ ଚାଷୀଙ୍କ ଧାନ କ୍ରୟ ହୋଇଥିବା ବେଳେ ବଳକା ଚାଷୀଙ୍କ ଧାନ କ୍ରୟ କରାଯାଉନାହିଁ। ତେଣୁ ତୁରନ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇ ଧାନ କ୍ରୟ କରିବା ଦାବି ନେଇ ଆଜି ସଂଧ୍ୟାରେ ପୋଡାପଦର ମଣ୍ଡି ଅଞ୍ଚଳର ଚାଷୀ ମାନେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉପଜିଲ୍ଲାପାଳ ଯଦୁମଣି ନାୟକ ଧାନ କ୍ରୟ ନେଇ ଅତିଶୀଘ୍ର ପଦକ୍ଷପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହାପରେ ଚାଷୀ ମାନେ ଧାରଣାରୁ ଉଠିଥିଲେ। ସେହିପରି ପୋଡାପଦର ମଣ୍ଡିର ସମୁଦାୟ ୪୮୦ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୩୮ ହଜାର କ୍ୱିଣ୍ଟାଲ ଧାନ କ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ଡାକ୍ତରଙ୍କ ଅବହେଳା ପାଇଁ ନବଜାତ ଶିଶୁର ମୃତ୍ୟୁ ଅଭିଯୋଗ





> ରୋଗୀ ପାଖକୁ ନ ଆସି ଘରୁ ମେଡ଼ିସିନ ଲେଖିଲେ ଡାକ୍ତର
> ଚିକିତ୍ସାରେ ଅବହେଳାକୁ ସିଡିଏମ୍‌ଓଙ୍କ ଅସ୍ୱୀକାର

ରାଇଘର, ୧୧।୬(ସମିସ): ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣେ ନବଜାତ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଯୋଡ଼େଙ୍ଗା ପଞ୍ଚାୟତ ଅନ୍ତର୍ଗତ ବୋରଗାଁ ଗ୍ରାମରୁ। ଅଭିଯୋଗ ଅନୁସାରେ ବୋରଗାଁ ଗ୍ରାମର ଲଛନ ଗଣ୍ଡଙ୍କ ଝିଅ ପରମିଳା ଗତ ସାତ ବର୍ଷ ପୂର୍ବେ ଛତିଶଗଡ଼ର ବାଉଁଶକୋଟ ଥାନା ଅନ୍ତର୍ଗତ କିବିଡ଼ା ଗ୍ରାମର ସିଉ ଗଣ୍ଡଙ୍କୁ ବିବାହ କରିଥିଲେ। କିଛି ମାସ ପୂର୍ବେ ପରମିଳା ଗର୍ଭବତୀ ହୋଇ ନିଜ ବାପା ଘରେ ଆସି ରହିଥିଲେ। ଗତ ସୋମବାର ଦିନ ପ୍ରସବ ବେଦନା ହେବାରୁ ପରମିଳାଙ୍କୁ ଯୋଡ଼ିଙ୍ଗା ସ୍ୱାସ୍ଥକେନ୍ଦ୍ରକୁ ଏକ ଗାଡିରେ ପ୍ରସୂତି ନିଆଯିବା ବାଟରେ ହିଁ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତାଙ୍କୁ ଯୋଡେଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ତା ପର ଦିନ ଶିଶୁକୁ ମେଡିକାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ପରେ ଶିଶୁକୁ ଜ୍ୱର ହୋଇଥିଲା। ବୁଧବାର ଶିଶୁପୁତ୍ରକୁ ଜ୍ୱର ହୋଇଥିବା ଜାଣି ଅପରାହ୍ଣ ୨ ଟା ସମୟରେ ପୁଣିଥରେ ଯୋଡ଼ିଙ୍ଗା ମେଡିକାଲକୁ ଆଣିଥିଲେ। କିନ୍ତୁ ଦୀର୍ଘ ୨ ଘଣ୍ଟା ଧରି ଡାକ୍ତର ଉକ୍ତ ଶିଶୁକୁ ଦେଖିବାରେ ବିଳମ୍ବ କରିବା ସହିତ ନିଜ କ୍ୱାର୍ଟରରେ ରୋଗୀକୁ ନଦେଖି ଔଷଧ ଲେଖି ଦେଇଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ମେଡିକାଲରୁ ଔଷଧ ମିଳିବାରେ ବିଳମ୍ବ ହୋଇଥିଲା। ଏହି ସମୟରେ ଶିଶୁଟିର ମୃତ୍ୟୁ ଘଟିଥିଲା। ସଠିକ୍ ସମୟରେ ଚିକିତ୍ସା ନ ପାଇବାରୁ ଶିଶୁଟିର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଯୋଡେଙ୍ଗା ଚିକିତ୍ସାଧିକାରୀ କହିଛନ୍ତି ଯେ ଶିଶୁକୁ ଚିକିତ୍ସାରେ ଅବହେଳା କରାଯାଇନାହିଁ। ଅତ୍ୟଧିକ ଜ୍ୱର ଥିବାରୁ ତାକୁ ସାମାନ୍ୟ ଅବସ୍ଥାକୁ ଆଣିବାକୁ ମେଡ଼ିସିନ ଦିଆ ଯାଇଥିଲା। କିନ୍ତୁ ଶିଶୁଟିର ମୃତ୍ୟୁ ଘଟିଥିଲା। ଶିଶୁକୁ ଡେରିରେ ମେଡିକାଲ ଅଣାଯାଇଥିବା କହିଛନ୍ତି ଡାକ୍ତର। ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶିଶୁକୁ କୌଣସି ଅବହେଳା କରାଯାଇନାହିଁ। ଶିଶୁକୁ ଅନ୍ୟ କୌଣସି ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ଅବସ୍ଥାରେ ବି ସେ ନଥିଲା। ଘଟଣାର ତଦନ୍ତ କରାଯିବ ଏବଂ ଯଦି ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଜଣାପଡ଼େ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜିଲ୍ଲାରେ ୮,୫୨,୩୩୨ ମତଦାତାଙ୍କୁ ପରିଗଣନା ଫର୍ମ ବିତରଣ



ନବରଙ୍ଗପୁର,୧୧।୬(ସମିସ): ନବରଙ୍ଗପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା ୮,୫୨,୩୩୨ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବିତରଣ କରାଯାଇଛି। ବିଏଲଓ ମାନେ ଘରକୁ ଘର ଯାଇ ୯୯.୩ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ଆଜି ସୁଦ୍ଧା ଉମରକୋଟ ନିର୍ବାଚନ ମଣ୍ଡଳୀ ରେ ୯୮ ପ୍ରତିଶତ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ ଏବଂ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୯୯ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜିଲ୍ଲାରେ ଆଜି ଠାରୁ ପରିଗଣନା ଫର୍ମ ଡିଜିଟାଇଜେସନ ଆରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲ ଶେଷ ତାରିଖ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ରହିଛି। ଯେଉଁ ଭୋଟର ମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରି ନାହାନ୍ତି,ସେମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍ଥାନୀୟ ବିଏଲଓଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ଗୁରୁତର ସହ ନେବାକୁ ଭୋଟରଙ୍କୁ ପରାମର୍ଶ ଦିଆଯାଇଛି।

# ଫାଇଲେରିଆ ରୋଗ ଚିହ୍ନଟ ନେଇ ରକ୍ତ ନମୁନା ସଂଗ୍ରହ



ନନ୍ଦପୁର,୧୧।୬ (ସମିସ): ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁସାରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନନ୍ଦପୁର ସଦର ମହକୁମାରେ ଫାଇଲେରିଆ ରୋଗ ଚିହ୍ନଟ ପାଇଁ ଗୁରୁବାର ରକ୍ତ ନମୁନା ସଂଗ୍ରହ କରାଯାଇଛି । ଗୁରୁବାର ସନ୍ଧ୍ୟାରେ ପ୍ରଥମ କରି ୩୦୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଶୁକ୍ରବାର ସଂଗୃହୀତ ରକ୍ତ ନମୁନାକୁ ପରୀକ୍ଷା କରାଯିବ। ଆଗାମୀ ୧୨ ତାରିଖ ଦିନ ନନ୍ଦପୁର ବ୍ଲକର ବାଲଡ଼ା ଏବଂ ପାଡୁଆଠାରେ ୩୦୦ ଲେଖାଏଁ ରକ୍ତ ନମୁନା ସଂଗ୍ରହ କରାଯିବ। ଫାଇଲେରିଆ ରୋଗ ଜୀବାଣୁର ତୀବ୍ରତା ମାପିବା ପାଇଁ ଏହା ଏକ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ଅମିତ୍ କୁମାର ସାହୁଙ୍କ ନିର୍ଦ୍ଦେଶ ଅନୁସାରେ ମହିଳା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଲାବ ଟେକ୍ନିସିଆନ, ଆଶା ଏବଂ ଭିବିଡିଡିଏସ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

■ କାଳବୈଶାଖୀର ତାଣ୍ଡବ

# ୧୭ ଘଣ୍ଟା ପରେ ସ୍ୱାଭାବିକ ହେଲା ବିଦ୍ୟୁତ୍ ସେବା



ନନ୍ଦପୁର,୧୧।୬ (ସମିସ): ଗତ ବୁଧବାର ସନ୍ଧ୍ୟାରେ ନନ୍ଦପୁର ଅଞ୍ଚଳରେ ହୋଇଥିବା କାଳବୈଶାଖୀ ଝଡ଼ ଓ ବର୍ଷା ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଥିଲା। ପ୍ରବଳ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ ଅନେକ ରାସ୍ତା ଅବରୋଧ ହୋଇଥିଲା। ସେହିପରି ବିଦ୍ୟୁତ୍ ତାର ଛିଣ୍ଡି ଯିବା ଏବଂ ଖୁଣ୍ଟ ଉପରେ ଗଛ ଡାଳ ପଡ଼ିବା ଫଳରେ ସମଗ୍ର ନନ୍ଦପୁର ଅଞ୍ଚଳ ଦୀର୍ଘ ସମୟ ଧରି ଅନ୍ଧକାରରେ ରହିଥିଲା। ଝଡ଼ ପରେ ରାତି ସାରା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଛିଣ୍ଡି ଯାଇଥିବା ବିଦ୍ୟୁତ୍ ତାର ମରାମତି କରିବା ସହ ତାର ଉପରେ ପଡ଼ିଥିବା ଗଛ ଓ ଡାଳ ଇତ୍ୟାଦି ହଟାଇବା କାର୍ଯ୍ୟରେ ନିୟୋଜିତ ଥିଲେ। ଦୀର୍ଘ ୧୬ ରୁ ୧୭ ଘଣ୍ଟାର ନିରନ୍ତର ପ୍ରୟାସ ପରେ ଆଜି ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରାଯାଇ ପାରିଛି। ଅନ୍ୟପକ୍ଷରେ, ରାସ୍ତା ଓ ଘର ଉପରେ ପଡ଼ିଥିବା ଗଛ ଓ ଡାଳ ହଟାଇବାରେ ଅଗ୍ନିଶମ ବିଭାଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ଯନ୍ତ୍ରପାତି ସାହାଯ୍ୟରେ ଗଛ କାଟି ରାସ୍ତାକୁ ଯାତାୟାତ ଉପଯୋଗୀ କରିଥିଲେ। ଏହା ସହ ବିଦ୍ୟୁତ୍ ବିଭାଗକୁ ସହଯୋଗ କରି ବିପଦଜନକ ଅଞ୍ଚଳଗୁଡ଼ିକରେ ସୁରକ୍ଷାମୂଳକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରିଥିଲେ। ବିଦ୍ୟୁତ୍ ସେବା ପୁନରୁଦ୍ଧାର ହେବା ପରେ ନନ୍ଦପୁରବାସୀ ଆଶ୍ୱସ୍ତି ପ୍ରକାଶ କରିଥିବା ବେଳେ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗର ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ପୋଖରୀରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୧।୬(ସମିସ): ହରିଡାଖଣ୍ଡି ବଡବନ୍ଧରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ପ୍ରାୟ ୫୦ରୁ ୬୦ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଆଜି ସକାଳ ସାଢେ ୯ଟା ବେଳେ ଉକ୍ତ ପୋଖରୀରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଅଞ୍ଚଳବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀଙ୍କ ନିର୍ଦ୍ଦେଶରେ ଅଗ୍ନିକମାନେ ପୋଖରୀ ନିକଟରେ ପହଞ୍ଚି ପାଣି ଭିତରୁ ସଂପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ବଡବଜାର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୁଲିସ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖିଛି।

# କଂଗ୍ରେସ ନେତା ଚିନ୍ନାରୀ କ୍ରିଷ୍ଣାମୂର୍ତ୍ତିଙ୍କ ପରଲୋକ



ରାୟଗଡ,୧୧।୬(ସମିସ): ରାୟଗଡ଼ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଚିନ୍ନାରୀ କ୍ରିଷ୍ଣାମୂର୍ତ୍ତିଙ୍କର ୮୪ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି। ରାୟଗଡ ଜିଲ୍ଲାରେ କଂଗ୍ରେସର ସାଂଗଠନିକ ସ୍ଥିତି ମଜଭୁତ କରିବାରେ ତାଙ୍କର ଅବଦାନ ସଦା ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା। ସ୍ୱର୍ଗତ ଶ୍ରୀ କ୍ରିଷ୍ଣାମୂର୍ତ୍ତି ବର୍ତ୍ତମାନ ଜିଲ୍ଲା କଂଗ୍ରେସ କମିଟିର କୋଷାଧକ୍ଷ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ରାୟଗଡ ବିଧାୟକ ତଥା ଜିଲ୍ଲା କଂଗ୍ରେସ କମିଟି ସଭାପତି କାଡ୍ରକା ଅପଲା ସ୍ୱାମୀ, ବିଷମକଟକ ବିଧାୟକ ନୀଳ ମାଧବ ହିକକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ପିସିସି ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଅଜିତ ଦାସ, ଚନ୍ଦ୍ରମଉଳି କୁମୁନ୍ଦନ, ଜିତେଶ୍ୱର ରାଓ, ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ଚନ୍ଦ୍ର ପଣ୍ଡା, ଶଙ୍କର ରାଓ, ବାବୁ ରାଜଗୁରୁଙ୍କ ସମେତ ଅନ୍ୟମାନେ ତାଙ୍କ ଶେଷ ଦର୍ଶନ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ରାୟଗଡ ସହର ଶିରୀଗୁଡା ସ୍ଥିତ ସ୍ୱର୍ଗଦ୍ୱାର ଶ୍ମଶାନ ଠାରେ ସ୍ୱର୍ଗତଃ କ୍ରିଷ୍ଣାମୂର୍ତ୍ତିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟ ସମ୍ପନ ହୋଇଥିଲା।

● ପ୍ରେମିକାକୁ ବାଇକରୁ ଠେଲି ହତ୍ୟା ମାମଲା

# ହତ୍ୟାକାଣ୍ଡର ସିନ୍ ରିକ୍ରିଏସନ୍

ବ୍ରହ୍ମପୁର,୧୧।୬(ସମିସ): ବାଇକରୁ ପ୍ରେମିକାକୁ ଠେଲି ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ଅଭିଯୁକ୍ତ ପ୍ରେମିକ ରାକେଶ ଆଚାର୍ଯ୍ୟ(୨୩)ଙ୍କୁ ରିମାଣ୍ଡରେ ନେଇ ଘଟଣାସ୍ଥଳରେ ଅପରାଧର ଦୃଶ୍ୟାବତାରଣ କରିଛି ପୁଲିସ। ଅଭିଯୁକ୍ତ ରାକେଶ ଜାତୀୟ ରାଜପଥ-୧୬ ଉପରେ ବାଇକ ଚଳାଉଥିବା ଅବସ୍ଥାରେ କିଭଳି ରାସ୍ତାକୁ ଡେଇଁ ପଡିଲେ ଓ ନିଜ ପ୍ରେମିକା ଅମ୍ବିକା ସ୍ୱାଇଁ(୧୮)ଙ୍କୁ ବାଇକ ସହ କିଭଳି ଠେଲିଦେଇ ହତ୍ୟା କରିଥିଲେ ସେ ନେଇ ଡେମୋ ଦେଖାଇଥିଲା। ପ୍ରକାଶ ଥାଉକି, ବ୍ରହ୍ମପୁରରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଅମ୍ବିକାଙ୍କୁ ଧରି ୭ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରାକେଶ ବୁଲିବା ପାଇଁ ଗୋପାଳପୁର ଯାଇଥିଲେ। ସେଠାରେ ଉଭୟଙ୍କ ସମ୍ପର୍କକୁ ପରିବାର ଲୋକଙ୍କ ବିରୋଧ ଏବଂ ବିବାହକୁ ନେଇ ଅମ୍ବିକା ଓ ରାକେଶଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜେଶ ଉତକ୍ଷିପ୍ତ ହୋଇପଡିବା ସହ ଅମ୍ବିକାଙ୍କୁ କୌଶଳକ୍ରମେ ରାସ୍ତାରୁ ସବୁଦିନ ପାଇଁ ହଟାଇଦେବାକୁ ଯୋଜନା କରିଥିଲେ। ବାଇକରେ ଉଭୟେ ଫେରୁଥିବା ବେଳେ ଆଙ୍କୁଲି ଓଭରବ୍ରିଜ ନିକଟ ଜତୀୟ ରାଜପଥରେ ରାକେଶ ନିଜ ବାଇକରୁ ଡେଇଁପଡି ଚଳନ୍ତା ଅବସ୍ଥାରେ ନିଜ ପ୍ରେମିକା ଅମ୍ବିକାଙ୍କୁ ବିପଦଶଙ୍କୁଳ ଅବସ୍ଥାରେ ତଥା ମୃତ୍ୟୁମୁଖକୁ ଠେଲିଦେଇଥିଲେ। ଅମ୍ବିକା ବାଇକ ସହ ଆଗକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଅମ୍ବିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣାର ତଦନ୍ତ କରି ବୈଦ୍ୟନାଥପୁର ଥାନା ପୁଲିସ ଅଭିଯୁକ୍ତ ପ୍ରେମିକ ରାକେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ରାକେଶକୁ ଦିନିକିଆ ରିମାଣ୍ଡରେ ଆଣି ବୈଦ୍ୟନାଥପୁର ଥାନା ପୁଲିସ ଆଜି ରାକେଶଙ୍କୁ ଦିନତମାମ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ତାଙ୍କୁ ଦୁର୍ଘଟଣା ସ୍ଥଳକୁ ନେଇ କ୍ରାଇମ ସିନ ରିକ୍ରିଏସନ କରାଇଥିଲା। ପ୍ରକାଶଥାଉକି, ୨୦୨୩ମସିହାରେ ଅଭିଯୁକ୍ତ ରାକେଶ ଦିଗପହଣ୍ଡି - ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଅମ୍ବିକା ସ୍ୱାଇଁ ବ୍ରହ୍ମପୁରରେ ଏକ କଲେଜରେ ଯୁକ୍ତ ୨ଶ୍ରେଣୀରେ ପଢୁଥିଲେ। ସେହି ସମୟରେ ଅମ୍ବିକା ସ୍ୱାଇଁ ପ୍ରତିଦିନ ତାଙ୍କ ଗ୍ରାମ ନାରାୟଣପୁରରୁ ଉକ୍ତ ବସରେ ବ୍ରହ୍ମପୁର ଯାତାୟତ କରୁଥିଲେ। ଏହା ଭିତରେ ଉଭୟ ରାକେଶ ଓ ଅମ୍ବିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ପରିବାର ଏହି ସମ୍ପର୍କରେ ଜାଣିବା ପରେ ଭିନ୍ନ ଜାତି ହୋଇଥିବାରୁ ସମ୍ପର୍କକୁ ବିରୋଧ କରି ଆସୁଥିଲେ।

● ସଚେତନତା ସତ୍ତ୍ୱେ ବଢୁଛି ସାଇବର୍ ଠକେଇ

# ଲୋକଲଜ୍ଜା ପାଇଁ ମୁହଁ ଖୋଲି ପାରୁନାହାନ୍ତି ଲୋକେ

ନନ୍ଦପୁର, ୧୧।୬ (ସମିସ): ପୁଲିସ, ସାମାଜିକ ଅନୁଷ୍ଠାନ ପକ୍ଷରୁ ସାଇବର ଠକେଇ ଉପରେ ସଚେତନତା କରାଯାଉଥିଲେ ମଧ୍ୟ ଏହି ମାୟାଜାଲରେ ଫସି ଯାଉଛନ୍ତି ଅନେକ ଲୋକ। ନିକଟରେ ଜଣେ ବ୍ୟବସାୟୀ ବଡ଼ ଧରଣର ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ହ୍ୱାଟ୍ସ ଆପ୍‌କୁ ହ୍ୟାକ୍ କରି ସମ୍ପର୍କୀୟ ବନ୍ଧୁ ବର୍ଗଙ୍କୁ ଟାରଗେଟ୍ କରିଛନ୍ତି ସାଇବର ଠକ। ସୂଚନା ଅନୁସାରେ ବ୍ୟବସାୟୀଙ୍କ ହ୍ୱାଟ୍‌ସ୍ ଆପ୍ ହ୍ୟାକ ପରେ ତାଙ୍କ ସହ ଜଡ଼ିତ ଥିବା କିଛି ୟୁଜରଙ୍କୁ ଅଶ୍ଳୀଳ ଫଟୋ ସହ ଶିଘ୍ର ଟଙ୍କା ଦେବାକୁ ଧମକ ଆସିଛି। ଗୋଟିଏ ପଟେ ସତର୍କତା, ସଚେତନତା ଏବଂ ଅନ୍ୟ ପଟେ ସାଇବର ଅପରାଧ ବଢି ଚାଲିବା ନେଇ ଉଭୟ ଜନସାଧାରଣ ଓ ପୁଲିସ ପାଇଁ ମୁଣ୍ଡ ବ୍ୟାଥର କାରଣ ହୋଇଛି। ଅନେକ ଲୋକ ଏହି ଜାଲରେ ଛନ୍ଦି ହୋଇ ଲୋକ ଲଜ୍ୟା ନେଇ ମୁହଁ ଖୋଲି ପାରୁନଥିବା ବେଳେ ଆଉ କିଛି ଲୋକ ଉପସ୍ଥିତି ବୁଦ୍ଧି ବଳରେ ସାଇବର ଠକେଇରୁ ବର୍ତ୍ତି ପାରିଛନ୍ତି । ତେବେ ସତର୍କତା ଓ ସଚେତନତା ହିଁ ସାଇବର ଠକେଇରୁ ରକ୍ଷା କରି ପାରିବ ବୋଲି ମତ ପ୍ରକାଶ ପାଉଛି।

# ୭୦ ରବିଧାନ ମଣ୍ଡିରୁ ୪୯ରେ ଧାନ କ୍ରୟ ଆରମ୍ଭ





> କଟ୍‌ନୀଛଟ୍‌ନୀକୁ ନେଇ ଚାଷୀ ଅସନ୍ତୋଷ
> ବଲାଙ୍ଗିରର ୧୯ ମିଲର୍ସ ସହିତ କଷ୍ଟମ ମିଲିଂ ପାଇଁ ପ୍ରକ୍ରିୟା ଆରମ୍ଭ

ଜୟପୁର, ୧୧।୬ (ସମିସ): କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ରବିଧାନ ଅମଳ କରିଥିବା ଚାଷୀଙ୍କ ଧାନ ବିକ୍ରି ନିମନ୍ତେ ସମୁଦାୟ ୭୦ମଣ୍ଡି ସ୍ଥାପନ କରାଯାଇଛି। ଏଥିମଧ୍ୟରୁ ଆଜି ସୁଦ୍ଧା ୪୯ଟି ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଯାଇଛି। କିନ୍ତୁ ଚାଷୀ ମାନେ ସେମାନଙ୍କ ଅମଳ ରବିଧାନକୁ ଖରାରେ ଶୁଖାଇ ଏବଂ ସଫେଇ କରି ମଣ୍ଡିକୁ ବିକ୍ରି କରିବାକୁ ଆଣୁଥିଲେ ସୁଦ୍ଧା ଏଫଏକ୍ୟୁ ମାନର ଧାନ ବାହାନା ଦେଖାଇ କଷ୍ଟମ ମିଲର୍ସଙ୍କ ସପକ୍ଷରେ କ୍ରୟକାରୀ ସଂସ୍ଥାଙ୍କ ଜାଣତରେ କଟ୍‌ନୀଛଟ୍‌ନୀ କରାଯାଇ ଚାଷୀଙ୍କ ଧାନ କ୍ରୟ କରାଯାଉଛି। ଅବ୍ୟବସ୍ଥାର ସୁଧାର ନେଇ ପ୍ରଶାସନ କୌଣସି ପଦକ୍ଷପ ଗ୍ରହଣ କରୁନଥିବା ଯୋଗୁଁ ଚାଷୀ ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ କ୍ୱିଣ୍ଟାଲ ପିଛା ୩ରୁ ୫ କିଲୋ ପର୍ଯ୍ୟନ୍ତ ଅଧିକ ଧାନ ଦେବାକୁ ଦାବି କରୁଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି। ସେହିପରି କୋରାପୁଟ ଜିଲ୍ଲାର ମିଲର୍ସ ମାନଙ୍କ ମାସ ଅନୁଯାୟୀ କଷ୍ଟମ ମିଲିଂ ପାଇଁ ରବିଧାନ ପ୍ରଦାନ ଆରମ୍ଭ ହୋଇଯାଇଛି। ଅନ୍ୟ ପକ୍ଷରେ ବଲାଙ୍ଗିର ଜିଲ୍ଲାର ସମୁଦାୟ ୨୧ ଜଣ ମିଲର୍ସଙ୍କ ମଧ୍ୟରୁ ୧୯ ଜଣ ମିଲର୍ସ ନିଗମ ସହିତ ଚୁକ୍ତିନାମା କରିଥିବା ବେଳେ ଆଜି ଠାରୁ କଷ୍ଟମ ମିଲିଂ ପାଇଁ ଧାନ ଗ୍ରହଣ ନେଇ ବିଭିନ୍ନ ମଣ୍ଡି ପରିଭ୍ରମଣ କରିଛନ୍ତି। ଆଜି ବଲାଙ୍ଗିର ମିଲର୍ସ ମଧ୍ୟ ଧାନ କଷ୍ଟମ ମିଲିଂ ପାଇଁ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଗଞ୍ଜାମ ଜିଲ୍ଲାର ସମୁଦାୟ ୩୫ଟି ମିଲର୍ସଙ୍କୁ କୋରାପୁଟ ଜିଲ୍ଲାର ଧାନ କଷ୍ଟମ ମିଲିଂ ପାଇଁ ନିର୍ଦ୍ଦେଶ ଅନୁଯାୟୀ ଆଜି ୩ଟି ମିଲର୍ସ ଜୟପୁର ସ୍ଥିତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କାର୍ଯ୍ୟାଳୟ ଠାରେ ପହଞ୍ଚିଥିବା ବେଳେ ଶୁକ୍ରବାର ପ୍ରାୟ ୩୦ଟି ମିଲର୍ସ ପହଞ୍ଚି ଆଲୋଚନା ସହିତ କଷ୍ଟମ ଧାନ ଗ୍ରହଣ ନେଇ ସେମାନଙ୍କ ଆବଶ୍ୟକ କାଗଜପତ୍ର ଏବଂ ଚୁକ୍ତିନାମା କରିବାର ସମ୍ଭାବନା ରହିଥିବା ନେଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ଚଳିତ ରବିଧାନ କ୍ରୟ ନେଇ ଜିଲ୍ଲାରେ ସମୁଦାୟ ୧୯୨୯୮ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ନେଇ ପଞ୍ଜିକରଣ କରିଛନ୍ତି। ଏହିପରି ଜିଲ୍ଲାର ୭୦ଟି ମଣ୍ଡି ସ୍ଥାପନ କରାଯାଇଥିବା ବେଳେ ଆଜି ସଂଧ୍ୟା ୭ଟା ସୁଦ୍ଧା ପ୍ରାପ୍ତ ସୂଚନା ଅନୁଯାୟୀ ୧୮୬୬ଟି ଜଣ ଚାଷୀଙ୍କ ଠାରୁ ୧ ଲକ୍ଷ ୩୫ ହଜାର ୭୦୯ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୮ ଲକ୍ଷ ୬୦ ହଜାର ରବିଧାନ କ୍ରୟ ନେଇ ଲକ୍ଷ୍ୟାଧାର୍ଯ୍ୟ ସହିତ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଣ ନିଗମ ପକ୍ଷରୁ ନିର୍ଦ୍ଦେଶନାମା ଦିଆଯାଇଛି।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ବିଧାୟକ ଓ କୁଳପତିଙ୍କ ଆଲୋଚନା

ଜୟପୁର, ୧୧।୬ (ସମିସ): ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଏବଂ ଉତ୍ତମ ପାଠ୍ୟକ୍ରମ ବ୍ୟବସ୍ଥା ନେଇ କୁଳପତି ପ୍ରଫେସର ହୃଷିକେଶ ସେନାପତିଙ୍କ ସହିତ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଆଜି ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସ୍ଥିତ କୁଳପତିଙ୍କ କକ୍ଷ ଠାରେ ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା, ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ଗବେଷଣା କାର୍ଯ୍ୟକଳାପର ସମ୍ପ୍ରସାରଣ ଏବଂ ବିଶ୍ୱବିଦ୍ୟାଳୟର ସାମଗ୍ରିକ ଅଗ୍ରଗତି ସମ୍ବନ୍ଧରେ ଆଲୋଚନା



ହୋଇଥିଲା। ସେହିପରି ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂତନ ଭବନ ନିର୍ମାଣ ଏବଂ ବିଶ୍ୱବିଦ୍ୟାଳୟ ଜ୍ଞାନ, ଗବେଷଣା ଓ ନବସୃଜନର ଏକ ଅଗ୍ରଣୀ କେନ୍ଦ୍ର ଭାବେ ଆହୁରି ସମୃଦ୍ଧ ହେବା ସହିତ ଦକ୍ଷିଣ ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରକୁ ଆଗକୁ ବଢାଇବା ଏବଂ ଦେଶର ଏକ ଅଗ୍ରମୀ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ କରିବା ନେଇ ପ୍ରୟାସ କରିବା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତି ରହି ବିଧାୟକଙ୍କ ସମସ୍ତ ବିଷୟକରେ ଉନ୍ନତୀମୂଳକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ବିଷୟରେ ଅବଗତ କରିଥିଲେ।




ସକାଳ
THE SAKALA
www.sakalaepaper.com

# ଫିଫା ବିଶ୍ୱକପ୍ ଉଦ୍‌ଘାଟିତ

ମେକ୍ସିକୋ ସିଟି,୧୧।୬(ଏଜେନ୍ସି): ବର୍ଷ ବର୍ଷ ଧରି ପ୍ରତୀକ୍ଷାର ଅନ୍ତଃ ଶେଷ ହୋଇଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଫିଫା ବିଶ୍ୱକପ୍‌ର ଆଉ ଏକ ବା ୨୩ତମ ସଂସ୍କରଣ ଏହାର ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନ୍‌ବାମଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ମେକ୍ସିକୋ ଓ ବିଶ୍ୱର ନେତୃବୃନ୍ଦ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଖେଳାଳି ଓ ଦର୍ଶକଙ୍କ ଉପସ୍ଥିତିରେ ସର୍ବବୃହତ୍ ବିଶ୍ୱକପ୍‌ର ଶୁଭ ଉଦ୍‌ଘାଟନ ହୋଇଛି। କିଂବଦନ୍ତୀ ଫୁଟବଲ ତାରକା, ପ୍ରଶାସକ, ସମର୍ଥକଙ୍କ ଉପସ୍ଥିତିରେ ଫୁଟବଲ ଖେଳର ମହାକୁମ୍ଭ ଆରମ୍ଭ ହୋଇଛି। ଏଥର ବିଶ୍ୱକପ୍‌ରେ ସର୍ବାଧିକ ୪୮ ଟି ଟିମ୍ ଭାଗନେଇଥିଲ ବେଳେ ୩୯ ଦିନରେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମଥର ଲାଗି ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଭଳି ସ୍ଥିତିରେ ଚଳିତ ବିଶ୍ୱକପ୍ ସମସ୍ତ ରେକର୍ଡକୁ ଅତିକ୍ରମ କରିବ ବୋଲି କୁହାଯାଉଛି। ଆର୍ଜେଣ୍ଟିନା ଏଠାରେ ଟାଇଟଲ ରକ୍ଷା କରିବାକୁ ଯୋଜନା କରୁଥିଲାବେଳେ ଏହାର ତାରକା ଖେଳାଳି ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୬ଷ୍ଠ ଥର ଲାଗି ବିଶ୍ୱକପ୍‌ରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି। ଏଥର ଅଧିକ ମ୍ୟାଚ୍ ଖେଳାଯାଉଥିବାରୁ ବିଶ୍ୱକପ୍‌ର ଏକାଧିକ ରେକର୍ଡ ଭାଙ୍ଗିଯିବ ବୋଲି ଅନୁମାନ କରାଯାଇଛି।

### ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବ

ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ମେକ୍ସିକୋର କଳା, ସଂସ୍କୃତି, ଆଧୁନିକ ବିଜ୍ଞାନର ଉନ୍ନତି ଉପରେ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ବିଶ୍ୱର ପ୍ରସିଦ୍ଧ ପପ୍ ଗାୟିକା ସାକିରା ଓ ଆଲଜେରିଆର ଖ୍ୟାତନାମା ଗାୟକ ବୁର୍ଣ୍ଣା ବୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କୁ ଉଲ୍ଲସିତ କରିବାରେ ସମର୍ଥ ହୋଇଥିଲେ। ବିଶ୍ୱକପ୍ ସଙ୍ଗୀତ ଦାଏ ଦାଏ ପରିବେଷଣ କରିବା ସହ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଇଟାଲୀର ମାର୍କୋ ବାଲିଚ୍ ଏହି ଉତ୍ସବର କ୍ରିଏଟିଭ୍ ମୁଖ୍ୟ ରହିଥିଲେ। ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରି ମାର୍କୋ ବାଲିଚ୍ ଖ୍ୟାତି ଲାଭ କରିଥିଲେ। ମେକ୍ସିକୋରେ କଲିମ୍ବିଆ ଷ୍ଟାର ଜେ ବାଲଭିନ୍ ଓ ଦକ୍ଷିଣ ଆଫ୍ରିକା ଗାୟିକା ତାଇଲା ଦର୍ଶକଙ୍କୁ ଉତ୍ତେଜନାରେ ଭରିଦେଇଥିଲେ। ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଳା ଡାଉନ୍ସ, ଲସ୍‌ଏଞ୍ଜେଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିଥିଲେ।









### ଫିଫା ବିଶ୍ୱକପ୍ ମୁକବିଲା

ଜୁନ୍-୧୨, ଶୁକ୍ରବାର ରାତି
କାନାଡା - ବୋସ୍‌ନିଆ
ଟରଣ୍ଟୋ-ରାତି ୧୨ଟା୩୦

ଜୁନ୍-୧୩ ସକାଳ
ପାରାଗୁଏ-ଆମେରିକା
ଲସ୍‌ଏଞ୍ଜେଲସ-ସକାଳ ୬ଟା୩୦





## ଭାରତୀୟ ଜୁନିଅର ଦଳରେ ଦ୍ରାବିଡ୍‌ଙ୍କ ପୁଅ ଅନ୍ୱୟ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ରାହୁଲ ଦ୍ରାବିଡ୍‌ଙ୍କ ସାନ ପୁଅ ଅନ୍ୱୟ ଦ୍ରାବିଡ୍ ଭାରତୀୟ ଜୁନିଅର ଦଳରେ ସ୍ଥାନ ପାଇଛନ୍ତି। ଆଗାମୀ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ ଲାଗି ଗୁରୁବାର ବିସିସିଆଇ ପକ୍ଷରୁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଘୋଷିତ ୧୫ ଜଣିଆ ଦଳରେ ୱିକେଟ୍‌କିପର ବ୍ୟାଟର୍ ଅନ୍ୱୟଙ୍କୁ ସୁଯୋଗ ମିଳିଛି। ଯଶବର୍ଦ୍ଧନ ସିଂହ ଚୌହାନଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ୧୭ ବର୍ଷୀୟ ଅନ୍ୱୟ ଗତବର୍ଷ ବିସିସିଆଇର ବିନୁ ମଙ୍କଡ଼ ଟ୍ରଫିରେ କର୍ଣ୍ଣାଟକ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ କର୍ଣ୍ଣାଟକ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପ୍ରବେଶ କରିପାରିଥିଲା। ଅନ୍ୱୟ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ମ୍ୟାଚ ଖେଳି ୨୨୦ ରନ ସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଏଥିପୂର୍ବରୁ ଦ୍ରାବିଡଙ୍କ ବଡ଼ ପୁଅ ସମିତ ୨୦୨୪ରେ ଭାରତୀୟ ୧୯ ବର୍ଷରୁ କମ୍ ଦଳରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ସେହିଭଳି ରାହୁଲ ଦ୍ରାବିଡ ୯୦ ଦଶକର ପ୍ରାରମ୍ଭରେ ଭାରତୀୟ ଜୁନିଅର ଦଳରୁ ଖେଳି ଜାତୀୟ ଦଳରେ ସୁଯୋଗ ପାଇଥିଲେ।

## ୱିମ୍ବଲଡନ୍ ବିଜେତା ପାଇବେ ୪୬ କୋଟି

ଲଣ୍ଡନ, ୧୧।୬ (ଏଜେନ୍ସି): ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ଜୁନ ୨୯ରୁ ଲଣ୍ଡନରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ୱିମ୍ବଲଡନ ଆୟୋଜକ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବ (ଏଇଏଲ୍‌ଟିସି) ପକ୍ଷରୁ ଆଗାମୀ ସଂସ୍କରଣ ଲାଗି ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ଗତ ସଂସ୍କରଣ ଅପେକ୍ଷା ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ଏଥର ପୁରସ୍କାର ବାବଦକୁ ମୋଟ୍ ୬୨.୨ ପାଉଣ୍ଡ (ଭାରତୀୟ ମୁଦ୍ରାରେ ପ୍ରାୟ ୮୨୧ କୋଟି) ପ୍ରଦାନ କରାଯିବ। ଅର୍ଥାତ୍ ଗତ ସଂସ୍କରଣଠାରୁ ଏଥର ୧୩୭ କୋଟି ଟଙ୍କା ଅଧିକ ପୁରସ୍କାର ରାଶି ରହିଛି। ଏଥର ୱିମ୍ବଲଡନରେ ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୩.୬ ମିଲିୟନ ପାଉଣ୍ଡ (୪୫ କୋଟି ୯୮ ଲକ୍ଷ ଟଙ୍କା) ଅର୍ଥରାଶି ଦିଆଯିବ। ସେହିଭଳି ଯେଉଁ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହେବେ ତାଙ୍କୁ ପାଖାପାଖି ୨୩ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସିଙ୍ଗଲ୍ସ ବିଭାଗର ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିବା ଖେଳାଳି ଏକ କୋଟି ୨ ଲକ୍ଷ ଟଙ୍କା ସାଥୀରେ ଘରକୁ ନେଇ ଆସିବ।

■ ଅଷ୍ଟ୍ରେଲିଆର ଭୟଙ୍କର ବିପର୍ଯ୍ୟୟ

## ବାଂଲାଦେଶର ଐତିହାସିକ ସିରିଜ ବିଜୟ

ମିରପୁର, ୧୧।୬ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳ ଏହାର ଦିନିକିଆ ଇତିହାସରେ ସବୁଠାରୁ ସ୍ମରଣୀୟ ସିରିଜ ବିଜୟ ସ୍ୱାଦ ଚାଖିଛି। ଗୁରୁବାର ଏଠାରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ବାଂଲାଦେଶ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚରେ ମଧ୍ୟ ଅଷ୍ଟ୍ରେଲିଆ ଡିଏଲ୍ ପଦ୍ଧତିରେ ୮୬ ରନରେ ହାରିଥିଲା। ଫଳରେ ଗୋଟିଏ ମ୍ୟାଚ ବାକିଥାଇ ଘରୋଇ ବାଂଲାଦେଶ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଫଳରେ ବାଂଲାଦେଶ ଦିନିକିଆ ଇତିହାସରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ ବିଜୟୀ ହୋଇଛି। ଏଥିପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୪ଥର ଦିନିକିଆ ସିରିଜ ଖେଳି ବାଂଲାଦେଶ ସବୁଯାକ ପରାସ୍ତ ହୋଇଥିଲା।

ଗୁରୁବାର ବର୍ଷା ବାଧାପ୍ରାପ୍ତ ୪୨ ଓଭରବିଶିଷ୍ଟ ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୧୮୭ ରନ କରିଥିଲା। ମାର୍ନସ ଲାବୁଶେନ ୫୫୩ ଓ ଜାଭିଅର ବାର୍ଟଲେଟ ୫୨ ରନ କରିଥିଲେ। ଅଧିନାୟକ ଜୋଶ୍ ଇଂଲିଶ ୩୪ ଓ କାମେରନ ଗ୍ରୀନ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ବାଂଲାଦେଶର ତାସକିନ ଅହମ୍ମଦ ଓ ମୁସ୍ତାଫିଜୁର ରହମାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ଇନିଂସରେ ପୁନର୍ବାର ବର୍ଷା ହେବାରୁ ଦଳ ସମ୍ମୁଖରେ ୪୧ ଓଭରରେ ୧୯୨ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ଏହାକୁ ବାଂଲାଦେଶ ୩୫ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ତୋହିଦ ହ୍ରିଦୟ ୪୦, ନାଜମୋଲ ହୋସେନ ସାଣ୍ଟୋ ୪୧ ଓ ସୌମ୍ୟ ସର୍କାର ୪୨ ରନ କରିଥିଲେ।

## ଟି-୨୦ ଓ ଦିନିକିଆରେ ଭାରତ ନମ୍ବର ୧

ଦୁବାଇ,୧୧।୬(ଏଜେନ୍ସି)

ଆଇସିସି ପକ୍ଷରୁ ନିକଟରେ ପ୍ରକାଶିତ ଦିନିକିଆ ଟିମ୍ ର୍‌ୟାଙ୍କିଙ୍ଗ୍‌ରେ ଭାରତ ନମ୍ବର-୧ ସ୍ଥାନ ବଜାୟ ରଖିଛି। କିନ୍ତୁ ଦଳ ଗୋଟିଏ ପଏଣ୍ଟ ହରାଇଥିଲାବେଳେ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ତଫାତ୍ ୫ ପଏଣ୍ଟକୁ କମିଆସିଛି। ଅଷ୍ଟ୍ରେଲିଆ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ଭାରତ ମଧ ଟି-୨୦ରେ ନମ୍ବର-୧ ରହିଛି। ଅଷ୍ଟ୍ରେଲିଆ ଟେଷ୍ଟରେ ନମ୍ବର-୧ ଥିଲାବେଳେ ମହିଳା ଟି-୨୦ ଓ ଦିନିକିଆରେ ଅଷ୍ଟ୍ରେଲିଆ ନମ୍ବର-୧ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛି।

## ଭାରତ-ଏ'କୁ ହରାଇଲା ଆଫଗାନିସ୍ତାନ-ଏ

ଡାମ୍ବୁଲା, ୧୧।୬ (ଏଜେନ୍ସି)



ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତ-ଏ ଗୁରୁବାର ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏଠାରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ

**ତ୍ରି-ରାଷ୍ଟ୍ରୀୟ ସିରିଜ**

ମ୍ୟାଚରେ ଆଫଗାନିସ୍ତାନ-ଏ ଡିଏଲ୍ ପଦ୍ଧତିରେ ୪ ରନରେ ତିଲକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ-ଏ'କୁ ପରାସ୍ତ କରିଛି। ପୂର୍ବରୁ ଭାରତ-ଏ ଉଦ୍‌ଘାଟନୀ ମ୍ୟାଚରେ ୮ ରନରେ ଶ୍ରୀଲଙ୍କା-ଏ'କୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଭାରତ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତିଲକ ବର୍ମାଙ୍କ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଜୁନ ୧୫ରେ ଶ୍ରୀଲଙ୍କା-ଏ'କୁ ଭେଟିବ।

ଗୁରୁବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ମ୍ୟାଚରେ ଭାରତ-ଏ ୯ ୱିକେଟରେ ୩୪୯ ରନ କରିଥିଲା। ପ୍ରଭସିମରନ ସିଂହ ୮୪, ଋତୁରାଜ ଗାଏକୱାଡ ଓ ତିଲକ ୬୬ ରନ ଲେଖାଏ, ବୈଭବ ସୂର୍ଯ୍ୟବଂଶୀ ୨୨ ବଲରେ ୪୪ ଓ ସୂୟାଶ ହେଡଗେ ୪୦ ରନ କରିଥିଲେ। ପ୍ରତିପକ୍ଷ ବୋଲର ଅବଦୁଲ୍ଲା ଅହମଦାଜାଇ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଆଫଗାନିସ୍ତାନ-ଏ ୨୫.୫ ଓଭରରେ ୨ ୱିକେଟ୍ ହରାଇ ୧୭୭ ରନ କରିଥିବାବେଳେ ବର୍ଷା ହୋଇଥିଲା। ଫଳରେ ଡିଏଲ୍ ପଦ୍ଧତିରେ ଆଫଗାନିସ୍ତାନକୁ ୪ ରନରେ ବିଜୟୀ ଘୋଷିତ କରାଯାଇଥିଲା।

## ଅଷ୍ଟ୍ରେଲିଆ ଟି-୨୦ ଦଳରେ ଭାରତ ଜନ୍ମିତ ନିଖିଳ ଚୌଧୁରୀ



ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଭାରତ ବା ନୂଆଦିଲ୍ଲୀରେ ଜନ୍ମିତ ଏବଂ ପଞ୍ଜାବ ପାଇଁ ୧୪ଟି ଲିଷ୍ଟ୍‌ଯ-ଏ' ମ୍ୟାଚ୍ ଖେଳିଥିବା ଅଲରାଉଣ୍ଡର ନିଖିଳ ଚୌଧୁରୀଙ୍କୁ ଅଷ୍ଟ୍ରେଲିଆ ଟି-୨୦ ଦଳରେ ସାମିଲ କରାଯାଇଛି। ସେ ଯଦି ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଡେବ୍ୟୁ କରନ୍ତି, ତାହା ହେଲେ ଦୀର୍ଘ ୬୦ ବର୍ଷ ପରେ କୌଣସି ଭାରତୀୟ ଜନ୍ମିତ ପୁରୁଷ କ୍ରିକେଟର ଅଷ୍ଟ୍ରେଲିଆ ପକ୍ଷରୁ ଖେଳିବେ। ଅଷ୍ଟ୍ରେଲିଆ-ବାଂଲା ଟି-୨୦ ସିରିଜ୍ ଜୁନ୍ ୧୭ରୁ ୨୧ ମଧ୍ୟରେ ଖେଳାଯିବ। ନିଖିଳଙ୍କ ପୂର୍ବରୁ ଦୁଇଜଣ ଭାରତୀୟ ଜନ୍ମିତ ଖେଳାଳି ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଛନ୍ତି। ସେମାନେ ହେଲେ ପୁରୁଷ ବିଭାଗରେ ଗୁଜରାଟ ଜନ୍ମିତ ଲେଗ୍ ସ୍ପିନର ରେକ୍ସ ସେଲାର ୧୯୬୪ କୋଲକାତା ଟେଷ୍ଟରେ ଅଷ୍ଟ୍ରେଲିଆ ପକ୍ଷରୁ ଖେଳିଥିଲେ। ଏହା ପରେ ମହିଳା ବିଭାଗରେ ପୁଣେ ଜନ୍ମିତ ଲିସା ଷ୍ଟାଲକାର ୨୦୦୩ରୁ ୨୦୧୩ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଦଳର ପ୍ରଭାବୀ ସଦସ୍ୟ ରହିଥିଲେ। ଏବେ ଗୁରିନ୍ଦର ସାନ୍ଧୁ ଓ ତନ୍‌ବୀର ସାଙ୍ଗା ଅଷ୍ଟ୍ରେଲିଆରେ ଜନ୍ମିତ ଖେଳାଳିଭାବେ ଦଳରେ ସ୍ଥାନ ପାଇଛନ୍ତି। ୨୦୧୯ରେ ନିଜ ମାମୁଁଙ୍କ ପାଖକୁ କ୍ୱିନ୍ସଲାଣ୍ଡ ଯାଇଥିଲାବେଳେ କୋଭିଡ୍ ସ୍ଥିତି ଯୋଗୁ ସ୍ୱଦେଶ ଫେରି ପାରି ନ ଥିଲେ। ଏହା ପରେ ଜେମ୍ସ ହୋପ୍ସ ତାଙ୍କ ପ୍ରତିଭା ଦେଖିବା ପରେ ଅଷ୍ଟ୍ରେଲିଆ ବିଗ୍‌ବାଶ ଲିଗ୍‌ରେ ଜଣେ ପ୍ରଭାବଶାଳୀ ଖେଳାଳି ହୋଇପାରିଛନ୍ତି।

# ଆଜିଠୁ ମହିଳା ଟି-୨୦ ବିଶ୍ୱକପ୍

### ଇଂଲଣ୍ଡ-ଶ୍ରୀଲଙ୍କା ଉଦ୍‌ଘାଟନୀ ଲଢ଼େଇ

ଏଜବାଷ୍ଟନ, ୧୧।୬ (ଏଜେନ୍ସି)




ଫୁଟ୍‌ବଲର ମହାକୁମ୍ଭ ଫିଫା ବିଶ୍ୱକପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହାର ଠିକ୍ ଦିନକ ପରେ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଇଂଲଣ୍ଡରେ ଆରମ୍ଭ ହେବାକୁଯାଉଛି। ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶୁକ୍ରବାରଠାରୁ ଖେଳାଯିବ। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଏଜବାଷ୍ଟନରେ ରାତି ୧୧ଟାରେ ଅନୁଷ୍ଠିତ ହେବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣରେ ମୋଟ୍ ୧୨ଟି ଦଳ ଭାଗନେଉଛନ୍ତି। ଇଂଲଣ୍ଡର ୭ଟି ଭେନ୍ୟୁରେ ବିଶ୍ୱକପ୍‌ର ମ୍ୟାଚଗୁଡ଼ିକ ଖେଳାଯିବ। ଜୁଲାଇ ୫ରେ ଫାଇନାଲ ସହ ଏଥର ବିଶ୍ୱକପ୍‌ରେ ମୋଟ୍ ୩୩ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯାଇଛି। ରେକର୍ଡ ୬ଥରର ବିଜେତା ଅଷ୍ଟ୍ରେଲିଆ ସହ ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ନେଦରଲାଣ୍ଡସ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ସହ ଆୟୋଜକ ଇଂଲଣ୍ଡ, ଆୟର୍ଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ରହିଛି। ଗ୍ରୁପ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରୀର୍ଷ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ଜୁନ ୩୦ରେ ପ୍ରଥମ ଓ ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାପରେ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଜୁଲାଇ ୫ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

**● ଚାମ୍ପିଅନ ଦଳକୁ ମିଳିବ ୨୨.୪୧ କୋଟି**

ଏଥର ମହିଳା ଟି-୨୦ ବିଶ୍ୱକପ୍ ଲାଗି ଆଇସିସି ମୋଟ୍ ୮.୭୬ ମିଲିୟନ ଡଲାର ପୁରସ୍କାର ରଖିଛି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୮୩ କୋଟି ୯୧ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳ ଏଥର ୨୨.୪୧ କୋଟି ଟଙ୍କା ସାଙ୍ଗରେ ନେଇ ଘରକୁ ଯିବ। ରନର୍ସଅପ୍ ହୋଇଥିବା ଦଳକୁ ୧୧.୨୦ କୋଟି ଟଙ୍କା ମିଳିବ। ଅପରପକ୍ଷରେ ସେମିଫାଇନାଲରେ ହାରି ବିଦାୟନେଇଥିବା ଦୁଇଟି ଦଳ ୬.୪୬ କୋଟି ଲେଖାଏ ପାଇବେ। ସେହିଭଳି ପ୍ରତି ମ୍ୟାଚରେ ବିଜୟୀ ହୋଇଥିବା ଦଳକୁ ୨୯ ଲକ୍ଷ ୮୩ ହଜାର ଟଙ୍କା ଆଇସିସି ପକ୍ଷରୁ ପ୍ରଦାନ କରାଯିବ।

### ଭାରତର କାର୍ଯ୍ୟସୂଚୀ

| ତାରିଖ | ପ୍ରତିପକ୍ଷ | ଭେନ୍ୟୁ |
|---|---|---|
| ଜୁନ ୧୪ | ପାକିସ୍ତାନ | ବର୍ମିଂହାମ |
| ଜୁନ ୧୭ | ନେଦରଲାଣ୍ଡସ | ଲିଡ୍ସ |
| ଜୁନ ୨୧ | ଦ.ଆଫ୍ରିକା | ମାଞ୍ଚେଷ୍ଟର |
| ଜୁନ ୨୫ | ବାଂଲାଦେଶ | ମାଞ୍ଚେଷ୍ଟର |
| ଜୁନ ୩୦ | ଅଷ୍ଟ୍ରେଲିଆ | ଲଣ୍ଡନ |

**● ଭାରତୀୟ ଦଳ:**

ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଭାରତୀ ଫୁଲମଣି, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରିଚା ଘୋଷ, ଯଷ୍ଟିକା ଭାଟିଆ (ଉଭୟ ୱିକେଟ୍‌କିପର), ରେଣୁକା ସିଂ ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼, ଶ୍ରେୟଙ୍କା ପାଟିଲ, ରାଧା ଯାଦବ ଓ ଶ୍ରୀଚରଣୀ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

ସକାଳ THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



ଶୁକ୍ରବାର, ୧୨ ଜୁନ, ୨୦୨୬

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିପାରେ । ନକାରାତ୍ମକ ଚିନ୍ତା ଦୂର ହେବ । ରାଜନୀତିରେ ସକ୍ରିୟ ରହିପାରନ୍ତି । ଦାନ ଧର୍ମ କରିବେ ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବେ । ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଯାନବାହନ କିଣିପାରନ୍ତି । ନିବେଶରୁ ଦୂରେଇ ରୁହନ୍ତୁ । ଥକ୍କା ଅନୁଭବ କରିପାରନ୍ତି ।

**ମିଥୁନ:** ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେଇପାରେ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିପାରେ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ଧୈର୍ଯ୍ୟ ରଖି କାମ କରନ୍ତୁ ।

**କନ୍ୟା:** ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

**ତୁଳା:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**ଧନୁ:** ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟାର ସମାଧାନ ହେବ । ଦୀର୍ଘ ଦିନର ଆଶା ପୂରଣ ହେବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ପୁରୁଣା ନିବେଶରୁ ଲାଭ ମିଳିପାରେ । ଦୀର୍ଘ ଦିନର ଆଶା ପୂରଣ ହେବ ।

## ଆଜିର ଇତିହାସ

- ୧୯୨୬- ବ୍ରାଜିଲ ଲିଗ୍ ଅଫ୍ ନେସନ୍‌ରୁ ଓହରିବା ପାଇଁ ନିଷ୍ପତ୍ତି ନେଲା ।
- ୧୯୬୪- ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ ।

## ଅଗଷ୍ଟ ୧୪ରେ 'ବଟୱାରା ୧୯୪୭'




ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓଲ ଏବଂ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ଯୋଡ଼ି 'ବଟୱାରା ୧୯୪୭' ଫିଲ୍ମ ମାଧ୍ୟମରେ ଦୀର୍ଘ ବର୍ଷ ପରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି । ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି, କାରଣ ଏଥିରେ ବଲିଉଡ୍‌ର ଅନେକ ପ୍ରତିଭାବାନ୍ କଳାକାର ଏକାଠି ନଜର ଆସିବେ । ଏଥିରେ ସନ୍ନି ଦେଓ୍ୱଲ, ପ୍ରୀତି ଜିଣ୍ଟା, ଅଲି ଫଜଲ, କରଣ ଦେଓ୍ୱଲ, ଶବାନା ଆଜମୀ ଆଦି ଦେଖାଯିବେ । ଏହାସହ ଅମିର୍ ଖାନ୍ ଏହାର ପ୍ରଯୋଜନା ଭାର ସମ୍ଭାଳିବା ସହ ଅତିଥି କଳାକାର ଭାବେ ଦେଖାଯିବେ । ଏହା ଭାରତ-ପାକିସ୍ତାନ ବିଭାଜନ ସମୟର ଏକ ସମ୍ବେଦନଶୀଳ କାହାଣୀ ଉପରେ ଆଧାରିତ । ଅନେକ ଦିନରୁ ଦର୍ଶକେ ଏହାର ଝଲକ ପାଇବାକୁ ଚାହିଁ ବସିଥିବାବେଳେ ଶେଷରେ ସନ୍ନି ନିଜ ଇନ୍‌ଷ୍ଟାଗ୍ରାମରେ ଏହି ଚଳଚ୍ଚିତ୍ରର ଫାଷ୍ଟଲୁକ୍ ସେୟାର୍ କରିଛନ୍ତି । ବଡ଼ କଥା ହେଉଛି, ଫିଲ୍ମର ଟାଇଟଲ୍ ମଧ୍ୟ ବଦଳାଇ ଦିଆଯାଇଛି ଏବଂ ଏବେ ଏହା 'ବଟୱାରା ୧୯୪୭'ନାମରେ ପ୍ରେକ୍ଷାଳୟକୁ ଆସିବ ବୋଲି ସ୍ପଷ୍ଟ ହୋଇଛି । ଫିଲ୍ମର ଫାଷ୍ଟ ଲୁକ୍ ସହିତ ନିର୍ମାତା ଏହାର ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରିଛନ୍ତି । ୧୪ ଅଗଷ୍ଟ, ୨୦୨୬ ରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । 'ବଟୱାରା ୧୯୪୭'ର ପ୍ରୋମୋରେ ସନ୍ନି ଦେଓ୍ୱଲ୍ ଏକ ଦମଦାର୍ ଅନ୍ଦାଜରେ ଜଳୁଥିବା ମଶାଲ ଧରିଥିବାର ଦେଖାଯାଇଛନ୍ତି । ତାଙ୍କ ପଛରେ ପ୍ରୀତି ଜିନ୍‌ଟା, କରଣ ଦେଓ୍ୱଲ ଏବଂ ଖୁସି ହଜାରେ ଠିଆ ହୋଇଥିବାର ଦେଖାଯାଇଛନ୍ତି । ସେମାନଙ୍କ ମୁହଁରେ ସ୍ପଷ୍ଟ ଭାବେ ଭୟ ଏବଂ ବ୍ୟାକୁଳତା ଦେଖାଯାଉଛି । ଏ.ଆର୍. ରେହମାନଙ୍କ ହୃଦୟଛୁଆଁ ବ୍ୟାକଗ୍ରାଉଣ୍ଡ ମ୍ୟୁଜିକ ଦୃଶ୍ୟଗୁଡ଼ିକର ଭାବପ୍ରବଣତାକୁ ଆହୁରି ଗଭୀର କରୁଛି । ଫିଲ୍ମ ନିର୍ମାତା ଟିଜର୍ ସେୟାର୍ କରି ଲେଖିଛନ୍ତି, "ଘୃଣା ଏବଂ ଭୟର ପରିବେଶରେ, ସେମାନେ ସାହସର ମାର୍ଗ ବାଛିଲେ । ୧୪ ଅଗଷ୍ଟ, ୨୦୨୬ରେ ସିନେମା ହଲ୍‌ରେ 'ବଟୱାରା ୧୯୪୭' ଦେଖନ୍ତୁ ।" 'ବଟୱାରା ୧୯୪୭' ର ରିଲିଜ୍ ଦିନ ଇମ୍ରାନ୍ ହାସ୍‌ମୀଙ୍କ 'ଆୱାରପନ୍ ୨' ମଧ୍ୟ ମୁକ୍ତିଲାଭ କରିବ । ତେବେ ବକ୍ସ ଅଫିସ୍‌ରେ ସନ୍ନି କି ଇମ୍ରାନ୍ କିଏ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ମିନିଟ୍‌କରେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ରେକର୍ଡ

ଜର୍ମାନୀର ସ୍ପିଡ୍ ଇଟିଂ ଚାମ୍ପିୟନ୍ ଆଣ୍ଡ୍ରେ ଓର୍ଟୋଲ୍ଫ ପୁଣି ଥରେ ଏକ ଚମତ୍କାର କରି ଦେଖାଇଛନ୍ତି । ଏକ ମିନିଟ୍‌ରେ ସେ ୧୨୭୩ ଗ୍ରାମ୍ ମହୁ ପିଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି । ସେ ଏହି ରେକର୍ଡ ୨୬ ଜୁଲାଇ, ୨୦୨୫ ମସିହାରେ ଜର୍ମାନୀର ଆଗସ୍‌ବର୍ଗରେ କରିଥିଲେ । ଏହି ରେକର୍ଡ କରି ସେ ଏବେ ବିଶ୍ୱର ସବୁଠୁ ଶୀଘ୍ର ମହୁ ଖାଉଥିବା ବ୍ୟକ୍ତି ପାଲଟି ଯାଇଛନ୍ତି । ୧୨୭୩ ଗ୍ରାମ୍‌ର ମହୁ ଜଣେ ଖାଇବା ଅସମ୍ଭବ ଲାଗିବ । କାରଣ ଏଥିରେ ୪୦୦୦ କ୍ୟାଲୋରୀରୁ ଅଧିକ ଶର୍କରା ଥାଏ । ଏହାସତ୍ତ୍ୱେ ଆଣ୍ଡ୍ରେ ଏହାକୁ ଏତେ ଜୋର୍‌ରେ ପିଇ ଚାଲିଥିଲେ ଯେକେହି ଦେଖିଲେ ଆଶ୍ଚର୍ଯ୍ୟ ପ୍ରକାଶ କରିବେ । ତାଙ୍କର ଏହି କାରନାମାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ତାଙ୍କର ଏହି ରେକର୍ଡ ପରେ ଲୋକେ ତାଙ୍କୁ ହ୍ୟୁମାନ ବି, ମହୁ ରାଜା ନାମରେ ସମ୍ବୋଧନ କରୁଛନ୍ତି । ତେବେ ଆଣ୍ଡ୍ରେ ଜଣେ ପ୍ରଫେସନାଲ ରେକର୍ଡ ବ୍ରେକର୍ ଭାବେ ଜଣାଯାନ୍ତି । ସେ ଏହା ପୂର୍ବରୁ ମଧ୍ୟ ମିନଟକରେ ଅଧିକ ହଟ୍‌ସସ୍ ପିଇବା, ଦହି ଖାଇବା ଏବଂ ଅନ୍ୟାନ୍ୟ ଫୁଡ୍ ଚ୍ୟାଲେଞ୍ଜ କରି ଗିନିଜ୍ ରେକର୍ଡ କରିଛନ୍ତି । ଏନେଇ ଆଣ୍ଡ୍ରେଙ୍କ କହିବା କଥା, ସେ ଏହି ରେକର୍ଡ କରିବା ପାଇଁ ସ୍ୱତନ୍ତ୍ର ତାଲିମ ନିଅନ୍ତି । ପେଟର ଖାଦ୍ୟ କ୍ଷମତା ବୃଦ୍ଧି କରିବା, ଶ୍ୱାସକ୍ରିୟା ଧରି ରଖିବା କୌଶଳ, ଦ୍ରୁତବେଗରେ ଚୋବାଇବା ଏବଂ ଗିଳିବା ଆଦି ଅଭ୍ୟାସ ତାଙ୍କ ତାଲିମ୍‌ର ଅଂଶବିଶେଷ । ତେବେ ଗିନିଜ୍ ରେକର୍ଡ ପକ୍ଷରୁ ଏହି ରେକର୍ଡକୁ ନେଇ ସ୍ପଷ୍ଟ କରାଯାଇଛି । ତେବେ ନିୟମ ଅନୁଯାୟୀ, ମହୁକୁ ଘରୋଇ ତାପମାତ୍ରାରେ ରଖାଯାଇଥିଲା ଏବଂ ଆଣ୍ଡ୍ରେ କୌଣସି ସାହାଯ୍ୟ ବିନା ତାହାକୁ ଖାଇଥିଲେ । ରେକର୍ଡ କରିବା ପରେ ସେ ଏନେଇ ବେଶ୍ ଖୁସି ହୋଇଥିଲେ । ଅବଶ୍ୟ ଏତେ ମାତ୍ରାରେ ମହୁ ଖାଇବା ପରେ ତାଙ୍କ ମୁହଁ ଏବଂ ପୋଷାକ ଚିପ୍‌ଚିପା ହୋଇଯାଇଥିଲା । ତେବେ ଏହି ରେକର୍ଡ କରିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ସତର୍କ କରିଛନ୍ତି । ଏକାସାଥିରେ ଏତେମାତ୍ରାରେ ମହୁ ଖାଇଲେ ଏହା ଶରୀରକୁ ଭାରାକ୍ରାନ୍ତ କରିପାରେ । ଏପରିକି ଶରୀରରେ ରକ୍ତ ଶର୍କରା ମାତ୍ରା ଅଚାନକ ବଢ଼ିବା ଏବଂ ପେଟ ସହ ଦାନ୍ତରେ ସମସ୍ୟା ହେବାର ଆଶଙ୍କା ଥାଏ । ଏନେଇ ଆଣ୍ଡ୍ରେଙ୍କ କହିବା କଥା, ଏହି ଚ୍ୟାଲେଞ୍ଜ ପାଇଁ ସେ ନିଜକୁ ପ୍ରସ୍ତୁତ କରି ରଖିଥାନ୍ତି ଓ ରେକର୍ଡ ପରେ ସେ ଏଦିଗରେ ବେଶ୍ ଯତ୍ନ ନିଅନ୍ତି ।



## କମୁଛି ମଣିଷଙ୍କ ଗରମ ସହିବା ଶକ୍ତି



ଏବେ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି । ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଛି । ଏଭଳି ପରିସ୍ଥିତିରେ ଗରମରୁ ଆଶ୍ୱସ୍ତି ପାଇବା ଲାଗି ଏସି ରୁମ୍‌ରେ ଲୋକେ ରହିବାକୁ ପସନ୍ଦ କରୁଛନ୍ତି । ତେଣୁ ଏବେ ଅଫିସ୍ ହେଉ କି ଘର ହେଉ ବିନା ଏସିରେ ରହିବା ଲୋକଙ୍କ ପକ୍ଷେ ଏକପ୍ରକାର କଷ୍ଟକର ହୋଇ ପଡ଼ିଛି । ଲୋକଙ୍କର ଏଭଳି ଅଭ୍ୟାସକୁ ଦେଖି ଡାକ୍ତର ତଥା ଗବେଷକଙ୍କ କହିବା କଥା, ଲଗାତାର ଏସିରେ ରହିବା ଅଭ୍ୟାସ ଧୀରେ ଧୀରେ ମଣିଷର ଗରମ ସହିବାର ପ୍ରାକୃତିକ କ୍ଷମତାକୁ ଦୁର୍ବଳ କରିପାରେ । ମଣିଷର ଶରୀର ବଦଳୁଥିବା ପାଗ ଅନୁସାରେ ସେଭଳି ନିଜକୁ ପ୍ରସ୍ତୁତ କରିଥାଏ । ଯେତେବେଳେ ଜଣେ ଗରମ ପରିବେଶରେ ରୁହେ, ଶରୀରରୁ ଝାଳ ବହେ । ଏହିପରି ଭାବେ ମଣିଷ ଶରୀର ପ୍ରାକୃତିକ ଭାବେ ଥଣ୍ଡା ରଖିଥାଏ । ହେଲେ ଜଣେ ଯେତେବେଳେ ଅଧିକ ସମୟ ଏୟାର୍ କଣ୍ଡିସନର ରୁମ୍‌ରେ ଅତିବାହିତ କରନ୍ତି, ଏହି ପ୍ରାକୃତିକ କୁଲିଂ ସିଷ୍ଟମ ଦୁର୍ବଳ ହୋଇଯାଏ । ଏହାର ଅର୍ଥ ହେଉଛି, ଜଣେ ବ୍ୟକ୍ତି ଯେଉଁ ତାପମାତ୍ରାରେ ଅଧିକ ସମୟ ଅତିବାହିତ କରନ୍ତି, ଶରୀର ସେହି ତାପମାତ୍ରାରେ ରହିବାରେ ଅଭ୍ୟସ୍ତ ହୋଇଯାଏ । ଜଣେ ସବୁବେଳେ ଏସିରେ ରହିଲେ, ଅଳ୍ପ ଗରମ ବି ଅସହନୀୟ ଲାଗିବ । ଏହି କାରଣ ଯୋଗୁଁ ଏବେ ଲୋକେ ଅଳ୍ପ ସମୟ ପାଇଁ ବିଦ୍ୟୁତ୍ କାଟ୍ ହେଲେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି । ସେହିପରି ଡାକ୍ତରଙ୍କ ମତରେ ଆବଶ୍ୟକତାଠାରୁ ଅଧିକ ଏସି ବ୍ୟବହାର ଯୋଗୁଁ ଶରୀର ଶୁଷ୍କ ହୋଇ ଯାଉଛି । ଦୀର୍ଘ ସମୟ ଧରି ଏସିରେ ରହୁଥିବା ଲୋକଙ୍କଠାରେ ଶୁଷ୍କ ତ୍ୱଚା, ଆଖି ଜଳାପୋଡ଼ା, ଗଳା ଶୁଖିଯିବା ଭଳି ସମସ୍ୟା ଦେଖା ଦିଏ । ସେହିଭଳି ଅନେକ ଗବେଷଣାରୁ ଜଣାପଡ଼ିଛି, ଯେଉଁ ଅଫିସ୍‌ଗୁଡ଼ିକରେ ପ୍ରାକୃତିକ ଆଲୋକ ଓ ପବନ ପଶିପାରୁନାହିଁ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଶ୍ୱାସକ୍ରିୟା ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ ।

## ଖାଆନ୍ତୁନି ଏକ୍ସପାଏରୀ ଔଷଧ



ଶାରୀରିକ ସମସ୍ୟାରୁ ମୁକ୍ତି ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିଥାଏ । ପ୍ରଥମତଃ ଆଶୁ ଆରୋଗ୍ୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ । ଔଷଧ ସେବନ କରି ଲୋକେ ସୁସ୍ଥ ହୋଇଥାଆନ୍ତି । ହେଲେ ଅନେକ ସମୟରେ ଲୋକେ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇ ଦେଇଥାନ୍ତି । ଏଥିଯୋଗୁଁ ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ତେଣୁ ଏକ୍ସପାଏରୀ ହୋଇଯାଇଥିବା ଔଷଧ ଖାଇବା ଅନୁଚିତ ।

ସାଧାରଣତଃ ପ୍ରତ୍ୟେକ ଔଷଧରେ କମ୍ପାନୀ ତରଫରୁ ତାର ଏକ୍ସପାଏରୀ ତାରିଖର ସୁରକ୍ଷା ସୀମା ରଖାଯାଏ । ହେଲେ ଔଷଧ ଯଦି ଏକ୍ସପାଏରୀ ହୋଇଯାଏ ଏହାକୁ ଖାଇଲେ ଶରୀରରେ କିଛି ପାର୍ଶ୍ୱ ପତିକ୍ରିୟା ଦେଖାଯାଇଥାଏ । ସେହିଭଳି ପ୍ରତ୍ୟେକ ଔଷଧର ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରୟା ରହିଥାଏ ।

### ଏକ୍ସପାଏରୀ ଔଷଧର କାମ କରିବା କ୍ଷମତା ହ୍ରାସ ପାଏ

କିଛି ଲୋକ ଅଜାଣତରେ ଏକ୍ସପାଏରୀ ଔଷଧ ଖାଇଥାନ୍ତି । ଏକ୍ସପାଏରୀ ତାରିଖ ସରି ଯାଇଥାଇଥିବାରୁ ଔଷଧ କାମ ଦିଏ ନାହିଁ । କାରଣ ଯେକୌଣସି ନିର୍ଦ୍ଦିଷ୍ଟ ଔଷଧ ଖାଇବାର ତାହାର ମାତ୍ରା ବା ଡୋଜ୍ ରହିଥାଏ । ହେଲେ ଏକ୍ସପାଏରୀ ତାରିଖ ପରେ ସମାନ ଔଷଧରେ ମାତ୍ରା ଓ କାମ କରିବାର କ୍ଷମତା ହ୍ରାସ ପାଏ । ପ୍ରତ୍ୟେକ ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ଔଷଧ କିଣିବା ଏବଂ ଖାଇବା ପୂର୍ବରୁ ତାର ଏକ୍ସପାଏରୀ ତାରିଖ ଯାଞ୍ଚ କରିବା ନିହାତି ଜରୁରି । ଏକ୍ସପାଏରୀ ଔଷଧକୁ ଫିଙ୍ଗି ଦିଅନ୍ତୁ । ଭୁଲ୍‌ରେ ଏକ୍ସପାଏରୀ ଔଷଧ ଖାଇଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ ।

- ଡାକ୍ତର ଦୀପକ ରଞ୍ଜନ ଦାସ
ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମ ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, କଟକ

### ଏକ୍ସପାଏରୀ ଔଷଧ ଖାଇବା ଅନୁଚିତ

ଔଷଧର ମାତ୍ରା ବୟସ, ଓଜନ, ରୋଗର ଗମ୍ଭୀରତା ଏବଂ ସ୍ୱାସ୍ଥ୍ୟଗତ ଅବସ୍ଥା ଉପରେ ନିର୍ଭର କରିଥାଏ । ହେଲେ ଔଷଧର ଯେତିକି ମାତ୍ରା ଥାଏ, ଉଦାହରଣ ସ୍ୱରୂପ ୫ ମିଲି ଗ୍ରାମ୍ କିମ୍ବା ଅନ୍ୟାନ୍ୟ ମାତ୍ରା ତାହା ଏକ୍ସପାଏରୀ ଔଷଧରେ ବେଶ୍ କମ୍ ରହିବାର ଆଶଙ୍କା ଥାଏ । ଏହି ଔଷଧର ଗୁଣବତ୍ତା ଓ ତାହାର ନିର୍ଦ୍ଦିଷ୍ଟ ମାନକ ମାତ୍ରା ହ୍ରାସ ପାଇଥାଏ । ଫଳରେ ଜଣେ ବ୍ୟକ୍ତି ଜ୍ୱର, କର୍କଟ, ସଂକ୍ରମଣ ତଥା ଅନ୍ୟାନ୍ୟ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଔଷଧ ସେବନ କରୁଥିଲେ ସେଥିରେ ଉପଶମ ମିଳେନାହିଁ । ଏହାଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇପାରେ । ସେଥିପାଇଁ ସର୍ବଦା ଏକ୍ସପାଏରୀ ତାରିଖ ଦେଖି ଔଷଧ କିଣିବା ଓ ଖାଇବା ଆବଶ୍ୟକ ।

ପ୍ରଫେସର ଡା. ଚିରରଞ୍ଜନ ଖାଡ଼ଙ୍ଗା,
ସିନିୟର କନ୍‌ସଲଟାଣ୍ଟ, ରେଡିଏସନ୍ ଅଙ୍କୋଲୋଜି
ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର

## ସଞ୍ଜୀବନୀ



### ପିକା ଡିଜ୍‌ଅର୍ଡର



ଅଧିକାଂଶ ପିଲାମାନେ ଚକ୍, ଇଟାଗୁଣ୍ଡ, ପାଉଁଶ, କାଗଜ କିମ୍ବା ମାଟି ଖାଇ ଦିଅନ୍ତି । ପିଲାଙ୍କ ଏହି ଅଭ୍ୟାସକୁ ଅନେକ ସାଧାରଣ ଭାବିଥାନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଶରୀରରେ ଲୌହସାର ଅଭାବରୁ ଏହି ସମସ୍ୟା ଦେଖାଯାଏ । ଏହାକୁ ପିକା ଡିଜ୍‌ଅର୍ଡର କୁହାଯାଏ । ବେଳେ ବେଳେ ଗର୍ଭବତୀ ମହିଳା ଏବଂ ରକ୍ତହୀନତା ପୀଡ଼ିତଙ୍କଠାରେ ଏହି ଲକ୍ଷଣ ଦେଖାଯାଏ ।

ଲୌହସାର ଅଭାବରୁ ଶରୀର ଏବଂ ମସ୍ତିଷ୍କର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥାଏ । ଫଳରେ ପିଲା ମାଟି, ଚକ୍, ପାଉଁଶ, କାଗଜ ଆଦି ଖାଇବାକୁ ଇଚ୍ଛା କରନ୍ତି । ପିକା ଡିଜ୍‌ଅର୍ଡର ଯୋଗୁଁ ଶରୀରରେ ରକ୍ତହୀନତା ଲକ୍ଷଣ ଦେଖାଯାଏ । ତେଣୁ ପିଲାଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଆବଶ୍ୟକ । ଏପରିସ୍ଥିତିରେ ଡାକ୍ତର ଲୌହସାର ପରୀକ୍ଷା କରିବାକୁ ପରାମର୍ଶ ଦିଅନ୍ତି । ଏହାସହ ପିତାମାତା ପିଲାଙ୍କ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣି ପାରିବେ । ପିଲାଙ୍କୁ ଲୌହସାରଯୁକ୍ତ ଖାଦ୍ୟ ଯଥା- ସବୁଜ ପନିପରିବା, ଚଣା ଡାଲି, ଗୁଡ଼, ଶସ୍ୟ, କିସ୍‌ମିସ୍, ଖଜୁରୀ, ସୋୟାବିନ୍, ଅଣ୍ଡା, ମାଂସ ଏବଂ ମାଛ ଆଦି ଖାଇବାକୁ ଦେବା ଏକାନ୍ତ ଆବଶ୍ୟକ ।

### ନିୟନ୍ତ୍ରଣରେ ରହିବ କୋଲେଷ୍ଟ୍ରଲ୍



ବିଶୃଙ୍ଖଳିତ ଜୀବନଶୈଳୀ, ଲଗାତାର ବସି ରହି କାମ କରିବା, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ କମ୍ ବୟସରୁ ଲୋକଙ୍କର କୋଲେଷ୍ଟ୍ରଲ୍ ମାତ୍ରା ଅଧିକ ରହୁଛି । ଶରୀରରେ ଖରାପ କୋଲେଷ୍ଟ୍ରଲ ବଢ଼ିଲେ ଧମନୀରେ ପ୍ଲାକ୍ ଜମା ହୁଏ । ଏହାଦ୍ୱାରା ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଆଶଙ୍କା ବଢ଼ିଯାଏ । ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଖାଦ୍ୟରେ ସବୁଜ ପନିପରିବା ସାମିଲ କରି ପାରିବେ । କୋଲେଷ୍ଟ୍ରଲ୍ ଅଧିକ ରହୁଥିଲେ ଖାଦ୍ୟରେ ବ୍ରୋକୋଲି, ଫୁଲକୋବି, ଗାଜର, କଦଳୀ, ସହିତ ତଟକା ଫଳ, ଓଟ୍ସ, ଅଖରୋଟ ଖାଇବା ହିତକର । ଏଥିରେ ଭିଟାମିନ୍ ଏ, ସି, କେ, ପୋଟାସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ ଆଦି ଥିବାରୁ ଏହା ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଭଲ । ହୃଦୟ ଚର୍ବି ମୁକ୍ତ ରୁହେ । କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରୁହେ । ସକାଳୁ ଖାଲି ପେଟରେ କ୍ୱିଓ ଖାଇବା ଦ୍ୱାରା କୋଲେଷ୍ଟ୍ରଲସ୍ତର ନିୟନ୍ତ୍ରିତ ରହିଥାଏ । ଦୈନିକ ୩୦ ମିନିଟ୍ ଚାଲିବା ବା ଯୋଗାସନ କରି ପାରିବେ । ଲିପିଡ୍ ପ୍ରୋଫାଇଲ୍ ରକ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା ଆବଶ୍ୟକ ।

### ଘର ବଇଦ

#### ଯାଦୁର ଉପଚାର

- ଚାକୁଣ୍ଡା ମଞ୍ଜି, ଗନ୍ଧକ ଲେମ୍ବୁରସରେ ଉତ୍ତମ ରୂପେ ମର୍ଦ୍ଦନ କରି ଯାଦୁରେ ଦିନ ମଧ୍ୟରେ ୫ଥର ଲଗାଇଲେ ଦୁଇ ଦିନରେ ଯାଦୁ ଭଲ ହୁଏ ।
- ଝୁଣା, ଟାଙ୍ଗଣା, ଗନ୍ଧକ, ଫିଟିକିରି ସମଭାଗ କରି ପାଣିରେ ବାଟି ପ୍ରଲେପ ଦେଲେ ଅଳ୍ପ ଦିନରେ ଯାଦୁ ଭଲ ହୁଏ ।
- ମନଃଶିଳା, ରାଶିତେଲ, ଅରଖ କ୍ଷୀର ସମଭାଗ ବାଟି ଲଗାଇଲେ ଯାଦୁ ଭଲ ହୋଇଥାଏ ।
- ଚାକୁଣ୍ଡା ମଞ୍ଜି ଓ କୁଡ଼ ସମଭାଗ ଗୋମୂତ୍ରରେ ବାଟି ଲେପ ଦେବା ଫଳପ୍ରଦ ।

କେବଳ ଚାକୁଣ୍ଡାଚେରକୁ ବାଟି କିଛି ଦିନ ଲଗାଇଲେ ଯାଦୁ ଭଲ ହୋଇଯାଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ଓଷ୍ଟିଓପୋରୋସିସ୍

ଅତ୍ୟାଧୁନିକ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଚିନ୍ତା ଆଦି ବିଭିନ୍ନ କାରଣରୁ ହାଡ଼ ଜନିତ ସମସ୍ୟା ଦେଖାଯାଉଛି । ବୟସ ବଢ଼ିଲେ ହାଡ଼ରେ ଛିଦ୍ର ହୋଇ ଫମ୍ପା ହୋଇଯାଏ । ହାଡ଼ ଦୁର୍ବଳ ହୋଇଥାଏ । ସାମାନ୍ୟ ଆଘାତ ଲାଗିଲେ ବି ହାଡ଼ ଭାଙ୍ଗିବାର ଆଶଙ୍କା ଥାଏ । ଏହାକୁ ଅଷ୍ଟିଓପୋରୋସିସ୍ କୁହାଯାଏ । ମହିଳାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ । ମୁଖ୍ୟତଃ ହାଡ଼ ଦୁର୍ବଳ ହେଉଛି କି ନାହିଁ, ଏହା ଭାଙ୍ଗିବାର ଆଶଙ୍କା ଅଛି କି ନାହିଁ, ଅସ୍ଥିର ଘନତ୍ୱ, ମିନେରାଲ୍ ଏବଂ ଏହାର ସ୍ଥିତିକୁ ଆକଳନ କରିବାକୁ ବୋନ୍ ମିନେରାଲ ଡେନ୍‌ସିଟି (ବିଏମ୍‌ଡି) ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା । ଏହି ପରୀକ୍ଷା ଅସ୍ଥି ମଧ୍ୟରେ କ୍ୟାଲସିୟମ୍ ଏବଂ ଅନ୍ୟ ମିନେରାଲ୍‌କୁ ମାପିଥାଏ । ବିଏମ୍‌ଡି ପରୀକ୍ଷାରେ କମ୍ ତୀବ୍ରତା ଏକ୍ସରେ ବ୍ୟବହାର କରି ମେରୁଦଣ୍ଡ, ହାତର ହାଡ଼, ନିତମ୍ବ ଅସ୍ଥି ପରୀକ୍ଷା କରାଯାଏ । ଏହା ଏକ ଯନ୍ତ୍ରଣାମୁକ୍ତ ପରୀକ୍ଷା । ପରୀକ୍ଷାରେ ଟିସ୍କୋର -୧ ଏବଂ -୨.୫ ମଧ୍ୟରେ ରହିବା ଅଷ୍ଟିଓପେନିଆକୁ ଦର୍ଶାଉଥିବାବେଳେ -୨.୫ରୁ -୫ରୁ କମ୍ ରହିବା ଅଷ୍ଟିଓପୋରୋସିସ୍‌କୁ ସୂଚାଇଥାଏ । ମେନୋପଜ ପରେ ମହିଳାମାନେ ଅଷ୍ଟିଓପୋରୋସିସ୍‌ରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି । ଡାକ୍ତରଙ୍କ ପରାମର୍ଶରେ ଏହି ପରୀକ୍ଷା କଲେ ହାଡ଼ ଭାଙ୍ଗିବା ଆଶଙ୍କା ହ୍ରାସ ପାଏ । ସାମାନ୍ୟ ଆଘାତରେ ଅସ୍ଥି ଭାଙ୍ଗୁଥିଲେ, ବାରମ୍ବାର ଫ୍ରାକ୍‌ଚର ହେଉଥିଲେ, ଷ୍ଟେରଏଡ୍ ସେବନ କରୁଥିବା ବ୍ୟକ୍ତି ଏହି ଟେଷ୍ଟ କରିବା ଆବଶ୍ୟକ । ପୂର୍ବରୁ ହାଡ଼ ସମସ୍ୟା ଥିଲେ ସତର୍କତା ଅବଲମ୍ବନ ଓ ନିୟମିତ ପରୀକ୍ଷା ଆବଶ୍ୟକ । ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରି ପାରିବେ ।